


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୧ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 21 MARCH 2021

Vol.No. 32 ■ No. 76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୦/୦୩(ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ଅର୍ଥାତ୍ ୨୧ ତାରିଖ ରବିବାର ସକାଳ ୮ଟା୩୦ରୁ ୨୨ତାରିଖ ସୋମବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ରାଜ୍ୟର ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି, କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ୱା ଦୁଇଟି ସ୍ଥାନରେ ହାଲୁକା କିମ୍ୱା ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବରଗଡ, ନୂଆପଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଂଜ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ସହ କାଳବୈଶାଖୀର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଗଜପତି ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨୦/୦୩(ନି.ପ୍ର): କୋଷ୍ଟାଲ କର୍ପୋରେସନ୍ କୁ ଗଜପତି ଜିଲ୍ଲାରେ ସେମାନଙ୍କର ଏକ ୟୁନିଟ୍ ସ୍ଥାପନରେ ସମୟୋଚିତ ସହଯୋଗ ଯୋଗାଇ ଦେଇଥିବାରୁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ପ୍ରଶାସନର ଦ୍ରୁତ କାର୍ଯ୍ୟାନୁଷ୍ଠାନ ଏବଂ ଉପଯୁକ୍ତ ଜମି ଚିହ୍ନଟ ଯୋଗୁଁ ଓଡ଼ିଶା ଏହି ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷଣ କରିପାରିଛି ବୋଲି ସେ କହିଛନ୍ତି ।

# ତିନିଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

## ଏନ୍ଆଇଟିର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଆଜି



ଭୁବନେଶ୍ୱର,୨୦/୦୩ (ନି.ପ୍ର): ଭାରତର ରାଷ୍ଟ୍ରପତି ଆଜି ସନ୍ଧ୍ୟା ୬ଟାରେ ଏକ ତିନିଦିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ପହଂଚିଛନ୍ତି। ତାଙ୍କ ସାଙ୍ଗରେ ତାଙ୍କ ପତ୍ନୀ ସବିତା କୋବିନ୍ଦ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରରେ ପହଂଚିଛନ୍ତି। ବିମାନଘାଟୀ ଠାରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍, ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ। ଏହାବ୍ୟତୀତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ସ୍ୱାଗତ ଜଣାଇଥିଲେ। ରାଷ୍ଟ୍ରପତି ରାଜଭବନ ଠାରେ ଆଜି ରାତ୍ରୀଯାପନ କରିବେ। ଆସନ୍ତାକାଲି ରାଉରକେଲା ଗସ୍ତରେ ଯିବେ। ସେଠାରେ ଥିବା ଏନ୍ଆଇଟିର ସମାବର୍ତନ ଉତ୍ସବରେ ଯୋଗଦେବେ। ଏହାପରେ ଆଇଜିଏଚ୍‌ରେ ସୁପର ସ୍ପେସାଲିଟି ହସ୍ପିଟାଲ୍‌ର ଉଦ୍‌ଘାଟନ କରିବେ। ୨୨ ତାରିଖ ଦିନ ପୁରୀ ଏବଂ କୋଣାର୍କ ଗସ୍ତରେ ଯାଇ ଜଗନ୍ନାଥ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱର, ରାଉରକେଲା ଏବଂ ପୁରୀ ଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୩୦ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯାଇଛି।

# ରାଜ୍ୟରେ ବଢ଼ିଲାଣି କରୋନା ସଂକ୍ରମଣ

## ସତର୍କତା ନେଇ ଆଗକୁ ଜୋରଦାର ହେବ ଚେକିଂ ଓ ଚଢ଼ାଉ



ଭୁବନେଶ୍ୱର,୨୦/୦୩(ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଲାଣି । ଦେଶରେ କିଛି ରାଜ୍ୟରେ ଦ୍ୱିତୀୟ ଲହରି ମଧ ଆରମ୍ଭ ହେଲାଣି । ତେଣୁ ଆଗକୁ ଜୋରଦାର ଚେକିଂ ଏବଂ ଚଢ଼ାଉ ହେବ ବୋଲି କହିଛନ୍ତି ଏସଆରସି ପ୍ରଦୀପ୍ତ ଜେନା । ରାଜ୍ୟରେ ଏବେ ହୋଲି ଓ ଦୋଳ ପାଇଁ କଟକଣା ଜାରି ହୋଇଛି । ଏହାସହ ଚେକିଂ ଜୋରଦାର କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କରୋନା ଯାଇନି ପୁଣି ଆସିଲାଣି ତେଣୁ ସମ୍ବେଦନଶୀଳ ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି । ବିମାନ ବନ୍ଦରରେ ମଧ ସମସ୍ତ ଯାତ୍ରୀଙ୍କ ସ୍କ୍ରିନିଂ କରାଯାଉଛି । ଏହାସହ ସରପଂଚଙ୍କୁ କୁହାଯାଇଛି ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖି ତଥ୍ୟ ଦେବା ପାଇଁ । ଓଡ଼ିଶାରେ ନାଇଟ କର୍ଫ୍ୟୁ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଏସଆରସି ପ୍ରଦୀପ୍ତ ଜେନା ।

# ଦୋଳ, ହୋଲି ପାଇଁ ବିଏମସିର କଟକଣା

## ସର୍ବସାଧାରଣରେ ହୋଲି ଖେଳିବା ମନା, ଦୋଳ ବିମାନ ସହ ସର୍ବାଧିକ ୫ରୁ ୬ଜଣଙ୍କୁ ଅନୁମତି



ଭୁବନେଶ୍ୱର,୨୦/୦୩ (ନି.ପ୍ର): ଦୋଳଯାତ୍ରା ଓ ହୋଲି ପର୍ବ ପାଳନ ନେଇ କଟକଣା ଜାରି କରିଛି ଭୁବନେଶ୍ୱର ମହାନଗର ନିଗମ। ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ ଦୋଳ ଓ ହୋଲି ପାଇଁ ପୃଥକ ପୃଥକ୍ ନିୟମ ରହିବ। ରାଜଧାନୀରେ ସର୍ବସାଧାରଣରେ ହୋଲି ଖେଳିବା ମନା। ନିଜ ଘରେ ପରିବାର ସଦସ୍ୟଙ୍କ ସହ ଲୋକେ ହୋଲି ଖେଳିପାରିବେ। ତେବେ ରାଜଧାନୀରେ ରଙ୍ଗ ଦୋକାନ ଖୋଲିବା ନେଇ କିଛି କଟକଣା ନାହିଁ। ସେହିପରି ଦୋଳଯାତ୍ରାରେ ପ୍ରତ୍ୟେକ ବିମାନ ସହ ସର୍ବାଧିକ ୫ରୁ୬ଜଣଙ୍କୁ ଅନୁମତି ଦିଆଯାଇଛି। ଏସଆରସିଙ୍କ ଦ୍ୱାରା ଜାରି ଗାଇଡ଼ଲାଇନକୁ କଡ଼ାକଡ଼ି ପାଳନ କରାଯିବ ବୋଲି ସେ କହିଛନ୍ତି । ଦୋଳରେ ମେଳଣ ସ୍ଥାନରେ ପର୍ଯ୍ୟାୟ କ୍ରମେ ବିମାନ ଆସିବ। ମେଳଣରେ ମଧ ସର୍ବାଧିକ ୬୦ଜଣଙ୍କୁ ଅନୁମତି ଦିଆଯିବ। ଏଥିପାଇଁ ଆୟୋଜକ ସ୍ୱତନ୍ତ୍ର ଭାବେ ଆବେଦନ କରି ଅନୁମତି ନେବେ । କରୋନା ସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ ରାଜ୍ୟରେ ଗତକାଲି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଶହେ ପାର କରିଛି। ଉଭୟ କଟକ ଓ ଭୁବନେଶ୍ୱରରେ ସଂଖ୍ୟା ବୃଦ୍ଧି ପାଇଛି। ଏଣୁ ଅସାବଧାନତା ନୁହଁ ବରଂ ସଚେତନତା ଓ ସତର୍କତା ଅବଲମ୍ବନ କରିବା ଜରୁରୀ। ଭୁବନେଶ୍ୱରରେ ଦୁଇଜଣ ବିଦେଶୀ ଫେରନ୍ତା ପଜିଟିଭ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଭଲ ଅଛି ବୋଲି ବିଏମସି କମିଶନର ସୂଚନା ଦେଇଛନ୍ତି।

# ଓଡ଼ିଆ ପିଲାଙ୍କ ବୌଦ୍ଧିକ କ୍ଷମତାରେ ବ୍ୟବସାୟର ପେଣ୍ଠସ୍ଥଳି ହେବ ଓଡ଼ିଶା : ଧର୍ମେନ୍ଦ୍ର



ଭୁବନେଶ୍ୱର,୨୦/୦୩ (ନି.ପ୍ର): ଓଡ଼ିଶାର ପିଲା ମାନଙ୍କ ବୌଦ୍ଧିକ କ୍ଷମତା ମାଧ୍ୟମରେ ରାଜ୍ୟରେ ଥିବା ବ୍ୟବସାୟ ସମ୍ଭାବନାର ସମ୍ପୂର୍ଣ୍ଣ ଉପଯୋଗ କରିପାରିଲେ ହିଁ ଓଡ଼ିଶା ଏକବିଂଶ ଶତାବ୍ଦୀରେ ବ୍ୟବସାୟର ପେଣ୍ଠସ୍ଥଳି ହୋଇପାରିବ ବୋଲି ଶନିବାର ଓଡିଶାର ଦୈନିକ ଖବରକାଗଜ ଓଡ଼ିଶା ପୋଷ୍ଟ ଏବଂ ଧରିତ୍ରୀ ପକ୍ଷରୁ ଆୟୋଜିତ 'ବିଜନେସ୍ ଏମିନେନ୍ସ ଆୱାର୍ଡ୍ସ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଏହି ଅବସରରେ ବ୍ୟବସାୟ କ୍ଷେତ୍ରରେ ଓଡ଼ିଶାରେ ଥିବା ଅପାର ସମ୍ଭାବନା, ନୂଆ ଉଦ୍ୟମୀଙ୍କ ଭୂମିକା, ୱେଲଥ କ୍ରିଏସନ, ୨୦୩୬ ସୁଦ୍ଧା ଓଡ଼ିଆ ସମାଜର ଦାୟିତ୍ୱ କଣ ହେବା ଦରକାର ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ ପୂର୍ବକାଳରେ ଓଡିଶାର ବ୍ୟବସାୟୀମାନେ ନୌବାଣିଜ୍ୟ ମାଧ୍ୟମରେ ଦକ୍ଷିଣ-ପୂର୍ବ ଏସିଆ, ଶ୍ରୀଲଙ୍କା, ଚୀନ ତଥା ଆଫ୍ରିକା ଏବଂ ୟୁରୋପୀୟ ଉପମହାଦେଶ ସହ ବାଣିଜ୍ୟ ବ୍ୟାପାର କରୁଥିଲେ । ବର୍ତ୍ତମାନ ସମୟରେ ମଧ୍ୟ ଓଡ଼ିଶାରେ ବୃହତମ ଲୁହାପଥର, ଇସ୍ପାତ, ଆଲୁମିନିୟମ, କ୍ରୋମାଇଟ୍, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ ଏବଂ ଇଲିମିନାଇଟ, ରୁଟିଲ, ଗାରନେଟ୍, ରୁଥେନିୟମ, ରୋଡିୟମ, ପ୍ଲାଟିନମ୍ ଭଳି ଖଣିଜ ଓ ଧାତବ ପଦାର୍ଥ ପଦାର୍ଥ ଗଚ୍ଛିତ ରହିଛି ।

▶▶ପୃଷ୍ଠା ୭

## କଟକର ଏକ ଘରୋଇ ସ୍କୁଲରୁ ୧୭ କରୋନା ପଜିଟିଭ ଚିହ୍ନଟ ଘଟଣା

# ଚିହ୍ନଟ ୧୭ ପଜିଟିଭଙ୍କ ପଣ୍ଡିଚେରି ଲିଙ୍କ ସନ୍ଦେହ

କଟକ, ୨୦/୦୩ (ନି.ପ୍ର): କଟକରେ ବୃଦ୍ଧି ପାଇବାରେ ଲାଗିଛି କରୋନା ସଂକ୍ରମଣ । ଆଜି ପୁଣି ଏକ ଘରୋଇ ସ୍କୁଲରୁ ୧୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ ଶେଷ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରଖିବାକୁ ସିଏମସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ଚିହ୍ନଟ ହୋଇଥିବା ୧୭ ପଜିଟିଭ ପଣ୍ଡିଚେରି ଲିଙ୍କ ସନ୍ଦେହ କରାଯାଉଛି । ୩୫ ସାମ୍ପୁଲ ଟେଷ୍ଟରୁ ୧୭ ପଜିଟିଭ ଥିବା ଜଣାପଡିଛି । ସମସ୍ତଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଛି, କଣ୍ଟାକ୍ଟ ଟ୍ରେସିଂ ଚାଲିଛି, ସିଏମସି ପକ୍ଷରୁ ସୂଚନା । ୩ ଦିନରେ ମୋଟ୍ ୪୩ ଜଣ କରୋନା ଆକ୍ରାନ୍ତ କେବଳ ଏହି ସ୍କୁଲରୁ ବାହାରିଲେଣି । ପ୍ରଥମ ଦିନ ଏହି ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏହାପରେ ଗତକାଲି ପୁଣି ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଘରୋଇ ସ୍କୁଲ ହଷ୍ଟେଲରୁ ୩ ଦିନରେ ପ୍ରାୟ ୪୩ ପଜିଟିଭ୍ ଚିହ୍ନଟ ହେବା ପରେ ସଂକ୍ରମଣକୁ ନେଇ କଟକ ମହାନଗର ନିଗମର ଚିନ୍ତା ବଢିଯାଇଛି ।

## ଗାଡି ଚାଳକଙ୍କ ପାଇଁ ବଡ ଖବର

# ଜୁନ ୩୦ ଯାଏଁ ବଢିଲା ଚାଳକଙ୍କ ଲର୍ଣ୍ଣର୍ସ ଲାଇସେନ୍ସ ଅବଧି



ଭୁବନେଶ୍ୱର,୨୦/୦୩(ନି.ପ୍ର): ଗାଡି ଚାଳକଙ୍କ ପାଇଁ ବଡ ଖବର । ବଢ଼ିଲା ଲର୍ଣ୍ଣର୍ସ ଲାଇସେନ୍ସ ବୈଧତା ଅବଧି । ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବା ଲାଗି ରାଜ୍ୟ ସରକାର ଏହି ଅବଧିକୁ ଆସନ୍ତା ଜୁନ ୩୦ ଯାଏଁ ବ ?ଦ୍ଧି କରିଛନ୍ତି । ଏନେଇ ରାଜ୍ୟ ପରିବହନ ବିଭାଗ (ଏସ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଯେଉଁମାନଙ୍କ ଲର୍ଣ୍ଣର୍ସ ଲାଇସେନ୍ସ ଅବଧି ସରୁଥିଲେ ବି ଏହାକୁ ବୈଧ ଧରାଯିବ । ଡିଏଲ ପାଇଁ ଅନେକ ଲର୍ଣ୍ଣର୍ସ ଲାଇସେନ୍ସ ଚାଳକ ଅପେକ୍ଷାରେ ଅଛନ୍ତି । କୋଭିଡକୁ ଦୃଷ୍ଟିରେ ରଖି ପରିବହନ କମିଶନର ନିଷ୍ପତ୍ତି ନେଇଛନ୍ତି । ପୂର୍ବରୁ ମାର୍ଚ୍ଚ ମାସ ୩୧ ତାରିଖ ଲର୍ଣ୍ଣର୍ସ ଲାଇସେନ୍ସ ଅବଧି ବୃଦ୍ଧି କରାଯାଇଥିଲା । ଏବେ ଏହାକୁ ଜୁନ ୩୦ ଯାଏଁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ଏହି ସମୟ ମଧ୍ୟରେ ଲର୍ଣ୍ଣର୍ସ ଲାଇସେନ୍ସ ଧାରୀ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିପାରିବେ । କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂଆ ଗାଡ଼ି ଚାଳକଙ୍କ ପାଇଁ ଏଭଳି ସୁବିଧା ଆଣିଥିବା ଏସ୍‌ଟିଏ ପକ୍ଷରୁ ସୂଚନା ମିଳିଛି।

# ୨୪ ଘଂଟାରେ ୧୨୦ ପଜିଟିଭ୍ ଚିହ୍ନଟ : କଟକରୁ ସର୍ବାଧିକ ୨୬

ଭୁବନେଶ୍ୱର,୨୦/୦୩ (ନି.ପ୍ର): ରାଜ୍ୟରେକରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗତକାଲି ୧୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଆଜି ରାଜ୍ୟରେ ପୁଣି ୧୨୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୧ ଜଣ ସଂଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪୯ ଜଣ ସ୍ଥାନୀୟ ସଂକ୍ରମିତ। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୩ ଲକ୍ଷ ୩୮ ହଜାର ୭୧୯ରେ ପହଂଚିଛି। ଏବେ ସୁଦ୍ଧା ସୁସ୍ଥ ହୋଇ ସାରିଲେଣି ୩ ଲକ୍ଷ ୩୫ ହଜାର ୯୯୪ ଜଣ ଓ ଏବେ ବି ସକ୍ରିୟ ଅଛନ୍ତି ୭୫୪ ଜଣ ଆକ୍ରାନ୍ତ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪ ଜଣ, ବରଗଡ଼ରୁ ଜଣେ, ଭଦ୍ରକରୁ ୩ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୨୬ ଜଣ, ଢେଙ୍କାନାଳରୁ ଜଣେ, ଗଞ୍ଜାମରୁ ୪ ଜଣ, ଜଗତ୍‌ସିଂହପୁରରୁ ଜଣେ, ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ଜଣେ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ଜଣେ, ଖୋର୍ଦ୍ଧାରୁ ୧୪ ଜଣ, ମୟୂରଭଞ୍ଜରୁ ୧୫ ଜଣ, ନବରଙ୍ଗପୁରରୁ ଜଣେ, ନୂଆପଡ଼ାରୁ ଜଣେ, ପୁରୀରୁ ୩ ଜଣ, ରାୟଗଡ଼ାରୁ ୩ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୧୬ ଜଣ ଓ ଷ୍ଟେଟ୍‌ପୁଲ୍ ରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ବିଶ୍ୱ ପଖାଳ ଦିବସ ପାଳିତ

## ଓଡିଆ ଘରର ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବାକୁ ୨୦୧୧ ମାର୍ଚ୍ଚ ୨୦ରୁ ହେଉଛି ପାଳନ



ଭୁବନେଶ୍ୱର,୨୦/୦୩(ନି.ପ୍ର): ଆଜି ବିଶ୍ୱ ପଖାଳ ଦିବସ । କେବଳ ଦେଶ କିଂବା ରାଜ୍ୟ ନୁହଁ, ବିଦେଶରେ ମଧ ରହିଥିବା ପ୍ରବାସୀ ଓଡିଆ ପାଳନ କରୁଛନ୍ତି ପଖାଳ ଦିବସ । ଅଷ୍ଟ୍ରେଲିଆର ସିଡନୀରେ ପାଳନ ହୋଇଛି ପଖାଳ ଦିବସ । ମାରିଜସ୍ୱାରେ ଥିବା ପ୍ରବାସୀ ଓଡିଆ ଏକାଠି ହୋଇ ଏହି ପଖାଳ ଦିବସକୁ ପାଳନ କରିଛନ୍ତି । ବିଦେଶ ମାଟିରେ ଏକାଠି ହୋଇ ସମସ୍ତ ଓଡିଆ ପଖାଳ ଖାଇବାର ସ୍ୱାଦ ନିଆରା ବୋଲି କହିଛନ୍ତି । ଏହି ଅବସରରେ ପଖାଳ, ଦହି, ବଡିଚୁରା ପରି ପାରମ୍ପରିକ ଓଡିଆ ଘରର ଖାଦ୍ୟକୁ ବିଦେଶରେ ଏକାଠି ଖାଇଥିଲେ ଓଡିଆ ମାନେ । ଓଡିଶାର ଖାଦ୍ୟ ପଖାଳର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ବିଶ୍ୱ ପଖାଳ ଦିବସ ଅବସରରେ ପ୍ରତ୍ୟେକ ଓଡିଆଙ୍କୁ ବାଲୁକା ଚିତ୍ରଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ପୁରୀ ବେଳାଭୂମିରେ ଏନେଇ ଏକ ସୁନ୍ଦର ବାଲୁକା ଚିତ୍ରକଳା କରିଛନ୍ତି । ବାଲିରେ ସେ ପଖାଳ, ବଡି ଚୁରା, ମାଛ ଭଜା ଓ ବିଭିନ୍ନ ପ୍ରକାର ଭଜାର ଅବିକଳ ପ୍ରତିକୃତି ବନାଇଛନ୍ତି । ଯାହାକି ଦେଖିବାକୁ ବହୁତ ସୁନ୍ଦର ହୋଇଛି ।

# ହାଇସ୍କୁଲ ବନ୍ଦକୁ ନେଇ ବିଧାନସଭାରେ ବିରୋଧୀଙ୍କ ଉଦ୍‌ବେଗ

ଭୁବନେଶ୍ୱର,୨୦/୦୩ (ନି.ପ୍ର): ରାଜ୍ୟରେ ହାଇସ୍କୁଲ ବନ୍ଦ ହେବାକୁ ନେଇଆଜି ଗୃହରେ ବିରୋଧୀ ଦଳ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା। ଏହି ପ୍ରସଙ୍ଗ ଉପରେ ନିର୍ଦ୍ଦିଷ୍ଟ ଉତର ରଖିବାକୁ ନେଇ ମନ୍ତ୍ରୀ ଓ ବିରୋଧୀ ଦଳ ମଧ୍ୟରେ ବିବାଦ ଦେଖାଦେଇଥିଲା। ତେଣୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ । ଫଳରେ ଆଜି ହେବାକୁ ଥିବା ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବି ଆଗତ ହୋଇପାରିନଥିଲା । ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶ ଆଣିବାକୁ ଥିବା ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରାଯାଇପାରିନଥିଲା। ଶନିବାର ଅପରାହ୍ନ ୪ଟାରେ ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହେବା କ୍ଷଣି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ରାଜ୍ୟରେ ସରକାର ୧ ହଜାର ହାଇସ୍କୁଲ ବନ୍ଦ କରିବାକୁ ନିଷ୍ପତି ନେଇଛନ୍ତି ବୋଲି ଖବରକାଗଜମାନଙ୍କରେ ପ୍ରକାଶ ପାଇଛି। ବିଧାନସଭା ଅଧିବେଶନ ଚାଲିଥିବା ବେଳେ ଗୃହକୁ ବିଶ୍ୱାସକୁ ନନେଇ ଏଭଳି ନିଷ୍ପତି ନେବା ଠିକ୍ ହୋଇନାହିଁ। ପ୍ରକାଶିତ ସମ୍ବାଦର କଣ ସତ୍ୟତା ରହିଛି ମନ୍ତ୍ରୀ ଗୃହକୁ ଜଣାନ୍ତୁ। ଯେପର୍ଯ୍ୟନ୍ତ ମନ୍ତ୍ରୀ ଗୃହରେ ନିର୍ଦ୍ଦିଷ୍ଟ ଉତର ରଖିନାହାନ୍ତି ସେପର୍ଯ୍ୟନ୍ତ ସେ ଗୃହରେ ଠିଆ ହୋଇ ରହିବେ। ଏହି ନିଷ୍ପତିକୁ ଓଷ୍ଟା ବିରୋଧ କରିଛି। ଗଣତନ୍ତ୍ରରେ ଆଲୋଚନା ହୋଇ ସମସ୍ତ ନିଷ୍ପତି ନିଆଯାଇଥାଏ। ସ୍କୁଲ ବନ୍ଦ ନେଇ ଗୃହରେ ଆଲୋଚନା ହେଉ। ବାଚସ୍ପତି ଏହା ଉପରେ ନିର୍ଦ୍ଦିଷ୍ଟ ରୁଲିଂ ଦିଅନ୍ତୁ। ମନ୍ତ୍ରୀ ଏହା ଉପରେ ମନ୍ତବ୍ୟ ରଖିବାପାଇଁ ବାଚସ୍ପତି କହିଥିଲେ । ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ ଯେ ରାଜ୍ୟ ସରକାର ସ୍କୁଲ ବନ୍ଦ ନେଇ ସେଭଳି କୌଣସି ନିର୍ଦ୍ଦିଷ୍ଟ ନିଷ୍ପତି ନେଇ ନାହାନ୍ତି। ରାଜ୍ୟର କେତେକ ସ୍କୁଲରେ ଛାତ୍ରଛାତ୍ରୀ କମ୍ ଥିବା ବେଳେ ଶିକ୍ଷକ ଅଧିକ ଅଛନ୍ତି। ଆଉ କେତେକ ସ୍ଥାନରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ କମ୍ ଅଛନ୍ତି। ସେଭଳି ସ୍କୁଲର ସ୍ଥିତି ଜାଣିବା ପାଇଁ ସେସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଗୃହକୁ ଲୁଚାଇ ଆମେ କୌଣସି ନିଷ୍ପତି ନେବୁ ନାହିଁ। ସରକାର ମଧ୍ୟ

▶▶ପୃଷ୍ଠା ୭

# ଡିଷ୍ଟ୍ରିକ୍ଟବୋର୍ଡ ପୋଖରୀର ଜବର ଦଖଲ ଉଚ୍ଛେଦ ଓ ପୁନଃଉଦ୍ଧାର ଦାବି

## ସରକାରୀ ଅର୍ଥର ହେଉ ସୁବିନିଯୋଗ : ସୌନ୍ଦର୍ଯ୍ୟକରଣ ଲାଗି ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର,୨୦।୩ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିରେ ବସବାସ କରୁଥିବା ଅଧିବାସୀ ସାନ୍ଧ୍ୟଭ୍ରମଣ, ଆମୋଦ ପ୍ରମୋଦ ଆବଶ୍ୟକତା ଥିବା ବେଳେ ଐତିହାସିକ ଡିଷ୍ଟ୍ରିକ୍ଟବୋର୍ଡ ପୋଖରୀକୁ ଏହି କାର୍ଯ୍ୟରେ ବିନିଯୋଗ କରିବାଲାଗି ପୌର ପରିଷଦ କେତେକ ଉନ୍ନୟନ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ଏବେ ତାହା ଜବରଦଖଲକାରଙ୍କ କବ୍‌ଜାକୁ ଚାଲି ଯାଉଥିବାରୁ ତାର ପୁନଃଉଦ୍ଧାର ଲାଗି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରାଯାଇଛି । ଜଳେଶ୍ୱର ବଡବଜାର ତଥା ୧୧ ନଂ ୱାର୍ଡରେ ୩ଏକର୨୬ ଡିସିମିଲ ପରିମିତ ଡିଷ୍ଟ୍ରିକ୍ଟବୋର୍ଡ ପୋଖରୀ ହୁଡାରେ ଦୈନିକ ବଜାର ତଥା ଜନସାଧାରଣଙ୍କର ଦୈନନ୍ଦିନ କାର୍ଯ୍ୟରେ ବ୍ୟବହୃତ ହେଲାଭଳି ଉପଯୋଗୀ ହେବାଲାଗି ବ୍ୟବସ୍ଥା ହୋଇଥିଲା ୧୯୯୫ରେ ତତ୍‌କାଳୀନ ପୌର ଅଧ୍ୟକ୍ଷ ସୁରେନ୍ଦ୍ର ଚାନ୍ଦଙ୍କ ପ୍ରଚେଷ୍ଟାରେ । ଏବେ ପୋଖରୀର ୩ ପଟେ କଂକ୍ରିଟରୋଡ ହୋଇଥିବା ବେଳେ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣଲାଗି ଉନ୍ନତି ଯୋଜନାରେ ୩୨୩୭୪୬ ଟଙ୍କା ବ୍ୟୟରେ ଗାଡୱାଲ ନିର୍ମାଣ କରାଯାଇଛି । କିନ୍ତୁ ୪୫ନଂ ରେଳ ଓଭରବ୍ରିଜ୍ ନିର୍ମାଣ ଯୋଗୁଁ କେତେକ ଉଠା ଦୋକାନୀଙ୍କୁ ସେଠାରୁ ଉଚ୍ଛେଦ କରାଯାଇଥିଲା । ସେମାନଙ୍କୁ ଥଇଥାନ ଲାଗି ସାମୟିକ ଭାବେ ପୋଖରୀର ଗୋଟିଏ ପଟେ ବସାଯାଇଥିଲା । ହେଲେ ଜନୈକ ବ୍ୟକ୍ତି ଅସ୍ଥାୟୀ ଗୁମୁଟି ମଧ୍ୟରେ ଏକ ସ୍ଥାୟୀ ଗୃହ ନିର୍ମାଣ କରୁଥିବାରୁ ଅଂଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ସ୍ଥାୟୀ ଗୃହ ନିର୍ମାଣ ଫଳରେ ରାସ୍ତାଟି ସଂକୁଚିତ ହେବା ସହିତ ଯାତାୟାତ ଲାଗି ବିପଦ ସୃଷ୍ଟି କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ସ୍ଥାନୀୟ ଅଧିବାସୀ ଜଳେଶ୍ୱର ପୌର ଅଧିବାସୀ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଅଦ୍ୟାବଧି ହୋଇ ନାହିଁ । ତେଣୁ ଆଜି ଜଳେଶ୍ୱର ହନୁମାନ ମନ୍ଦିର ସମ୍ମୁଖରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶୁଭେନ୍ଦୁ ଦାସ, ସେକ୍‌ସାଜୁଦ୍ଦିନ, ଅଲେଖ ଚରଣ ଦେ, ଗଣେଶ ଭଂଜ, ବିମଳାକାନ୍ତ କର, ନିଶିକାନ୍ତ କର, ମିହିର ଦାସ, ତନୁଜ କୁମାର ଗିରି, ଗିରିଶ କୁମାରେ ଭଂଜ, ସରୋଜ କୁମାର ଗିରି, ସମର କୁମାର କର, ମନୋଜ କୁମାର ଖଟୁଆ, ଦେବଦୁଲାଲ ଦାସ ପ୍ରମୁଖ ସ୍ଥାୟୀ ଘର ଓ ଜବର ଦଖଲ ସ୍ଥାନ ଗୁଡ଼ିକୁ ଉଦ୍ଧାର କରିବାଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜିଲ୍ଲା ଡାକଘର ପରିସରରେ ଡାକମେଳା

କେନ୍ଦ୍ରାପଡ଼ା,୨୦।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଡାକ ବିଭାଗ ପକ୍ଷରୁ ଏକ ଡାକମେଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଏହି ଡାକମେଳାକୁ କଟକ ନର୍ଥ ଡିଭିଜନର ଅଧିକ୍ଷକ ଦିଲିପ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବରେ ଜିଲ୍ଲାର ମୁଖ୍ୟ ଡାକଘର ଅଧିନରେ ଥିବା ସମସ୍ତ ଶାଖା ଡାକପାଳ ଓ ସହ ଶାଖା ଡାକପାଳ ପ୍ରମୁଖ ଉପସ୍ଥିତ ହୋଇ ଡାକସେବାର ପ୍ରଚାର ଓ ପ୍ରସାର ଏବଂ ସେବା ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି ଉତ୍ସବରେ ୫୨ଟି ପିଏଲଆଇ, ୬୫୮ଟି ଆରପିଏଲଆଇ, ୪୫୩୫ଟି ପୋଷ୍ଟାଲ ସେଭିଂସ୍ ଆକାଉଣ୍ଟ, ୭୨୧ଟି ସୁକନ୍ୟା ଆକାଉଣ୍ଟ ଖୋଲା ଯାଇଥିଲା । ସେହିପରି ୫୮ଟି ଗ୍ରାମକୁ ସଂପୂର୍ଣ୍ଣ ସୁକନ୍ୟା ଗ୍ରାମ ଭାବରେ ଘୋଷଣା କରାଯାଇଛି । ଏଥିସହିତ ଡାକସେବାରେ ଉନ୍ନତମାନର ସେବା ଯୋଗାଇ କାର୍ଯ୍ୟ କରିଥିବା ଶାଖା ଡାକପାଳ ଓ ସହ ଶାଖା ଡାକପାଳ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଆୟୋଜିତ ଏହି ଡାକମେଳା ଉତ୍ସବରେ ସହ ନିର୍ଦ୍ଦେଶକ ଡାକ ପରିମଣ୍ଡଳ ଓଡିଶା ଭୁବନେଶ୍ୱରର ଅଶୋକ କୁମାର ରଥ, ବିଶ୍ୱନାଥ ପୁରୋହିତ, କେନ୍ଦ୍ରାପଡା, ଆସିଷ୍ଟାଣ୍ଡ ସୁପରିଟେଣ୍ଡେଣ୍ଟ ଦେବାଶିଷ ଶତପଥୀ ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ୍ର ପରିଡାଙ୍କ ସହ ଆଦିତ୍ୟ କୁମାର ନାୟକ, ଗୌରିଶ୍ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଫିରିଙ୍ଗିଆ ଅଂଚଳରେ ପୋଲିସ ପକ୍ଷରୁ କୋଭିଡ ସଚେତନତା

କନ୍ଧମାଳ,୨୦।୩ (ନି.ପ୍ର): ଦେଶରେ ପୁଣି ଥରେ କୋଭିଡ ସଂକ୍ରମଣ ବୃଦ୍ଧି ପାଉଥିବା ଯୋଗୁଁ ରାଜ୍ୟ ସରକାର ଲୋକଙ୍କୁ ଏଥିପାଇଁ ସଚେତନ କରିବାପାଇଁ ପଦକ୍ଷେପ ନେଉଛନ୍ତି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପୋଲିସ ସେହି ଥାନା ଅଂଚଳରେ ଲୋକଙ୍କୁ କୋଭିଡ ସଂକ୍ରମଣ ରୋକିବାକୁ ସଚେତନ କରିବା ପଦକ୍ଷେପ ନେଇଛି । ଆଜି ଫିରିଙ୍ଗିଆ ଥାନା ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ଫିରିଙ୍ଗିଆର ସମସ୍ତ ଅଂଚଳରେ ଘରୁ ବାହାରିବା ବେଳେ ମୁହଁରେ ମାସ୍କ ପିନ୍ଧିବା,ସାମାଜିକ ଦୁରତା ରକ୍ଷା କରିବା,କୌଣସି ସାମାଜିକ ଉତ୍ସବ ପାଳନ ବେଳେ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି । କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ନିୟମକୁ ପାଳନ କରିବାକୁ ଅନୁରୋଧ କରାଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମ ସୁନ୍ଦର ରାଓଙ୍କ ନେତୃତ୍ୱରେ କରାଯାଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ସମଗ୍ର ଫିରିଙ୍ଗିଆ ଅଂଚଳରେ କରାଯାଇଛି ।

# ଇଡକୋ ଜମି ଦୁର୍ନୀତି ଉପରେ ଉଦବେଗ ପ୍ରକାଶ କଲେ ସୁର ରାଉତରାୟ

ଭୁବନେଶ୍ୱର,୨୦।୩ (ନି.ପ୍ର): ଭୁବନେଶ୍ୱର ସମେତ ଜଟଣୀ, ବୋଲଗଡ ବାଲିଅନ୍ତା, ବାଲିପାଟଣା ଓ ଖୋର୍ଦ୍ଧା ଅଂଚଳରେ ଥିବା ଜମିକୁ ଇଡକୋ ସଂସ୍ଥା ଜବରଦଖଲ କରି ବିକ୍ରି କରିଥିବା ଘଟଣା ଉପରେ କଂଗ୍ରେସ ଦଳ ପକ୍ଷରୁ ଗୃହରେ ଉଦବେଗ ପ୍ରକାଶ କରାଯାଇଥିଲା । ଜମିରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହା ଉପରେ ସିବିଆଇ କିମ୍ବା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାପାଇଁ ବିଧାୟକ ସୁରେଶ କୁମାର ରାଉତରାୟ ବିଧାନସଭାରେ ଦାବି କରିଛନ୍ତି । ଏହା ବ୍ୟତୀତ ଜଟଣୀ ଅଂଚଳରେ ଥିବା ଜନସାଧାରଣଙ୍କ ସ୍ଥିତିବାନ ସମ୍ପତିକୁ ଶ୍ରୀ ଜଗନ୍ନାଥଙ୍କ ନାମରେ କରାଯାଇଛି । ଫଳରେ ଲୋକମାନେ ସେମାନଙ୍କ ଜମି ବିକ୍ରି କରିପାରୁନାହାନ୍ତି । ଲୋକଙ୍କୁ ସେମାନଙ୍କ ଜମି ଫେରାଇ ଦିଆଯାଉ ବୋଲି ସେ ଦାବି କରିଛନ୍ତି । ଏହା ବ୍ୟତୀତ ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜଙ୍କ ଜମିକୁ ରାଜ୍ୟ ଓ ରାଜ୍ୟ ବାହାରେ ଜବରଦଖଲ କରି ରଖାଯାଇଛି । ତାହାର କ୍ରାଇମବ୍ରାଂଚ ତଦନ୍ତ କରାଯାଉ ବୋଲି ଦର୍ଶାଇଥିଲେ ।

# ଓପିଜିସିରେ ମାର୍କେଟ ବେସ୍‌ଡ ସାଲାରି ଆବଶ୍ୟକତା ଅନୁସାରେ ଚାଲୁ କରାଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୨୦।୩ (ନି.ପ୍ର): ଓପିଜିସିରେ ମାର୍କେଟ ବେସ୍‌ଡ ସାଲାରି(ଏମବିଏସ୍) ଦରମା ପଦ୍ଧତି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଆବଶ୍ୟକତା ଅନୁସାରେ ଚାଲୁ କରାଯାଇଅଛି । ଏହା ମୁଖ୍ୟତଃ ନୂତନ ଭାବେ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ଅଟେ ବୋଲି ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସଭ୍ୟ କିଶୋର ମହାନ୍ତିଙ୍କ ପ୍ରଶ୍ନର ଉତରରେ କହିଛନ୍ତି । ସେ କହିଛନ୍ତି ଯେ ପରିଚାଳନା ମଣ୍ଡଳୀର ସ୍ୱୀକୃତିକ୍ରମେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଆବଶ୍ୟକତା ଅନୁସାରେ ପ୍ରକଳ୍ପ ଅଭିଜ୍ଞ କର୍ମଚାରୀମାନଙ୍କ ପାଇଁ ପ୍ରକଳ୍ପର ଦରମା ପଦ୍ଧତି ପ୍ରବର୍ତନ କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବାପରେ ଏହି ପଦ୍ଧତିରେ ବର୍ତମାନ କାହାକୁ ନିଯୁକ୍ତି ଦିଆଯାଉ ନାହିଁ । ଓପିଜିସି ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିଯୁକ୍ତି ଏବଂ ଦରମା ପଦ୍ଧତି ନିର୍ଦ୍ଧାରଣ ନିର୍ଦ୍ଧାରଣ ଓପିଜିସି ବୋର୍ଡ଼ର କ୍ଷମତା ପରିସରଭୁକ୍ତ ଅଟେ ବୋଲି ସେ କହିଥିଲେ ।

# କୃଷି ଯନ୍ତ୍ରପାତି ସବସିଡ ଅର୍ଥ ହଡ଼ପର ତଦନ୍ତ ଦାବି

## ବିଜେପି ପକ୍ଷରୁ ରେମୁଣାରେ ଜାତୀୟ ରାଜପଥ ଅବରୋଧ

ବାଲେଶ୍ୱର,୨୦।୩ (ନି.ପ୍ର): ଚାଷୀଙ୍କ ନାଆଁରେ କୃଷି ଯନ୍ତ୍ରପାତି ଉଠାଇ ରେମୁଣା ବିଧାୟକ କୋଟି କୋଟି ଟଙ୍କାର ସବସିଡ ଅର୍ଥ ହଡ଼ପ କରିଥିବା ଅଭିଯୋଗରେ ବିଜେପି ରେମୁଣା ଶାଖା ପକ୍ଷରୁ ଆଜି ଜାତୀୟ ରାଜପଥ ଅବରୋଧ କରାଯାଇଛି । ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରେମୁଣା ଗୋଲେଇଠାରେ ରାସ୍ତାରୋକ ଓ ବିକ୍ଷୋଭ କାର୍ଯ୍ୟରେ ଯୋଗ ଦେଇଥିଲେ । ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଶ୍ରୀ ଦାସଙ୍କ ସମେତ ବିଜେପି ନେତା ବିପିନ ଦାସ, ଜିଲାପରିଷଦ ସଦସ୍ୟ ବିପିନ ମାରାଣ୍ଡି ଓ ସୀତାରାମ ପ୍ରଧାନ, ସରପଞ୍ଚ ସୀତାଞ୍ଜଳି ଗିରି, କ୍ୟାପଟେନ ଭାସ୍କର ମଲ୍ଲିକ, ଶୋଭନା ମହାନ୍ତି, କୃଷ୍ଣଚନ୍ଦ୍ର ସାହା, ମିଥୁନ ସାହା, ପ୍ରଦୀପ ଦାସ, କାହ୍ନୁ ବେହେରା, ନିତାଇ ଚରଣ ନାୟକ, ବିଜେପି ନେତା ଯୋଗଦେଇ ରେମୁଣା ବିଧାୟକଙ୍କ ଚାଷୀଙ୍କ ସବସିଡ ଅର୍ଥ ହଡ଼ପ ଘଟଣାର ତୀବ୍ର ସମାଲୋଚନା କରିଥିଲେ । ବାରମ୍ବାର ଅଭିଯୋଗ ପରେ ବି ରାଜ୍ୟ ସରକାର ଓ ପ୍ରଶାସନ ପକ୍ଷରୁ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ାଙ୍କ ଚାଷୀଅର୍ଥ ଆତ୍ମସାତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ । ଏନେଇ ସବୁଠାରୁ ବଡ଼କଥା ହେଲା ବିଧାୟକ ଶ୍ରୀ ପରିଡ଼ାଙ୍କ କଳାକାରନାମା ବିରୋଧରେ ଭିଜିଲାନ୍ସ ବିଭାଗ ନିକଟରେ ହୋଇଥିବା ଲିଖିତ ଅଭିଯୋଗ ଉପରେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଶେଷରେ ଏହା ବିରୋଧରେ ବିଜେପି ଆନ୍ଦୋଳନମୁଖୀ ହୋଇଥିବା ପୂର୍ବତନ ବିଧାୟକ ଶ୍ରୀ ଦାସ କହିଛନ୍ତି । ଏହି ଅବସରରେ ବିଜେପି କର୍ମୀମାନେ ରେମୁଣା ବିଧାୟକ, ରାଜ୍ୟ କୃଷିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିଥିଲେ । ଏହି ରାସ୍ତାରୋକ ପରେ ଯଦି ସରକାରଙ୍କ ପକ୍ଷରୁ ଉଚିତ ପଦକ୍ଷେପ ନିଆ ନଯାଏ, ତାହାଲେ ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେ ଚେତାବନୀ ଦେଇଛନ୍ତି । ପରେ ଆନ୍ଦୋଳନକାରୀମାନେ ଭିଜିଲାନ୍ସ ବିଭାଗ ଏସପି ଅଫିସ ଘେରାଓ କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ପାଇଁ ୭୫% ସହାୟତା ଦେଉଛି କେନ୍ଦ୍ର : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୦।୩ (ନି.ପ୍ର): ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ଓ କ୍ଷତିଗ୍ରସ୍ତ ସାଧାରଣ ସମ୍ପତିର ମରାମତି ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାର ବିପର୍ଯ୍ୟୟ ସହାୟତା ପାଣ୍ଠି ଗଠନ କରିଛନ୍ତି । ପ୍ରତ୍ୟେକ ରାଜ୍ୟ ପାଇଁ କେନ୍ଦ୍ର ସରକାର ୫ ବର୍ଷ ପାଇଁ ଆର୍ଥିକ ସହାୟତା ସ୍ଥିର କରିଥାନ୍ତି । ପ୍ରତି ବର୍ଷ ସମୁଦାୟ ଅର୍ଥର ୭୫ ଭାଗ କେନ୍ଦ୍ର ସରକାର ଓ ୨୫ ଭାଗ ରାଜ୍ୟ ସରକାର ନିଜ ବଜେଟ୍ ରୁ ପ୍ରଦାନ କରିଥାନ୍ତି । ଦୁଇଟି କିସ୍ତିରେ ଜୁନ୍ ଓ ଡିସେମ୍ବର ମାସରେ ରାଜ୍ୟ ମାନଙ୍କୁ ଆର୍ଥିକ ଅନୁଦାନ ମିଳିଥାଏ । ଉଭୟ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠି ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ଅନୁଦାନ ମିଳିଥାଏ ବୋଲି ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଧାନସଭାକୁ ଜଣାଇଛନ୍ତି । ଶୁକ୍ରବାର ସଭ୍ୟ ଅଙ୍ଗଦ କହଁର, ସୁରେଶ ରାଉତରାୟ, ନରସିଂହ ମିଶ୍ର , ଅମରପ୍ରସାଦ ଶତପଥୀ, ପ୍ରଦୀପ ଅମାତଙ୍କ ମୂଳ ଓ ଅତିରିକ୍ତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଥିଲେ ଯେ ବିଭିନ୍ନ ବିଭାଗର କ୍ଷେତ୍ର ଅଧିକାରୀ ଓ ଜିଲ୍ଲାସ୍ତରୀୟ କ୍ଷେତ୍ର ଅଧିକାରୀ ବିପର୍ଯ୍ୟୟର କ୍ଷୟକ୍ଷତି ଆକଳନ କରି ବିଭାଗକୁ ଦେଇଥାନ୍ତି । ପରେ କେନ୍ଦ୍ର ସରକାର ଯୋଗ୍ୟ କ୍ଷୟକ୍ଷତିକୁ ବିଚାରକୁ ନେଇ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସହାୟତା ଯୋଗାଇଦିଅନ୍ତି । କୌଣସି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ କ୍ଷୟକ୍ଷତି ହେଲେ ଏହାର ଭରଣା ପାଇଁ ରାଜ୍ୟ ପାଣ୍ଠିରେ ଆବଶ୍ୟକ ଅର୍ଥ ନଥିଲେ ଏନଡିଆରଏଫ୍ ରୁ ସହାୟତା ପାଇଁ ଅନୁରୋଧ କରାଯାଏ । କ୍ଷୟକ୍ଷତିର ଆକଳନ ଓ ଏହାର ଭରଣା ପାଇଁ କେତେ ଅର୍ଥ ଆବଶ୍ୟକ ତାହା ସ୍ଥିର କରିବାପାଇଁ ରାଜ୍ୟକୁ ଏକ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ପଠାଯାଇଥାଏ । ଏହି ଦଳର ରିପୋର୍ଟ ଓ ରାଜ୍ୟ ଦେଇଥିବା ସ୍ମାରକପତ୍ର ଓ ବିପର୍ଯ୍ୟୟ ସହାୟତା ପାଣ୍ଠିର ସର୍ତ ଓ ନିୟମାବଳୀକୁ ବିଚାରକୁ ନେଇ ଏକ ସ୍ୱତନ୍ତ୍ର ବୈଠକରେ କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଏନଡିଆରଏଫରୁ ଆବଶ୍ୟକ ଅର୍ଥ ମଂଜୁର କରିଥାନ୍ତି । ମୋଟ ୧୨ ଟି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗସ୍ତ ଲୋକମାନଙ୍କୁ ରିଲିଫ୍ ପ୍ରଦାନ କରାଯାଇଥାଏ । ଏତତବ୍ୟତୀତ ଘୂର୍ଣ୍ଣିବାତ୍ୟା, ଅଂଶୁଘାତ, ପ୍ରବଳ ବୃଷ୍ଟିପାତ, ନୌକା ଦୁ ର୍ଘଟଣା, ପାଣିରେ ବୁଡି ମୃତ୍ୟୁ ଓ ସର୍ପାଘାତ ଆଦିକୁ ଷ୍ଟେଟ୍ ସ୍ପେସିଫିକ୍ ଡିଜାଷ୍ଟର ଭାବେ ଅନୁମୋଦନ ମିଳିଛି । ୨୦୧୫ ଠାରୁ ଅଂଶୁଘାତରେ ମୃତକଙ୍କ ସମ୍ପର୍କୀୟଙ୍କୁ ୫୦ ହଜାର ଟଙ୍କା ଓ ଅନ୍ୟ ସମସ୍ତ ବିପର୍ଯ୍ୟୟରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ନିକଟଙ୍କ ସମ୍ପର୍କୀୟଙ୍କୁ ୪୦ ହଜାର ଟଙ୍କା ଲେଖାଏଁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# ଗୃହ ଯୋଗାଣ କ୍ଷେତ୍ରରେ ବୈମାତୃକ ମନୋଭାବ ଦେଖାଉଛି କେନ୍ଦ୍ର: ବିଜେଡି

ଭୁବନେଶ୍ୱର,୨୦।୩ (ନି.ପ୍ର): ଓଡିଶା ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ) ରେ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ସାମାଜିକ ଅର୍ଥନୈତିକ ଜାତି ଭିତିକ ଗଣନା (ଏସଇସିସି) ତାଲିକାରୁ ପକ୍କାଘର ଦେଇଥାନ୍ତି । ବର୍ତମାନ ଏହି ଏସଇସିସିରେ ଥିବା ପ୍ରତୀକ୍ଷା ତାଲିକା (ୱେଟିଙ୍ଗ ଲିଷ୍ଟ) ସମ୍ପୂର୍ଣ୍ଣ ହୋଇଯାଇଛି । କିନ୍ତୁ କେନ୍ଦ୍ର ସରକାରଙ୍କ ଅବହେଳା ପାଇଁ ଓଡିଶାକୁ ଦିଆଯାଇଥିବା ୬ଲକ୍ଷ ଘରର ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ବୋଲି ଆଜି ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଚାନ୍ଦବାଲି ବିଧାୟକ ତଥା ମୁଖପାତ୍ର ଓ ବିଜୁ ଯୁବ ଜନତାଦଳ ରାଜ୍ୟ ସଭାପତି ଡଃ.ବ୍ୟୋମକେଶ ରାୟ ଓ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର । ଉଭୟ ନେତା ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଫନି ଦ୍ୱାରା ରାଜ୍ୟର ୧୪ଟି ଜିଲ୍ଲା ପ୍ରଭାବିତ ହୋଇଥିଲା । ସେତେବେଳେ ଗୋଟିଏ ମାସ ପାଇଁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ୱେବପୋର୍ଟାଲ ଖୋଲା ଥିଲା । ପାଖାପାଖି ୮ଲକ୍ଷ ଘରକୁ ଆବାସ ଯୁକ୍ତ ଯୋଜନାରେ ତାଲିକାଭୁକ୍ତ କରାଯାଇଛି । କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାୟୀ ପ୍ରତୀକ୍ଷା ତାଲିକା ଅର୍ନ୍ତଭୁକ୍ତ କରାଯାଇ ନାହିଁ । ଫନି ହୋଇନଥିବା ରାଜ୍ୟର ଅନ୍ୟ ୧୬ଟି ଜିଲ୍ଲାରେ ପାଖାପାଖି ୬ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୁକ୍ତ ଯୋଜନାରେ ମଧ ସାମିଲ କରାଯାଇ ନାହିଁ । କିନ୍ତୁ ରାଜ୍ୟ ସରକାର ସେହି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ସହିତ ତାଲିକା ପ୍ରସ୍ତୁତ କରିଛନ୍ତି । ଏଭଳି ଭାବେ ମୋଟ୍ ୧୪ଲକ୍ଷ ଯୋଗ୍ୟ ହିତାଧିକାରୀ କେନ୍ଦ୍ର ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଘର ପାଇବାରୁ ବଂଚିତ ହୋଇଛନ୍ତି । ଫନି ପ୍ରଭାବିତ ଲୋକମାନଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଦେଇଥିଲେ କେନ୍ଦ୍ର ସରକାର । ବିଭିନ୍ନ ସମୟରେ ଆଧାରକାର୍ଡ ଓ ଜବ୍ କାର୍ଡ ଭଳି ଆନୁଷଙ୍ଗିକ କାଗଜପତ୍ର ବାରମ୍ବାର ମଗାଯାଇଥିଲା । ଓଡିଶା ସରକାର ଏହାକୁ ଯୋଗାଇ ଦେବା ସତ୍ତ୍ୱେ କୌଣସି ଘର ମିଳିଲା ନାହିଁ । ଯେଉଁଥିରୁ କେନ୍ଦ୍ର ସରକାରଙ୍କର ଓଡିଶା ପ୍ରତି ଥିବା ବୈମାତୃକ ମନୋଭାବ ସ୍ପଷ୍ଟ ଭାବେ ବାରିହୋଇ ଯାଉଛି । କିଛିଦିନ ତଳେ ଦୁଇଜଣ ସାଂସଦଙ୍କ ଅଭିଯୋଗ କ୍ରମେ କେନ୍ଦ୍ରର ୭ଜଣିଆ ଟିମ୍ ଓଡିଶା ଆସିଥିଲେ । ୮୭୨ଟି ଘର ଉପରେ ଅଭିଯୋଗ ହୋଇଥିଲା । ସେଥିରୁ ମୋଟ୍ ୯୦ଜଣ ଘର ପାଇଛନ୍ତି । ଏହି ଅଳ୍ପ ସଂଖ୍ୟକ ଲୋକଙ୍କୁ ଆଳ କରି କେନ୍ଦ୍ର ସରକାର ସମଗ୍ର ରାଜ୍ୟବାସୀଙ୍କ ସ୍ୱାର୍ଥ ସହ ଖେଳୁଛନ୍ତି ।

# ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର ମାଧ୍ୟମରେ ଆଧାର ପଞ୍ଜୀକରଣ କରିବା ପାଇଁ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୦।୩ (ନି.ପ୍ର): ରାଜ୍ୟରେ ସମସ୍ତେ ଯେପରି ଆଧାରକାର୍ଡ଼ ହାସଲ କରିପାରିବେ ସେଥିପାଇଁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର ଓ ଅନ୍ୟ କେତେକ ଏନରୋଲମେଂଟ ଏଜେନ୍ସି ମାଧ୍ୟମରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଅଛି । ଏହାବ୍ୟତୀତ ରାଜ୍ୟର ସମସ୍ତ ବ୍ଲକ ନଗରପାଳିକାରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର ମାଧ୍ୟମରେ ଆଧାର ପଞ୍ଜୀକରଣ କରିବା ପାଇଁ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯାଉଅଛି ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି । ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ଆଧାର କାର୍ଡ଼ ନହୋଇ ପାରିବାର କାରଣ କ'ଣ ପ୍ରଶ୍ନର ଉତରରେ ସେ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଗତବର୍ଷ କରୋନା କଟକଣା ପାଇଁ ରାଜ୍ୟର ସମସ୍ତ ବ୍ଲକ/ ପୌରପାଳିକାରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର ତରଫରୁ ଖୋଲା ଯାଇଥିବା ଆଧାର କେନ୍ଦ୍ରଗୁଡ଼ିକ ବନ୍ଦ ଥିବାରୁ ଓ କଟକଣା ପରେ ଲୋକମାନେ ଆଧାର କେନ୍ଦ୍ରକୁ ଆସିବାକୁ ଅନିଚ୍ଛା ପ୍ରକାଶ କରିବାରୁ ସମସ୍ତଙ୍କୁ ଆଧାର ପଞ୍ଜିକରଣ କରିବାରେ କିଛିଟା ଅସୁବିଧା ଅନୁଭବ କରାଯାଇଅଛି । ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଏଥିପାଇଁ ମଧ ବନ୍ଦ ଥିବାରୁ ଆଧାର ଶିବିରମାନ ଆୟୋଜନ କରାଯାଇପାରି ନାହିଁ । ତେଣୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଂଟର ଓ ଅନ୍ୟାନ୍ୟ ଏଜେନ୍ସି ମାଧ୍ୟମରେ ସମସ୍ତଙ୍କୁ ଆଧାର କାର୍ଡ଼ ଯୋଗାଇ ଦେବା ପାଇଁ ଉଦ୍ୟମ ଜାରି ରହିଛି । ସେହିପରି ଟିପଚିହ୍ନ ସମସ୍ୟା ପାଇଁ ଆଧାର କାର୍ଡ଼ ହେବାରେ କିଛିଟା ସମସ୍ୟା ହେଉଅଛି, ଏହି ସମସ୍ୟାର ସମାଧାନ ପାଇଁ ୟୁନିକ୍ ଆଇଡେଂଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ମାଧ୍ୟମରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯାଇ ଏହି ସମସ୍ୟାକୁ ସମାଧାନ କରାଯାଉଅଛି ବୋଲି ମନ୍ତ୍ରୀ କହିଥିଲେ ।

# ଜଙ୍ଗଲରେ ନିଆଁ ଲଗାଇବା ବେଳେ ଦୁଇ ଗିରଫ

କନ୍ଧମାଳ,୨୦।୩ (ନି.ପ୍ର): ପ୍ରତି ବର୍ଷ୍ର ଜିଲ୍ଲାରେ ଜଙ୍ଗଲରେ ନିଆଁ ଲଗାଇବାକୁ ବାରଣ କରାଯିବା ସହିତ ଲୋକଙ୍କୁ ଏଥିପାଇଁ ସଚେତନ କରାଯାଉଛି । ହେଲେ ଚଳିତ ବର୍ଷ କନ୍ଧମାଳ ଜିଲ୍ଲାରେ ଜଙ୍ଗଲରେ ଲାଗିଥିବା ନିଆଁର ପ୍ରଭାବ ସର୍ବାଧିକ ହେବା ସହିତ ଏହାର ପ୍ରଭାବରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳ ସମେତ ଫୁଲବାଣୀ ସହରରେ ମଧ୍ୟ ଦେଖିବାକୁ ମିଳିଛି । ସହରର ବାତାବରଣର ଧୁଆଁ ମୟ ହୋଇଥିବାର ଦେଖାଯାଇଛି । ଏହାର ପରିଣାମ ସ୍ୱରୁପ ଆକଶ ଧୁଆଁରେ ଭରପୁର ହୋଇଯାଇଛି । ଏପରିକି ଲୋକଙ୍କୁ ନିଶ୍ୱାସ ନେବାରେ ମଧ୍ୟ ଅସୁବିଧା ହେଉଛି । ହେଲେ ଜଙ୍ଗଲରେ ନିଆଁ ଲଗାଇବା ଲୋକଙ୍କ କାର୍ଯ୍ୟକଳାପରେ ପରିବର୍ତନ ଦେଖାଦେଉନାହିଁ । ଫୁଲବାଣୀ ବନଖଣ୍ଡ ଅଂଚଳରେ ଲୋକେ ମହୁଲ ସଂଗ୍ରହ ଏବଂ କେନ୍ଦୁପତ୍ର ନୂଆଁ ଭାବରେ ଭଲ ପତ୍ର ବାହାରିବା ଉଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଛନ୍ତି । ଶୁଖିଲା ଜଙ୍ଗଲରେ ଥିବା ପତ୍ରରେ ନିଆଁ ଲାଗିବା ଫଳରେ ସମଗ୍ର ଜଙ୍ଗଲରେ ନିଆଁ ବ୍ୟାପି ଯାଉଛି । ଏହାର ପରିଣାମ ଜଙ୍ଗଲରେ ଥିବା ଜୀବଜନ୍ତୁ ମାନଙ୍କ ସମେତ ପରିବେଷ ଏବଂ ଜନସାଧାରଣଙ୍କୁ ଭୋଗିବାକୁ ପଡଛି । ଗୁରୁବାର ସୁଦ୍ରୁକୁମ୍ପା ରେଞ୍ଜ ଅଧିନରେ ଥିବା ରାଣିପଥର ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ବେଳେ ବନପାଳ ରଞ୍ଜିତ କୁମାର ଆପଟଙ୍କ ନେତୃତ୍ୱରେ ଏକ ପାଟ୍ରୋଲିଙ୍ଗ ଟିମ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ପଡୋଶୀ ଜିଲ୍ଲା ବୌଦ୍ଧ ଅନ୍ତର୍ଗତ ଆଡେନିଗଡର ବୋଲି ବନ ବିଭାଗ ସୁତ୍ରରୁ ଜଣାପଡିଛି । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗର ରେଞ୍ଜରଙ୍କ ନେତୃତ୍ୱରେ ବନପାଳ,ବନସଂରକ୍ଷଣ ସମିତିର କର୍ମକର୍ତା, ନାରୀ ସଂଘ,ନିୟମିତ ଭାବରେ ଲୋକଙ୍କୁ ସଚେତନ କରୁଥିବା ସହିତ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ କରିବାରେ ଲାଗିଛନ୍ତି । ଏହିଭଳି ପରିସ୍ଥିତରେ ଦାୟୀତ୍ୱହୀନ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି । ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାଯର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସୁଦ୍ରୁକୁମ୍ପା ରେଞ୍ଜର ଶିଶିର କୁମାର ଝାଙ୍କର ।

# ଜିଲ୍ଲାସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

କେନ୍ଦ୍ରାପଡ଼ା,୨୦।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାରଙ୍କର ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ଓ ଆବଶ୍ୟକୀୟ ଋଣ ସମ୍ବନ୍ଧୀୟ ସୂଚନା ଓ ପରାମର୍ଶ ପାଇଁ ୨୦୨୧-୨୨ ର ପିଏଲ ସି ପି ବହି ଏହି ବୈଠକରେ ଉନ୍ମୋଚନ କରାଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀ, ଶିକ୍ଷିତ ବେକାର ଯୁବକ ଯୁବତୀ, ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଋତୁରାଜଙ୍କ ସମେତ ପିଡି ଡିଆରଡିଏ ଦିଲିପ ପରିଡା, ରିଜର୍ଭ ବ୍ୟାଙ୍କର ଡିପୁଟି ଜେନେରାଲ ମ୍ୟାନେଜର ପ୍ରିୟ ରଞ୍ଜନ, ଏଲଡିଓ ନାରାୟଣ ଚନ୍ଦ୍ର, ଏଲଡି ଏମ ଏମ କେ ମିତ୍ର, ଜିଲ୍ଲା ନାବାର୍ଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ଗଣେଶ ଚନ୍ଦ୍ର ବେହେରା, ଡିଡବ୍ଲୁଓ ମମତାରାଣୀ ପରିଡା, ଡିପିସି କୈଳାସ ଚନ୍ଦ୍ର ସେନାପତି, ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର, ଆତ୍ମାର ଡିପିଡି ସେକ ଏହେସାନ, ଏସଡିଭିଓ ଆଶିଷ କୁମାର ଶତପଥୀ, ଉଦ୍ୟାନ କୃଷି ବିଭାଗ ଅଧିକାରୀ କନ୍ଦ ଜେନାଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଟାଟା ବିଏସଏଲ ଟ୍ରେଡ୍ ୟୁନିଅନ୍ ଶ୍ରମିକମାନଙ୍କ କଂପାନୀ ଗେଟ୍ ଆଗରେ ଧାରଣା

## ଜିଲ୍ଲା ପ୍ରଶାସନ ଦାବି ପୂରଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଶ୍ରମିକ ଆନ୍ଦୋଳନ ସ୍ଥଗିତ

ଢେଙ୍କାନାଳ,୨୦।୩ (ନି.ପ୍ର): ଗତକାଲି ସକାଳ ୧୦ ଟାରୁ ଟ୍ରେଡ୍ ୟୁନିଅନ୍ ନେତା ଇଂଜିନିୟର୍ ଦେବାଶିଷ ହୋତାଙ୍କ ନେତୃତ୍ୱରେ ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ଗେଟ୍ ଆଗରେ ଚାଲିଥିବା ଶ୍ରମିକ ଆନ୍ଦୋଳନ ଜିଲ୍ଲା ପ୍ରଶାସନ ଦ୍ୱାରା ୧୫ ଦିନ ମଧରେ ସମସ୍ତ ଦାବିପୂରଣ କରାଯିବାର ଲିଖିତ ପ୍ରତିଶୃତି ଦେବା ପରେ ଯାଇ ସଂଧ୍ୟା ୫ ଟା ବେଳେ ପ୍ରତ୍ୟାହୃତ ହୋଇଛି । ଏହି ଲିଖିତ ପ୍ରତିଶୃତି ଅନୁଯାୟୀ ଆଗାମୀ ୨୨ ମାର୍ଚ୍ଚ ଦିନ ଡିଏଲଓ ଶ୍ରୀ ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ସହିତ ଇଂ ହୋତାଙ୍କର ଏକ ପ୍ରାରମ୍ଭିକ ବୈଠକ ହେବ । ତାପରେ ଜିଲ୍ଲାପାଳ ଶ୍ରୀ ଭୁମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏକ ପୂର୍ଣ୍ଣାଙ୍ଗ ବୈଠକ ହୋଇ ସମସ୍ତ ଦାବି ୧୫ ଦିନ ମଧରେ ପୂରଣ କରାଯିବ । ଆଜି ସକାଳ ୧୦ଟାରେ ଟାଟା ବିଏସ୍‌ଏଲ୍ ଟ୍ରେଡ୍ ୟୁନିଅନ୍‌ର ଶତାଧିକ ଶ୍ରମିକ କଣ୍ଟାବଣିଆ ଥାନା ପାଖରୁ ଏକ ବିରାଟ ପଟୁଆରରେ ବାହାରି ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ଗେଟ୍ ଆଗରେ ଧାରଣାରେ ବସି ରହିଥିଲେ । ଗରିବ ଶ୍ରମିକମାନେ ପ୍ରଚଣ୍ଡ ଖରାରେ ମରିବେ ପଛେ କିନ୍ତୁ ଦାବିପୂରଣ ନ ହେଲେ ଏଠାରୁ ହଟିବେ ନାହିଁ ବୋଲି ରୋକ୍ ଠୋକ୍ ଭାବେ ଜିଦି ଧରିବାରୁ ପ୍ରଶାସନିକ ଅଧିକାରୀମାନେ ହରଡଘଣାରେ ପଡିଯାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଆଜକୁ ୧୪ ମାସ ପୂର୍ବରୁ ଗତ ୨୭ ଜାନୁଆରୀ ୨୦୨୦ ଦିନ ଜିଲ୍ଲା ପ୍ରଶାସନ ଏହି ଦାବିଗୁଡିକ ପୂରଣ କରିବା ପାଇଁ ପ୍ରତିଶୃତି ଦେଇ ମଧ ପୂରଣ ନକରିବାରୁ ଆଜିର ଆନ୍ଦୋଳନ ହୋଇଥିଲା । ଦାବିଗୁଡିକ ହେଲା, ଟିଏସ୍‌ପିଏଲ୍‌ର ପ୍ରକୃତ ଠିକଣା ପ୍ରଦାନ, ଜୟ ଜଗନ୍ନାଥ ଇଂଜିନିୟରିଂର ୩୨ ଜଣ ଗରିବ ଶ୍ରମିକଙ୍କୁ ବକେୟା ଦରମା ପ୍ରଦାନ, ଜୟ ମା ହିଙ୍ଗୁଳା ଇଲେକ୍ଟ୍ରିକାଲ୍‌ର ୩୪ ଜଣ ଗରିବ ଶ୍ରମିକଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ, ଏଲ୍‌କେଏମ୍ ଇଂଜିନିୟରିଂର ଗରିବ ଶ୍ରମିକଙ୍କ ଇପିଏଫ୍ ଡିପୋଜିଟ୍ କରିବା, ଟାଟା ଷ୍ଟିଲ୍ ବିଏସ୍‌ଏଲ୍ ଯଦି ୩ ବର୍ଷରେ ଠିକା ସଂସ୍ଥା ପରିବର୍ତନ କରେ ତେବେ ଶ୍ରମିକମାନଙ୍କ ଚାକିରି କଣ୍ଟିନ୍ୟୁ ଦେଖାଇବା କିମ୍ବା ସେହି ଶ୍ରମିକମାନଙ୍କୁ ରିଟ୍ରେଂଚମେଣ୍ଟ କମ୍ପେନ୍‌ସେସନ୍ ଦେବା ତଥା ଟାଟା ବିଏସ୍‌ଏଲ୍ ଟ୍ରେଡ୍ ୟୁନିଅନ୍‌କୁ ଯଥାଶୀଘ୍ର ରେଜିଷ୍ଟ୍ରେସନ୍ କରିବା ।

# ସ୍ୱର୍ଗତଃ ବ୍ରହ୍ମାକୁମାରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

କେନ୍ଦ୍ରାପଡ଼ା,୨୦।୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଓଁ ଶାନ୍ତି ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ଭାରତୀ ବେହେରାଙ୍କ ସଭାପତିତ୍ୱରେ ବାଲିପାଟଣା ଗ୍ରାମର ଓଁ ଶାନ୍ତି ଆଶ୍ରମର ସଭ୍ୟ ହିରା ପୋଥାଣଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରାଜସ୍ଥାନ ମାଉଣ୍ଟଆବୁରୁ ଆସିଥିବା ବ୍ରହ୍ମାକୁମାର ମଧୁସୁଦନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସ୍ୱର୍ଗତଃ ପୋଥାଣଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୀବନ ଓ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର୍
ରବିବାର, ୨୧ ମାର୍ଚ୍ଚ, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୨୦**

(ପୂର୍ବପ୍ରକାଶିତ ଉତ୍ତାରୁ...)

ଗୋପବନ୍ଧୁ ବାବୁ ସେମାନଙ୍କୁ ଦେଖି ଏତେ କରୁଣ ଭାବରେ ଦୀର୍ଘ ଦୁଇଘଣ୍ଟା କାଳ କାନ୍ଦିଥିଲେ ଯେ, ନେଭିନ୍‌ସନ୍ ସାହେବଙ୍କ ସହିତ ସଭାସ୍ଥ ପ୍ରାୟ ସମସ୍ତ ଲୋକ ଅଶ୍ରୁ ସମ୍ବରଣ କରିପାରିନଥିଲେ । ତଥାପି ସାର୍ ଏଣ୍ଡୃଫ୍ରେଜରଙ୍କ ପାଷାଣ ହୃଦୟ କଠିନ ହୋଇ ରହିଲା ଓ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରତିକାର ହେଲାନାହିଁ । ସର୍ବସାଧାରଣଙ୍କ ସାହାଯ୍ୟ ଏହି ସମୟରେ ବିପନ୍ନ ଲୋକଙ୍କ ଯଥେଷ୍ଟ ଉପକାର ସାଧନ କରିଥିଲା ।

କଟକିଆ ପିଲାଙ୍କ ସହିତ ଆମ୍ଭ ସମ୍ବଲପୁରର ପିଲାଙ୍କର କଥିତ ଭାଷା ସମ୍ପର୍କରେ ନାନା ବାଦାନୁବାଦ ହୁଏ । ସମ୍ବଲପୁରର କଥିତ ଭାଷା ହିନ୍ଦୀମିଶା ଓଡ଼ିଆ । ପୁଣି କେତେକ ଶବ୍ଦ ଖାଣ୍ଟି ସମ୍ବଲପୁରୀ । ତନ୍ମଧରେ ଖୋଜିଲେ ଅନେକ ଶବ୍ଦ ମିଳିବ, ସଂସ୍କୃତର ଅପଭ୍ରଂଶ । କଟକିଆ ପିଲାମାନେ ଏ ସବୁ ବୁଝି ନପାରି ସମ୍ବଲପୁର ପିଲାଙ୍କୁ ନାନାପ୍ରକାର ବିଦ୍ରୂପାତ୍ମକ ମନ୍ତବ୍ୟଦ୍ୱାରା ବିବ୍ରତ କରିପକାନ୍ତି । ସେହି ସମୟରେ ସମ୍ବଲପୁର ହିନ୍ଦୀ-ଭାଷୀ ମଧ୍ୟପ୍ରଦେଶାନ୍ତର୍ଗତ ଥିବାରୁ ଆମ୍ଭେମାନେ ଓଡ଼ିଆ ନୋହୁଁ, ଆମ୍ଭମାନଙ୍କ ମାତୃଭାଷା ଓଡ଼ିଆ ନୁହେଁ ବୋଲି ସନ୍ଦେହ କରନ୍ତି । ୧୯୦୪ ମସିହାରେ ସମ୍ବଲପୁରରୁ ରେଭେନ୍‌ସା କଲେଜକୁ ଏକମାତ୍ର ଛାତ୍ର ମୁଁ ଆସିଥିଲି ।

୧୯୦୫ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷା ଉତ୍ତାରେ ନାରାୟଣ ନନ୍ଦ, ପରଶୁରାମ ମିଶ୍ର, ବାଳମୁକୁନ୍ଦ ଦୋରା, ପୁରୁଷୋତ୍ତମ ମହାପାତ୍ର, ପ୍ରସନ୍ନ କୁମାର ପୂଜାରୀ, ଭାନୁ ପଧାନ ଆସି ଯୋଗଦେଲେ । ୧୯୦୬ ସାଲରେ ଆହୁରି ଜଣ କେତେ ଆସିଲେ । ୧୯୦୫ ସାଲର ଜୁଲାଇ ମାସରେ ନୀଳକଣ୍ଠ ଦାସ ଆସି କଲେଜରେ ପ୍ରବେଶ କଲେ । ସମ୍ବଲପୁର ଅଞ୍ଚଳରେ କଟକିଆ ବୋଇଲେ ବୁଝାଯାଏ, କଟକ, ବାଲେଶ୍ୱର ଓ ପୁରୀ ଜିଲ୍ଲାବାସୀ ଯେଉଁମାନେ ସମ୍ବଲପୁରର ଓଡ଼ିଆ ନକହି ସେହି ଅଞ୍ଚଳର ଭଲ ଓଡ଼ିଆ କହନ୍ତି । ଅନ୍ୟାନ୍ୟ କଟକିଆ ବନ୍ଧୁଙ୍କ ମଧରେ ନୀଳକଣ୍ଠ ଦାସ ସମ୍ବଲପୁର ଛାତ୍ରଙ୍କ ବ୍ୟବହୃତ ହିନ୍ଦୀମିଶା ସମ୍ବଲପୁର ଭାଷାର ତୀବ୍ର ସମାଲୋଚନା କରନ୍ତି ।

ଏପରିକି ସମୟ ସମୟରେ ଭାଷାର ପରିସର ଲଙ୍ଘନ କରି ଅନ୍ୟ ଆଡ଼କୁ ମଧ ଚାଲିଯାଆନ୍ତି । ଏହା ଯେ କାହାରି ପ୍ରତି ବ୍ୟକ୍ତିଗତ ଆକ୍ରୋଶ ଯୋଗୁଁ କରନ୍ତି ତାହା ମୁଁ କେବେ ଅନୁଭବ କରିନାହିଁ । ତାହାଙ୍କ ଉଦ୍ଦେଶ୍ୟ, ଏହାଦ୍ୱାରା ସମ୍ବଲପୁର ପିଲାମାନେ ଭଲ ଓଡ଼ିଆ ଶିକ୍ଷା କରିବାକୁ ଚେଷ୍ଟା କରିବେ । କ୍ରମେ କ୍ରମେ ମୁଁ ଭଲ ଓଡ଼ିଆ ଶିକ୍ଷା କରିବାକୁ ଚେଷ୍ଟା କରୁଥାଏ । ପିଲାଦିନରୁ ଓଡ଼ିଆ ସାହିତ୍ୟ ପ୍ରତି ମୋର ଅନୁରାଗ ଥାଏ । ସ୍କୁଲରେ ସାହିତ୍ୟ ଶିକ୍ଷା ଉଚ୍ଚ ପ୍ରାଥମିକ ଶ୍ରେଣୀ ପର୍ଯ୍ୟନ୍ତ ଯାହା ହୁଏ, ତା ପରେ ଆଉ ଓଡ଼ିଆ ସାହିତ୍ୟର କୌଣସି ସ୍ତରରେ ସ୍ଥାନ ନାହିଁ । କଲେଜରେ ପ୍ରବେଶ କଲା ଉତ୍ତାରେ ମୁଁ ଓଡ଼ିଆ ସାହିତ୍ୟର ବିଶେଷ ଚର୍ଚ୍ଚା କଲି ଓ ରାଧାନାଥ ରାୟଙ୍କ କାବ୍ୟପାଠ ଆରମ୍ଭ କରି, ପୁରାତନ କବିମାନଙ୍କ ଗ୍ରନ୍ଥମାନ ଅଧ୍ୟୟନ କରିବାରେ ମନୋନିବେଶ କରି, କ୍ରମେ କ୍ରମେ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ବୃଦ୍ଧି କରିବାକୁ ଲାଗିଲି । କିନ୍ତୁ ମୋର ସମ୍ବଲପୁରର ଅନ୍ୟ ଛାତ୍ରବନ୍ଧୁ ମାନେ ନିଜ ଭାଷା ଛଡ଼ା ଅନ୍ୟ ପ୍ରକାର ଓଡ଼ିଆ ଭାଷା ବ୍ୟବହାର କରିବାକୁ କେବେ ଚେଷ୍ଟା କରନ୍ତି ନାହିଁ । ସେମାନେ କହନ୍ତି, ମାତୃଭାଷା ତ୍ୟାଗ କରିବେ କାହିଁକି ? ମୁଁ ସେମାନଙ୍କୁ କହେଁ, ସମ୍ବଲପୁରୀ ଭାଷାରେ ତ ସାହିତ୍ୟ ନାହିଁ । ସାହିତ୍ୟ ଶିକ୍ଷା କରିବାକୁ ହେଲେ କଟକିଆ ବିଶୁଦ୍ଧ ଓଡ଼ିଆ ଶିକ୍ଷା କରିବାକୁ ହେବ । ଆମ୍ଭମାନଙ୍କ ମଧରେ ପୁରୁଷୋତ୍ତମ ମହାପାତ୍ର ସର୍ବଦା ଖାଣ୍ଟି ସମ୍ବଲପୁରୀ ଭାଷା ବ୍ୟବହାର କରୁଥିବା ଯୋଗୁଁ କଟକିଆ ଛାତ୍ରବନ୍ଧୁ ବିଶେଷତଃ ନୀଳକଣ୍ଠ ଦାସଙ୍କ ସହିତ ଭୀଷଣ ସଂଘର୍ଷ ସୃଷ୍ଟି ହୁଏ । ୧୯୦୪ ମସିହାରେ ସମ୍ବଲପୁରର କବି ଗଙ୍ଗାଧର ମେହେରଙ୍କ 'କୀଚକ ବଧ' ପ୍ରକାଶିତ ହେଲା । ଦିନେ ନୀଳକଣ୍ଠ ଦାସ ବହି ଖଣ୍ଡିକ ଧରି ଛାତ୍ରାବାସର ନିଜ କୋଠରୀରୁ ବାହାରି ପଡ଼ିଲେ ଓ ପଦ୍ମଚରଣ ପଟ୍ଟନାୟକ ପ୍ରଭୃତି ଅନ୍ୟ ବନ୍ଧୁମାନଙ୍କୁ ଡାକି ଉଚ୍ଚ ପାଟିରେ କହିଲେ, କେବଳ ପୁରୁଷୋତ୍ତମ ମହାପାତ୍ରଙ୍କୁ ଚିଡ଼ାଇବା ଉଦ୍ଦେଶ୍ୟରେ – "ଦେଖ ହେ ! ଦେଖ ! ସମ୍ବଲପୁରୀଆ ଜଙ୍ଗଲି କବି କ'ଣ ଲେଖିଛନ୍ତି ! ଏହା କହି ତହିଁରୁ ନିମ୍ନଲିଖିତ ଦୁଇପଂକ୍ତି । ପଢ଼ିଦେଲେ –

"ସୈରିନ୍ଧ୍ରୀ ନାମ ଶୁଣି ବିରାଟ ରାଣୀ
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ
ପାଣି"

ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ସ୍ୱାମୀମାନଙ୍କ ସହିତ ଦ୍ରୋପଦୀ ସୈରିନ୍ଧ୍ରୀ ରୂପରେ ବିରାଟ ରାଜ ପରିବାର ମଧରେ ରହିଥିବା ସମୟରେ ବିରାଟ ରାଣୀଙ୍କ ସହୋଦର କୀଚକର ଲୋଲୁପ ଦୃଷ୍ଟି ତାହାଙ୍କ ପ୍ରତି ପତିତ ହେଲା ।

ସେ ଜ୍ୟେଷ୍ଠା ଭଗିନୀ ରାଣୀ ସୁଦେଷ୍ଣାଙ୍କ ନିକଟକୁ ଦାସୀ ପ୍ରେରଣ କଲା ଏବଂ ଦାସୀ ଯାଇ ରାଣୀଙ୍କୁ କହିଲା –

"ଗତ ନିଶାରେ ସ୍ୱପ୍ନ ଦେଖିଲେ ଭାଇ
ନାରୀଏ ଦେଖା ଦେଇ ଗଲା ଉଭାଇ ।
ସେତିକି ବେଳୁ ଭାଇ ଅସ୍ଥିର ପ୍ରାଣେ
ବସିଅଛନ୍ତି ଏକା ତା ରୂପ ଧାନେ ।
ଯାବତ ନ ହେବ ତା ସାକ୍ଷାତକାର
ତାବତ ନାହିଁ ତାଙ୍କ ପାନ ଆହାର ।"

\+ + +

'ଚପଳା ବାକ୍ୟ ରାଣୀ ହୋଇ ଚଞ୍ଚଳ
ବୋଇଲେ 'କା ପାଇଁ ମୋ ଭାଇ
ବିକଳ ।

\+ + +

ଆଜି ସତ୍ୱର ରାଜଦୂତ ପଠାଇ
ଯତ୍ନ କରିବି ତାକୁ ଆଣିବା ପାଇଁ ।'
ଦାସୀ କହିଲା 'ଦେବୀ ! ନାହିଁ ସେ
ଦୂରେ
ରାଜ ଅନ୍ନରେ ବଞ୍ଚେ ଏ ରାଜପୁରେ ।
ସୈରିନ୍ଧ୍ରୀ ବୋଲି ବୋଲୁଛନ୍ତି ଯାହାକୁ
ଭାଇ ସ୍ୱପନେ ଦେଖିଛନ୍ତି ତାହାକୁ ।'
ସୈରିନ୍ଧ୍ରୀ ନାମ ଶୁଣି ବିରାଟ ରାଣୀ
ଜିହ୍ୱା କାମୋଡ଼ି ଦେଲେ କର୍ଣ୍ଣରେ
ପାଣି ।"

କୌଣସି ବିସ୍ମୟୋତ୍ପାଦକ କଥା ଶୁଣିଲେ ଲୋକେ ଜିଭ କାମୁଡ଼ି ଦୁଇକାନରେ ହାତ ଦିଅନ୍ତି । ଏଠାରେ ନୀଳକଣ୍ଠ ଦାସେ ପାଣିର ଅର୍ଥ 'ହାତ' ନକରି, ସତର ପାଣି କଲେ ଓ ତାଙ୍କ ଡାହାଣ ହାତର ଅଙ୍ଗୁଳିଗୁଡ଼ିକୁ ଚାମଚ ଆକାରରେ ତୁଣ୍ଡ ତଳେ ଧରି ତଦ୍‌ପରେ ନିଜ ଜିଭ କାମୁଡ଼ି ଦେଇ କହିଲେ, ବିରାଟ ରାଣୀ ଜିଭ କାମୁଡ଼ି ଦେଲାରୁ ଯେଉଁ ପାଣି ବାହାରିଲା ତାହା କାନରେ ପକେଇ ଦେଲେ- ଏପରି ବିଦ୍ରୂପାତ୍ମକ ଅଭିନୟ କଲେ । ଉପସ୍ଥିତ ବନ୍ଧୁମାନଙ୍କ ମୁଖରୁ ହାସ୍ୟରୋଳ ଉତ୍‌ଥିତ ହେଲା । ଏହା କି ପୁରୁଷୋତ୍ତମ ସହନ୍ତି ! ତତ୍‌କ୍ଷଣାତ୍ ଦାସଙ୍କ ମୁଣ୍ଡ ଉପରକୁ ତାଙ୍କ ବଜ୍ରମୁଷ୍ଟି ଉତ୍ତୋଳିତ ହେଲା । ମୁଁ ତାଙ୍କୁ ଧରି ପକାଇଲି ଓ କହିଲି, "ଆଚ୍ଛା, ସମ୍ବଲପୁରୀଆ ଜଙ୍ଗଲି କବି ତ ଯାହା ଲେଖିଲେ ଲେଖିଲେ, ତମ କଟକିଆ କବି କ'ଣ ଲେଖିଛନ୍ତି ଶୁଣ । ରାଧାନାଥଙ୍କ 'ନନ୍ଦିକେଶ୍ୱରୀ'ରେ ଚୋଳଗଙ୍ଗ ଦେବଙ୍କ ଶିବିର ବର୍ଣ୍ଣନା ଉଦ୍ଧାର କଲି-

"ଦାସେରକ ଆଶ୍ରା କରି ତରୁତଳ,
ଚୋବାଉଛି ଗ୍ରୀବା ଟେକି ନୟଦଳ ।"

ଦାସେରକ ଅର୍ଥ ଓଟ । ନିୟଗଛ ତଳେ ଗୋଟା କେତେ ଓଟ ଛିଡ଼ା ହୋଇଥାନ୍ତି ଓ ନିୟଗଛରୁ ଖଣ୍ଡେ ଲେଖାଏଁ ଡାଳ ଭାଙ୍ଗି ଆଉ ତାକୁ ଉପରକୁ ଟେକି ପରସ୍ପର ବେକକୁ ଚୋବାଇବାରେ ଲାଗିଥାନ୍ତି । ଯଦି ଲେଖିଥାନ୍ତେ "ଗ୍ରୀବା ଟେକି ଚୋବାଉଛ ନିମ୍ବ ଦଳ" ତାହା ହୋଇଥିଲେ କିଛି ନିଭିବାର ନଥିଲା । ଏହା ସଙ୍ଗେ ଆହୁରି ତହିଁରୁ ବୋଇଲି-

ଉଜ୍ଜଳ ପର୍ବତେ କଳା ମେଘ ପ୍ରାୟେ
ଶୋଭା ଦିଶିଲା ବେନି ରଙ୍ଗ,
କି କହିବା ଅବା ନୟନେ ଦେଖିଲେ
କର୍ଣ୍ଣେ ଶୁଣିବାକୁ ଏ ରଙ୍ଗ ?

ଶୁଣିବା ମାନେ ତ କାନରେ ଶୁଣିବା ! ଦେଖିବା ମାନେ ତ ଆଖିରେ ଦେଖିବା । କ'ଣ ନାକରେ ନା ଆଖିରେ ଶୁଣିଥାନ୍ତେ, ନା କାନରେ ଦେଖିଥାନ୍ତେ ଯେ 'କର୍ଣ୍ଣେ ଶୁଣିବାକୁ' 'ନୟନେ ଦେଖିଲେ' ଲେଖିଲେ ।

ଆଉଥରେ ପୁରୁଷୋତ୍ତମ କଥା କହୁଁ କହୁଁ କହିଲେ, "ଆଜି ପାଣି ବର୍ଷା ହେଲା ।" ଦାସଙ୍କୁ ହଠାତ୍ ତାଙ୍କୁ ଚିଡ଼ାଇବା ଜିନିଷ ମିଳିଗଲା । ସେ କହିଲେ, "ବର୍ଷା ହେଲେ ତ ପାଣି ବର୍ଷା ହେବ, କ'ଣ ଘିଅ ବର୍ଷା ହେବ ନା ଦୁଧ ବର୍ଷା ହେବ ?" ପୁଣି ମୁଁ କହିଲି ଏପରି ଦ୍ୱିରୁକ୍ତି ବଡ଼ ବଡ଼ କବିମାନଙ୍କ ରଚନାରେ ମଧ ଦେଖାଯାଏ ।" ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳରୁ ବୋଇଲି-

"କର ସାଧୁଜନମାନେ ଏକ
ମନ କର୍ଣ୍ଣ ଦେଇ କୃଷ୍ଣ କଥାକୁ
କାଳକୁ ସଂଶୟ ନ କରି
ଏ ଭବ ଭୟ କାଳ ଦଣ୍ଡ ବ୍ୟଥାକୁ
କୁଞ୍ଜବିହାରୀ, କରନ୍ତେ
ଗୋପରେ ବିହାର
କଂସ ଆଜ୍ଞା ଆସି ଲାଗିଲା
ନନ୍ଦକୁ ଦେବ କମଳ ଶତେ ଭାର ।
କଲେ ନନ୍ଦ ଭୟ ନ ଦିଶେ
ଉପାୟ କେ ଯିବ ପଦ୍ମଫୁଲ ତୋଳି
କର୍ଣ୍ଣେ ଶୁଣିକରି ଭୟ ପରିହରି
ଆଗ ହୋଇଲେ ବନମାଳୀ ।"

'ଶୁଣିବା' ମାନେ ତ କାନରେ ଶୁଣିବା, କ'ଣ ନାକରେ ନା ଆଖିରେ ଶୁଣିଥାନ୍ତେ ଯେ କୃଷ୍ଣ କାନରେ ଶୁଣିଲେ ବୋଲି କବି ଲେଖିଲେ? ଏହାପରେ ଦାସେ କହିଲେ, "ପଢ଼ରେ ପଢ଼ ! ଦେଖିଲ ଭାରତ ବାବୁ କ'ଣ କହିଲେ, ଖାଲି ମାରପିଟ୍‌ରେ କାହିଁକି ଲାଗିଛ ?" ଏପରି ଆହୁରି କେତେ ଅପ୍ରୀତିକର ଘଟଣା ମଧରେ ଏମାନଙ୍କ କଳିଗୋଳରେ ସମାଧାନ ମୋର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ ଓ ଥଟ୍ଟା ପରିହାସ ମଧରେ ମୁଁ ନିର୍ମଳ ସୁଖାନୁଭବ କରୁଥାଏ ।

(କ୍ରମଶଃ)





## ଡାଏରୀ -୫୭

ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



# ଅସହାୟ ପୃଥିବୀର ମଣିଷ

ଜୀବନରେ ପ୍ରଥମଥର ପାଇଁ ନିଜକୁ ଅସହାୟ ମନେକଲା ରଜନୀ ଦାଶ । ଚାରିପଟ ବେଡ୍ ମାନଙ୍କରୁ ରୋଗୀମାନଙ୍କର ଯଂତ୍ରଣାର ସ୍ୱର । ଦେହରେ ଖଂଜାଯାଇଥିବା ଯଂତ୍ରମାନଙ୍କର କୋଳାହଳ, ଆଖିଖୋଲି ଚାହିଁଲା ପାଖ ବେଡକୁ । ବୃଦ୍ଧ ଲୋକଟିଏ, ମୁହଁରେ ଅକ୍ସିଜେନ୍ ନଳୀ, ଆଖି ମିଟିମିଟି କରି ଚାହିଁଥାନ୍ତି, କଥା କହିବାର ସମସ୍ତ ଶକ୍ତି ହରେଇ ବସିଥାନ୍ତି ଯେମିତି । କିଛି ସମୟ ପରେ ପାଖକୁ ଜଣେ ବୟସ୍କା ମହିଳା ଆସିଲେ । ନୀରବରେ ବୃଦ୍ଧଙ୍କୁ ଚାହିଁଲେ । ଆଖିରୁ ଦୁଇଟୋପା ଲୁହ ଗଡି ପଡ଼ିଲା । ବୃଦ୍ଧ ଜଣକ ଅସହାୟ ଭାବରେ ଚାହିଁ ରହିଲେ । ସେ ଚାହାଣୀ ଭିତରେ ଅନେକ ଅକୁହାକଥା ଥିଲା ଯେପରି । ବୃଦ୍ଧଙ୍କର ପତ୍ନୀ ବୋଧହୁଏ ।

ଘରଣୀ ଚାନ୍ଦ ବୋଧେ ବାହାରେ ଅପେକ୍ଷା କରିଥିବ । ନିରବରେ ଲୁହ ଗଡ଼ାଉଥିବ, ଆଶଙ୍କାରେ ଛଟପଟ ହେଉଥିବ, ପୁଅଝିଅ ତାକୁ ଆଶ୍ୱାସନା ଦେଉଥିବେ । ଅପରେସନ୍ ଟେବୁଲ୍‌କୁ ଆସିବାବେଳେ କରିଡରରେ ଛିଡ଼ାହୋଇ ଦେଖିଥିଲା ରଜନୀ ଦାଶକୁ ।

ସେମିତି କିଛି ବିଶେଷ ଘଟିନଥିଲା ରଜନୀ ଦାଶର । ତେବେ ଏ ଅନୁଭୂତି ତା ପାଇଁ, ତା ପରିବାର ପାଇଁ ଥିଲା ପ୍ରଥମ । ହଠାତ ସବୁ ଘଟିଗଲା ଯେମିତି । କାହାକୁ ଜଣାଇବାର ଅବକାଶ ପାଇନଥିଲା ।

ଆପ୍ରୋନ୍ ପିନ୍ଧି ଚଳଚଂଚଳ ଥିଲେ ସେବିକାମାନେ । ସୋନାଲୀ କଥା ଆଜି କାହିଁକି ମନେ ପଡୁଥିଲା ରଜନୀ ଦାଶର । ସୋନାଲୀ ବି' ଏବେ ଏମିତି କୋଉ ରୋଗୀକୁ ଆଟେଣ୍ଡ କରୁଥିବ । ଥରେ ଜୋକ୍‌ରେ ରଜନୀ ଦାଶ କହିଥିଲା, "ଇଚ୍ଛା ହେଉଛି ତମ ହସ୍‌ପିଟାଲ୍‌ରେ ଆଡ୍‌ମିସନ ନେଇଯା'ନ୍ତି । ଅନ୍ତତଃ ତମକୁ ପାଖରେ ପାଇବାର ସୁଯୋଗ ପାଇଥାନ୍ତି ।" ସୋନାଲୀ ହସିଲା । ଲେଖକମାନେ ସବୁବେଳେ ପାଗଳ । ଏମିତି ଗୋଟାଏ ଗୋଟାଏ ଅଜବ ଖିଆଲ ବସାବାନ୍ଧିଥାଏ ସେମାନଙ୍କ ମୁଣ୍ଡରେ । ମଝିରେ ମଝିରେ ରଜନୀ ଦାଶର ପ୍ରେସ୍‌କ୍ରିପ୍‌ସନ ମଗାଇ ନିଏ । ଡକ୍ଟରଙ୍କ ସହ କନ୍‌ସଲ୍ଟ କରି ଲମ୍ବା ଆଡଭାଇସ୍ ଦିଏ ମେସେଜ୍‌ରେ ।

ବହୁତ ଦିନ ହେବ ସୋନାଲୀର ଖବର ଆସିନାହିଁ । ନାଁ ବଦଳାଇ ଫେସବୁକ୍‌ରେ ତା' ସହ ଚାଟିଂ କରୁଛି । ଏ ଝିଅଗୁଡ଼ାକ ବି ବଡ଼ ବିଚିତ୍ର । ପ୍ରେମ ଆଉ ଟାଇମ୍‌ପାସ ଭିତରେ କିଛି ଫରକ୍ ନାହିଁ ଏମାନଙ୍କ ପାଖରେ..ହୁସ୍...

ସେବିକା ଜଣେ ପାଖକୁ ଆସିଲା ।

ଅବିକଳ ସୋନାଲୀ ଭଳି ଚେହେରା । (ସୋନାଲୀକୁ ଅନେକଦିନ ତଳେ ଦେଖିଥିଲା । ନର୍ସ ପୋଷ୍ଟିଂ ପାଇଁ ହେଲ୍‌ଥ ଡିପାର୍ଟମେଣ୍ଟକୁ ନେଇଥିଲା ତା ସାଙ୍ଗରେ । ସଂପର୍କୀୟା ଭାଉଜଙ୍କୁ କହି ବ୍ରହ୍ମପୁରରେ ପୋଷ୍ଟିଂ ବି' କରି ଦେଇଥିଲା ରଜନୀ ଦାଶ । ଆଶ୍ଚର୍ଯ୍ୟଜନକ ଭାବରେ ତା ପରଠାରୁ ରଜନୀ ଦାଶ ସାଥିରେ ତାର ଆଉ ସଂପର୍କ ନଥିଲା ।)

ସେବିକାଟି ରଜନୀ ଦାଶର ବ୍ଲଡ୍‌ପ୍ରେସର ଚେକ୍‌କଲା । ଇଞ୍ଜେକ୍‌ସନ୍ ଦେଲା, କହିଲା "ମଉସା ! ଆପଣ ପରା ଫିଲ୍ମ ଲେଖନ୍ତି ।"

ରଜନୀ ଦାଶ ଚମକି ପଡ଼ିଲା, "ଇଏ କେମିତି ଚିହ୍ନିଲା ? ସୋନାଲୀର ସାଙ୍ଗ କି ?"

ତେବେ ତା'ର ମଉସା ଡାକ ଆଶ୍ଚର୍ଯ୍ୟକର ଥିଲା ତା' ପାଇଁ । ସେବିକା ଜଣକ କହିଲା, "ଦୁଇଦିନ ତଳେ ନ୍ୟୁଜ୍ ସେଭେନ୍‌ରେ ଆପଣଙ୍କର ଇଣ୍ଟରଭ୍ୟୁ ଦେଖିଛି । ଆପଣଙ୍କ ଫିଲ୍ମ ସବୁ ଦେଖେ । ସାର୍ (ଡକ୍ଟର) ବି କହୁଥିଲେ ଆପଣଙ୍କ ବିଷୟରେ ।" ରଜନୀ ଦାଶ ଆମୋଦିତ ହେଲା ଓ ନିଜ ଯନ୍ତ୍ରଣାକୁ ଭୁଲିଗଲା କିଛି ସମୟ ପାଇଁ । ଝିଅଟି ହସି ହସି କହିଲା, ମୁଁ ଆକ୍ଟିଂ କରି ପାରିବିନା ମଉସା ! ମୋର ସିରିଏଲ୍‌ରେ ରୋଲ୍ କରିବା ପାଇଁ ବହୁତ ଇଣ୍ଟରେଷ୍ଟ ଥିଲା । ହେଲେ ଏ ପ୍ରଫେସନ୍‌ରେ ରହି କାହା ସହ ଯୋଗାଯୋଗ କରିପାରୁନି । ଆପଣ ମୋ ପାଇଁ ଟ୍ରାଇ କରିବେ ନା !"

କିଛି ଉତ୍ତର ନଥିଲା ରଜନୀ ଦାଶ ପାଖରେ । ସେବିକାଟି ନିଜ ହାତରେ ଖୁଆଇ ଦେଉଥିଲା ରଜନୀ ଦାଶକୁ । ତା' ବୋଉ ତାକୁ କେବେ ଖୁଆଇବା କଥା ମନେ ନାହିଁ ରଜନୀ ଦାଶର । ହେଲେ ପିଲାବେଳେ ତା'ଝିଅ ମିଛି ମିଛିକା ବୋଉ ହୋଇ ଖୁଆଇ ଦେଉଥିଲା ରଜନୀ ଦାଶକୁ । ଆଖି ଛଳଛଳ ହୋଇଗଲା ରଜନୀ ଦାଶର ।

"ମଉସା ! ଆପଣଙ୍କ ରିଲେଟିଭ୍ ଦେଇଥିବା କଣ୍ଟାକ୍ଟ ନମ୍ବର ଲାଗୁନି । କାହା ନମ୍ବର ମନେ ଅଛି କି । ଡାକିଦେବି ? ମାଉସୀଙ୍କୁ ଦେଖିବାକୁ ଇଚ୍ଛା ହେଉଛି ନା ?" ମୁଣ୍ଡ ହଲାଇ ହଁ କଲା ରଜନୀ ଦାଶ । ପାଖାପାଖି ୩୦ ଘଣ୍ଟା ହେବ ଚାନ୍ଦକୁ ଦେଖିନି । ସିକ୍ୟୁରିଟି ଆଇସିୟୁ ଭିତରକୁ କାହାରିକୁ ଛାଡୁନି । ରଜନୀ ଦାଶ ଅସହାୟ ହୋଇ କହିଲା, "କାହା ନମ୍ବର ମନେନାହିଁ ।"

" ମାଉସୀଙ୍କ ନମ୍ବର ବି ମନେନାହିଁ ?" ହସିଲା ସେବିକାଟି । ଆପଣ ଏତେ ସ୍କ୍ରିପ୍ଟ ଲେଖୁଛନ୍ତି । ସେସବୁ ମନେଅଛି ନା ?"

ରଜନୀ ଦାଶ ନୀରବ ରହିଥିଲା, ତା'ର କେବଳ ନିଜ ନମ୍ବର ବ୍ୟତୀତ ଗୋଟିଏ ନମ୍ବର ମନେ ଅଛି । ରାଲିର ଫୋନ୍ ନମ୍ବର । ରାଲି ନମ୍ବର ଦେଇ ଦେବକି ସେବିକାକୁ ?

ନା ଥାଉ ! ନିଜକୁ ପୁଣି ଅସହାୟ ମନେକଲା ରଜନୀ ଦାଶ ।

କବିତା.... ଆମ ସମୟର

## ॥ ଛୁ...ମନ୍ତର୍ !! ॥



ପୂର୍ଣ୍ଣଚନ୍ଦ୍ର ମହାରଣା

ଶେଷରେ ବାନ୍ଧିଦେଲା ମତେ,
ଡୋଳା କଡେ ଟୁଳୁଟୁଳୁ ଲୁହ
କଳେହସ ତମ ମଧୁର ବିଶ୍ୱାସ !!

ମୁଁ ଦିନେ ଥିଲି କାଳେ
ବଦନାମ ଗଳିର ସର୍ଦ୍ଦାର
ଲମ୍ପଟ ଚରିତ୍ର ମୋର
ଚିରକାଳ ନଷ୍ଟ !!

କେମିତି କେଜାଣି
ପାତିଦେଲ ତମେ ଚିରାକାନି
ଫେରିବା ବାଟରେ ମୋର
ପୋତିଦେଲ ନିରୀହ ଚାହାଣୀ,

ଡାକି ଦେଲ ଆସ ଟିକେ ଆସ
କୁଆଡ଼େ ବାଟ ଭାଙ୍ଗୁଚ
ଅତିପ୍ରିୟ ଲୋକ !!

ଭିଡ଼ି ନେଇ ମୋ ବାଆଁହାତ
କହିଲ ଦେଖୁନ ଟିକେ ଚାହିଁ ଦେଖ
କେମିତି ଦିଶୁଚି ଏଇଠୁ
ପଉଷ ଆକାଶ
ବନମାଟି ଲିପାଚାନ୍ଦ
ଥାକଥାକ ସୁନା ଧାନକ୍ଷେତ !!

ମୋ ରାଣ ମାନ କଥାମାନ
କୋଉ ରହିଲାଣି ନା ରହିବ
ନିଜର ହୋଇ
ମହୁ, ମହୁଲି ଜହ୍ନରାତି
କଞ୍ଚା ଯଉବନ !!

\+ ବାଳକାଟୀ,
ଖୋର୍ଦ୍ଧା-୭୫୨୧୦୦

## ॥ ବାହୁଡ଼ା ॥



ଅକ୍ଷୟ ପାତ୍ର

ବାହୁଡ଼ା ହିଁ ଦିଗ୍ ବିଜୟରେ ଯାଇଁ
ଲହୁଲୁହାଣ ହୋଇଥିବା ସ୍ୱପ୍ନମାନଙ୍କୁ
କାନ୍ଧେଇ ଫେରୁଥିବା ମଣିଷପଣିଆ,
ଓ ବାହୁଡ଼ାଇ ଆଣୁଥିବା ଅସମୟ
ଛୁରୀଠୁଁ ବି ରକ୍ତମୁଖା
ବେଶି ଶାଣଦିଆ ।

ବାହୁଡୁଥିବା ପଦାତିକ ହିଁ ଜାଣେ
କେମିତି ଟୁକୁରା ଟୁକୁରା ହୋଇ
ବିଛେଇ ପଡ଼ିଥାଏ ଫେରିବା ପଥରେ,
ମଜ୍‌ବୁରି-
ଭଙ୍ଗାକାଚ ପରି ଖୁବ୍ ଧାରୁଆ,

କେମିତି ବେରୋଜଗାରୀ ସହଚର ପରି
ସାଥେ ଚାଲୁଥାଏ
ଅନଟନର ଗଣ୍ଠିଲି ଭାର
ବେଳୁ ବେଳ ଲାଗୁଥାଏ ଓଜନିଆ,
କୋଉ ସଂକ୍ରମଣର ମାରକ ଫଣା
କି'ବାଗେ ଦଂଶି ଦେଉଥାଏ ଦିହମନ
ଫାଁ ଗାଳି ଟଳି ପଡୁଥାଏ
ଜୀବନ, ଅଦିନିଆ ॥

ଆହା !
ପିଠିରେ ସିଇଁ ହୋଇ ଯାଇଥିବା ପେଟ
ଛାତି ପଞ୍ଜରା ସନ୍ଧିରେ
ଦୁଣିଯାଉଥିବା ଫାଟ
ଦିନୁଦିନ ସାଙ୍କୁଡ଼ି ଯାଉଥିବା ଅଣ୍ଟାର ଆଣ୍ଠୁ
ଓ ନିରିମାଖି ଆଖିରୁ
କ୍ରମ-ଉଭାନ୍ ଉଚ୍ଚାଟକୁ
କିଏ ଏମିତି ଭେଟି ଦେଇଥାଏ
ଛାଲ ଉତୁରିଥିବା ପାଦର
ଅସହଜପଣିଆ ?

ଧୁ ଧୁ ଖରାରେ
ପୁଣି ରାତିର ଅନ୍ଧବେଢଣରେ
ଅନବରତ ବାହୁଡ଼ିବାରେ ଲାଗିଥାଏ
ଘାତକ ଭୋକ-
ଛିଗୁଲାଇ କା'ର ଅପାରପଣିଆ ?

\+ ଅଧ୍ୟାପକ ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା,
ଢେଙ୍କାନାଳ-୨୦
ମୋ: ୮୮୯୫୮୮୪୯୬୦

## ॥ ଇଚ୍ଛା ॥

ପଦାରବିନ୍ଦ ରଥ

କେବେ ଏମିତି ନହେଉ
ସ୍ୱାର୍ଥ ଓ ଅହଂକାରର ଅନ୍ଧାରରେ
ମଣିଷ ପଣିଆ ହଜି ନଯାଉ ।

ଛୋଟ ବଡ଼ର ଭେଦ ଭାବ-
ଶିଖିବାର ଇଚ୍ଛା ଆଉ
ଶିଶୁ ସୁଲଭ ଚପଳତାକୁ
ମାରି ନଦେଉ ।

ବ୍ୟକ୍ତିଗତ ଅସୁବିଧା
ଅନ୍ୟର ଦୁଃଖରେ
ଆହା ପଦେ କହିବାକୁ
ବାଧା ନଦେଉ ।

ସଫଳତାର ଶିଖରରେ
ସେଇ ସବୁ ସ୍ନେହ
ଆଉ ଆଶୀର୍ବାଦ
ଯାହାକୁ ନେଇ ପଙ୍ଗୁ ବି
ଗିରି ଲଙ୍ଘେ
ମନରୁ ପାଶୋରି ନହେଉ ।

## ॥ କାଲିର ଯୁଦ୍ଧରେ ॥



ଡକ୍ଟର ଶ୍ରୀହରି ଧଳ

ଯେଉଁ ଆଙ୍ଗୁଳି,
କାଟି ନେଇଥିଲ
ସାମର୍ଥ୍ୟହୀନ କରିଦେବାକୁ ।
ଏବେ-
କଟା ପାପୁଲି
ଗଜୁରିବା ଆରମ୍ଭ କଲାଣି ।
କଅଁଳିଲାଣି
ଗୋଟେ ଗୋଟେ ଆଙ୍ଗୁଳି ।

ନିର୍ବୋଧ ।
ଗରିବ କଣ ମରେ
ଛାୟା ଯୁଦ୍ଧରେ ?
ଲେଉଟିଆ ପଟାଳି ପରି
ସବୁବେଳେ ତ
ସାଗୁଆ ବିଶ୍ୱାସରେ ଛନ ଛନ ।

ହାଡ଼ ମଂଜରେ ଥୋଇ ଆସିଛି-
ଗୋଟେ ଗୋଟେ
ପ୍ରତିବାଦ ।
ରକ୍ତରେ ପହଁରାଇଛି
ପ୍ରତିଶୋଧର ଭୂତାଣୁ ।

ସାବଧାନ !
କାଲିର ଯୁଦ୍ଧରେ
ସେ ହିଁ ତୁମର ପ୍ରତିବାଦୀ,
ଯିଏ କବର କବାଟ ଫିଟେଇ
ପୁଣି ଜିଇଁବା ମନ୍ତ୍ରରେ-
ଶୁଣେଇଛି ଗହଗହ
ନିଆଁବଂଶୀ ।

ଯିଏ-
ସ୍ରୋତ ପରି ବଢ଼ି ବଢ଼ି ଯାଉଛି-
ନିରୁପଦ୍ରବ ସିଂହାସନ ଆଡ଼କୁ ।
ହାତ ବଢ଼େଇଛି ତୁମର
ହିରଣ୍ମୟ
ଶିରସ୍ତ୍ରାଣ ଆଡ଼କୁ ।
ମନେରଖ,
ଏବେତ ଗରିବର ପାଳି ॥

\+ ତାଉଁତରା, କପାସି, ଚିତାଳୋ
ଯାଜପୁର
(ମୋ) ୯୪୩୮୪୩୭୦୯୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୧ ମାର୍ଚ୍ଚ, ୨୦୨୧



## ଚିନ୍ତା ଅନୁଚିନ୍ତା (୧)

# ଜଣେ ରାଷ୍ଟ୍ରପତିଙ୍କ ଚିଠି ଶିକ୍ଷକ ଓ ଛାତ୍ରସମାଜ ପାଇଁ ସର୍ବଦା ମହତ୍ତ୍ୱ ରଖେ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୯୧୭୨୫୫୪୯୩

ସମାଜରୂପକ ଶରୀରରେ ଶିକ୍ଷା ହେଉଛି ମସ୍ତକ ସଦୃଶ । କୃଷି, ବାଣିଜ୍ୟ, କଳକାରଖାନା ଆଦି ଏହି ଶରୀରରେ ଏକ ଏକ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ମସ୍ତିଷ୍କ ବିଗାଡ଼ି ଗଲେ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ନିରର୍ଥକ ପ୍ରାୟ । ସମାଜରୂପୀ ଶରୀରରେ ଶିକ୍ଷା ଏବେ ଘୋର ବିପର୍ଯ୍ୟୟ ଦେଇ ଗତି କରୁଛି । ଯେଉଁଥିପାଇଁ ସମସ୍ତ ସମୃଦ୍ଧି ସତ୍ତ୍ୱେ ଅଘଟନ ଘଟିବା ସ୍ୱାଭାବିକ । ଏଣୁ ଏହି ଦିଗ ପ୍ରତି ଯଥେଷ୍ଟ ଯତ୍ନଶୀଳ ହେବାର ପ୍ରାସଙ୍ଗିକତା ମନେହୁଏ । ଶିକ୍ଷାର ଯେଉଁ ମୌଳିକ ଲକ୍ଷ୍ୟ ତାହାହେଲା ମଣିଷକୁ ମାନବୀୟଗୁଣ ଆଧାରରେ ଗଢ଼ି ତୋଳିବା ସହ ତାକୁ ରୋଜଗାରକ୍ଷମ କରିବାରେ ସହାୟକ ହେବା । ତେବେ ଏହି ଦୁଇ ଦିଗ ମଧ୍ୟରୁ ପ୍ରଥମ ଦିଗଟି ଅର୍ଥାତ୍ ଅର୍ଥକାରୀ ବିଦ୍ୟା ଆହରଣ ପ୍ରାବଲ୍ୟ ଲଭି ଥିଲାବେଳେ ପୂର୍ଣ୍ଣାଙ୍ଗ ମଣିଷଟି ନିର୍ମାଣ କରିବା ଦିଗରେ ଯେଉଁ ନୈତିକ ଶିକ୍ଷା ଛାତ୍ର ଗ୍ରହଣ କରିବା କଥା ଓ ସେ ଦିଗରେ ଶିକ୍ଷକମାନେ ଅଧିକରୁ ଅଧିକ ଯତ୍ନବାନ୍ ହେବା ବିଧେୟ ତାହା ହେଉନାହିଁ । ଫଳରେ ନୂତନ ଛାତ୍ରପିଢ଼ି ଅନେକାଂଶରେ ଆମ ସମାଜ ଜୀବନରେ ବ୍ୟକ୍ତି ସର୍ବସ୍ୱ ହୋଇ ପରିବାର ଓ ସମାଜ ପାଇଁ ଚିନ୍ତାର କାରଣ ହୋଇଯାଉଛନ୍ତି । ଏତେବେଳେ ଆମକୁ ମନେପକାଇବାକୁ ପଡ଼ିବ । ଯୁକ୍ତରାଷ୍ଟ୍ରଆମେରିକାର ଏକଦା ରାଷ୍ଟ୍ରପତି ଥିବା ଆବ୍ରାହମ୍ ଲିଙ୍କନ୍‌ଙ୍କ ଏକ ଚିଠିକୁ । ଯେଉଁ ଚିଠିଟି ସେ ତାଙ୍କର ପୁତ୍ରକୁ ପାଠପଢ଼ାଉ ଥିବା ଶିକ୍ଷକଙ୍କ ଉଦ୍ଦେଶ୍ୟରେ ବହୁବର୍ଷ ପୂର୍ବେ ଲେଖିଥିଲେ । ଯାହାର ପ୍ରାସଙ୍ଗିକତା ସମ୍ପ୍ରତି ଯଥେଷ୍ଟ ଗୁରୁତ୍ୱ ବହନ କରେ ।

ଆବ୍ରାହମ୍ ଲିଙ୍କନ ଶିକ୍ଷକଙ୍କୁ ଯେଉଁ ଚିଠିଟିଏ ପଠାଇଥିଲେ ତାହାର ମର୍ମ ଥିଲା ଏହିପରି -

"ତାକୁ ଶିଖିବାକୁ ହେବ : ମୁଁ ଜାଣେ, ସବୁ ମଣିଷ ସତ୍ୟବାଦୀ ନୁହଁନ୍ତି, କି ସବୁ ମଣିଷ ନ୍ୟାୟବାଦୀ ନୁହନ୍ତି । କିନ୍ତୁ ତାକୁ ଏହା ବି ଶିଖାନ୍ତୁ ଯେ ପୃଥିବୀରେ ଯେତିକି ବଦ୍‌ମାସ ଅଛନ୍ତି, ସେତିକି ବୀର ବି ଅଛନ୍ତି । ଯେତିକି ସ୍ୱାର୍ଥବାଦୀ ରାଜନେତା ଅଛନ୍ତି, ସେତିକି ସମର୍ପିତ ରାଜନେତା ବି ଅଛନ୍ତି । ପୃଥିବୀରେ ଯେତିକି ଶତ୍ରୁ ବି ଅଛନ୍ତି ସେତିକି ମିତ୍ର ବି ଅଛନ୍ତି। ମୁଁ ଜାଣେ, ଏହା ଶିଖିବାକୁ ସମୟ ଲାଗିବ। କିନ୍ତୁ ଯଦି ପାରିବେ ତାକୁ ଶିଖାନ୍ତୁ, ବାଟରୁ ଉଠାଯାଇଥିବା ପାଞ୍ଚଟଙ୍କାଠାରୁ ଝାଳବୁହା ଗୋଟେ ଟଙ୍କାକର ମୂଲ୍ୟ ଯଥେଷ୍ଟ ବେଶି । ସେ ନିଜର କିଛି ହରାଇବାକୁ ଶିଖୁ, ଜିଣିବାର ଆନନ୍ଦକୁ ଉପଭୋଗ କରିବା ବି ଶିଖୁ । ଆପଣ ପାରିଲେ ତାକୁ ଈର୍ଷାଠାରୁ ଦୂରେଇ ରଖିବେ। ତାକୁ ଶିଖାଇବେ ନିରବ ହସର ରହସ୍ୟ । ଯଦି ପାରିବେ ତାକୁ ଗ୍ରନ୍ଥ ଜଗତର ବିସ୍ମୟ ସହିତ ପରିଚିତ କରାଇ ଦେବେ। ତାକୁ କିଛି ଏକାନ୍ତ ସମୟ ବି ଦେବେ ଯେତେବେଳେ ସେ ଆକାଶରେ ଚଢ଼େଇ, ଖରାରେ ଝଟକୁ ଥିବା ମହୁମାଛି ଓ ସବୁଜ ପାହାଡ଼ ଉପରେ ହସୁଥିବା ଫୁଲଗୁଡ଼ିକର ଚିରନ୍ତନ ରହସ୍ୟକୁ ଅନୁଭବ କରିବ । ତାକୁ ଶିଖାଇ ଦେବେ ଯେ ଠକିବା ଅପେକ୍ଷା ଅସଫଳ ହେବାରେ ଯଥେଷ୍ଟ ଗୌରବ ରହିଛି । ତା' ନିଜର ଭାବନାକୁ ଅନ୍ୟ ସମସ୍ତେ ଭୁଲ୍ ବୋଲି କହିଲେ ବି, ସେ ସେଥିରେ ହିଁ ଅଟଳ ବିଶ୍ୱାସ ରଖିବା ଶିଖୁ । ଭଦ୍ରଲୋକଙ୍କୁ ଭଦ୍ର ବ୍ୟବହାର ଓ କଠୋରଙ୍କ ପ୍ରତି କଠୋର ହେବାର କଳା ବି ସେ ଶିଖୁ । ମୋ ପୁଅକୁ ସେହି ଶକ୍ତି ଭରି ଦିଅନ୍ତୁ, ଯେପରି ସେ ମେଣ୍ଢାପଲ ଭିତରେ ମାତିଯିବ ନାହିଁ । ସେ ସମସ୍ତଙ୍କୁ ମନଦେଇ ଶୁଣୁ, କିନ୍ତୁ ତାକୁ ଶିଖାନ୍ତୁ ଯେପରି ସେ ସମସ୍ତଙ୍କର କଥାକୁ ସତ୍ୟର ଚଲୁଣିରେ ଛାଣି ପାରିବ । ସେଥିରୁ କେବଳ ଭଲକୁ ହିଁ ସେ ସାଉଁଟି ନେବ । ପାରିଲେ ତାକୁ ଶିଖାନ୍ତୁ - ଦୁଃଖ ବେଳେ ଭାଙ୍ଗି ନ ପଡି କିପରି ହସା ଯାଏ । ତାକୁ ଶିଖାଇବେ ଯେ ଲହୁ ବାହାରିବା କିଛି ଲାଜର କଥା ନୁହେଁ। ନିଜକୁ ଓ ଦୋଷ ଦେଖାଳିଙ୍କୁ ସେ ସିଧା ଉପହାସ କରୁ ଓ ତୋଷାମଦ ପ୍ରତି ବି ସତର୍କ ରହୁ । ସବୁଠୁ ଉଚ୍ଚା ଆହ୍ୱାନ ପାଖରେ ସେ ନିଜର ବଳ-ବୁଦ୍ଧିକୁ ଲଗାଇ ପାରେ, କିନ୍ତୁ ଯେ କୌଣସି ମୂଲ୍ୟ ପାଇଁ ନିଜ ବିବେକ ଓ ଆତ୍ମାକୁ ବିକି ନ ଦେଉ । ଦରକାର ଥିଲେ ସେ ଏହା ବିରୁଦ୍ଧରେ ଏକା ବି ଲଢ଼ିବ । ତାକୁ ସ୍ନେହ ଦେବେ, କିନ୍ତୁ ଗେହ୍ଲା କରିବେ ନାହିଁ । କାରଣ ନିଆଁ ଖାଇଲେ ହିଁ ସେ ଉତ୍କୃଷ୍ଟମାନର ସୁନା ହୋଇପାରିବ। ତା' ଭିତରେ ଧୈର୍ଯ୍ୟ ହରାଇବାର ସାହାସ ଆସୁ, ସାହାସୀ ହୋଇପାରିବାର ଧୈର୍ଯ୍ୟ ମଧ ଆସୁ । ନିଜ ଉପରେ ଯେପରି ତା'ର ସର୍ବଦା ଅନାବିଳ ଅଟଳବିଶ୍ୱାସ ରହିଥିବ, ଆପଣ ତାକୁ ସେ କଥାଟି ଶିକ୍ଷା ଦିଅନ୍ତୁ । ତେବେ ଯାଇ ତା'ର ମଣିଷଜାତି ଉପରେ ଅଟଳବିଶ୍ୱାସ ରହିପାରିବ। ଆପଣଙ୍କୁ ବହୁତ କାମ ଦେଲିଣି, ଦେଖନ୍ତୁ ଆପଣ କ'ଣ କରିପାରିବେ। ସତରେ, ମୋ ପୁଅ ଅତି ସରଳ-ନିଷ୍ପାପ ହୃଦୟଟିଏ ।"

ଏଥିରୁ ଉଭୟ ଶିକ୍ଷକ ଓ ଛାତ୍ରସମାଜକୁ ଅନେକ କିଛି ଶିଖିବାର ଅଛି । ପାଠ୍ୟପୁସ୍ତକ ଅନ୍ତର୍ଗତ ବିଷୟବସ୍ତୁ ବାହାରେ ଆମ ପରିବେଶ ଓ ଜଗତରୁ ମଧ ମଣିଷ ଅଧିକ ଜ୍ଞାନ ଆହରଣ କରେ ତା'ର ଜୀବନଧାରଣ ପାଇଁ । ଯେମିତିକି ନଦୀ ସକଳ ବାଧାବିଘ୍ନକୁ ଏଡ଼ାଇ ଆଗକୁ ବୋହିଥାଏ, ସେହି ନଦୀଠୁ ଆମେ ବଢ଼ିବାର ଗୁଣ ଶିଖିବା, ବୃକ୍ଷଠୁ ମହତ ଦାନ ଗୁଣ, ପିମ୍ପୁଡ଼ିଠୁ ସଂଗ୍ରହ ଗୁଣ, କାଉଠୁ ଚତୁରପଣ । ସୂର୍ଯ୍ୟ ଯେମିତି ନିର୍ବିକାର ଚିତ୍ତରେ କିରଣ ବିକିରଣ କରନ୍ତି, ସେମିତି ସମସ୍ତଙ୍କୁ ଭଲପାଇବା । ବଗଟିଏ ଠାରୁ ଏକାଗ୍ରତା ମନ୍ତ୍ର ଆହରଣ କରିବା । ମହୁମାଛିଠାରୁ ସଞ୍ଚୟ ଗୁଣ ଶିଖିବା । ଶିକ୍ଷା ଯେବେ ବୃତ୍ତି ସର୍ବସ୍ୱ ହୋଇଯାଉଛି, ସେତେବେଳେ ସୁମଣିଷ ଗଢ଼ା ହେବାର ପ୍ରକ୍ରିୟାରେ ବାଧା ଉପୁଜୁଛି । (ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଧାରାବାହିକ ଉପନ୍ୟାସ

# ନାତି



ଭାଗ-୨୦
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

"ତା'ହେଲେ କ'ଣ କରିବା ବାପା ?" - ଭବେଶର ଏମିତି ପ୍ରଶ୍ନରୁ ଅସହାୟତା ବାରି ହୋଇ ପଡୁଥିଲା ।

ଏଣେ ଦୀନନାଥ ନାତିକୁ କଟକ ନେବାପାଇଁ ଧୀରେ ଧୀରେ ମାନସିକ ପ୍ରସ୍ତୁତି ଚଳେଇ ରଖିଥିଲେ । ଏ ସନ୍ଧିକ୍ଷଣରେ ତାଙ୍କର ନିର୍ଣ୍ଣୟ ଏବଂ ନିର୍ଦ୍ଦେଶ ଭବିଷ୍ୟତକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେବ ।

ସଚରାଚରରେ ପ୍ରତି ମଣିଷ କ୍ଷେତ୍ରରେ ନିରନ୍ତର ଏମିତି କିଛି ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଥାଏ । ଏକ ନିର୍ଣ୍ଣାୟକ ମୋଡ଼ରେ ଛିଡ଼ା ହୋଇ ମଣିଷ ଯଦି ଠିକ୍ ନିର୍ଣ୍ଣୟ ନେଇ ନପାରେ, ତା'ହେଲେ ଭବିଷ୍ୟତରେ ତାକୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥାଏ । ଯଦି ଠିକ୍ ନିର୍ଣ୍ଣୟ ନେଇପାରେ, ତାହେଲେ ଭବିଷ୍ୟତ ତାକୁ ଆଶାତୀତ ମୂଲ୍ୟ ପ୍ରଦାନ କରିଥାଏ ।

"ଜୀବନରେ ଭଲମନ୍ଦ, କର୍ମ ଅକର୍ମ, ଭୁଲ ଠିକ୍ ଏବଂ ନ୍ୟାୟ ଅନ୍ୟାୟକୁ ପ୍ରତି ମୁହୂର୍ତ୍ତରେ ମଣିଷ ଭିତରେ ଥାଇ ମୁଁ ଚେତେଇ ଦେଇଥାଏ । ହେଲେ ମୂଢ଼, ଅବିବେକୀ ଏବଂ ଅଜ୍ଞାନୀ ମଣିଷମାନେ ତାହା ଜାଣିପାରନ୍ତି ନାହିଁ ।" ଅର୍ଜୁନଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ କହିଥିବା ଏହି କଥାଟି ଦୀନନାଥଙ୍କର ଏଇ ମୁହୂର୍ତ୍ତରେ ମନେ ପଡ଼ିଗଲା । ସେ ଦଣ୍ଡେ ମାତ୍ର ଆଖି ବନ୍ଦ କଲେ ଏବଂ ସ୍ମରଣ କଲେ କାଳିଆକୁ । ପଚାରିଲେ 'କ'ଣ କରିବି କହ ?'

ଠିକ୍ ଏତିକିବେଳେ ଭବେଶ ବି ତା' ପ୍ରଶ୍ନଟିକୁ ପୁଣିଥରେ ଦୋହରେଇଲା-

"ତେବେ କ'ଣ କରିବା ବାପା ?"

"ଯଦି ଡାକ୍ତର କୁହନ୍ତି, ତେବେ ଆମେ ପିଲାକୁ କଟକ ନେବା ହିଁ ନେବା । କିନ୍ତୁ ଖବରଦାର ! ଏଥିପାଇଁ ଆମ ସମସ୍ତଙ୍କୁ ପ୍ରତି ମୁହୂର୍ତ୍ତରେ ମିଥ୍ୟା କହିବାକୁ ପଡ଼ିବ । ମିଛ ଅଭିନୟ ଦେଖେଇବାକୁ ହେବ । ଶୁଭଦା ଯେପରି ଏହାର ବିନ୍ଦୁ ବିସର୍ଗ ଜାଣି ନପାରେ । ଏବେ ତା'ର ଅପରେସନ୍ ହୋଇଛି । ଭଲ ହୋଇ ସାରିଲା ପରେ କ୍ରମେ ତା' ମୁଣ୍ଡ ଭିତରକୁ ଧୀରେ ଧୀରେ ଏ କଥାକୁ ପ୍ରବେଶ କରେଇ ଦିଆଯାଇ ପାରିବ ।"

।। ୧୧ ।।

ଦିନ ଦଶଟା ବେଳକୁ ସ୍ଥିର ହେଲା ନାତି ଯିବ କଟକ । ଡାକ୍ତରଖାନା ନୀତିନିୟମ ଅନୁସାରେ କାଗଜପତ୍ର ପ୍ରସ୍ତୁତିରେ ଲାଗିପଡ଼ିଲା ଭବେଶ । ଡେରି ହେଲେ ବି ଡାକ୍ତର ନୀଳମାଧବ ସହଯୋଗ କଲେ । ଯାହା ଏ ପର୍ଯ୍ୟନ୍ତ ଘଟିଛି (ଭଲ ହୋଇଛି କି ମନ୍ଦ ହୋଇଛି), ସବୁ ତାଙ୍କରି ନିର୍ଦ୍ଦେଶରେ ହିଁ ଘଟୁଛି । ଦୀନନାଥ ସେଇଠି ସେମିତି ବସି ରହିଲେ । ଫୋନ୍ ଲଗେଇଲେ ଜୀତେଶ ଆଉ ଲିପୁ ପାଖକୁ । କହିଲେ, "ଘରୁ ତାଙ୍କ ପାଇଁ ଏବଂ ଭବେଶ ପାଇଁ ଆବଶ୍ୟକ ଜିନିଷପତ୍ର, ଲୁଗାପଟା ଗୋଟେ ବ୍ୟାଗ୍‌ରେ ସଜାଡ଼ି ଡାକ୍ତରଖାନା ନେଇ ଆସିବା ପାଇଁ । ହୁଏତ ତାଙ୍କୁ କିମ୍ବା ଭବେଶକୁ କଟକରେ ରହିବାକୁ ପଡ଼ିପାରେ ।"

ରେଫରେନ୍‌ସ କାଗଜପତ୍ର ଧରି ଫେରିଆସିଲା ଭବେଶ । ତୁରନ୍ତ ଏକ ଆମ୍ବୁଲାନ୍‌ସ ଲୋଡ଼ା । କିନ୍ତୁ ହାୟ ! ସେତେବେଳେ ୧୦୮ ଆମ୍ବୁଲାନ୍‌ସ ସେବା ନଥିଲା । ଆମ୍ବୁଲାନ୍‌ସ ସଂପର୍କରେ ଆଦୌ କିଛି ଧାରଣା ନଥିବା ଦୀନନାଥ ବାବୁ ସହାୟତା ଲୋଡ଼ିଲେ କାର୍ତ୍ତିକ ବାବୁଙ୍କର । କାରଣ ସେ ଜାଣିଥିଲେ ଯେ, ଆମ୍ବୁଲାନ୍‌ସ ପ୍ରାଇଭେଟ୍ ହେଉ ବା ସରକାରୀ, ସବୁଯାକ ମେଡ଼ିକାଲ୍‌ର ନିୟନ୍ତ୍ରଣରେ ଥାଏ । ଭାଇଙ୍କ କଥା ଶୁଣି କାର୍ତ୍ତିକ କହିଲେ -

"ପ୍ରାଇଭେଟ୍ ଆମ୍ବୁଲାନ୍‌ସ କାହିଁକି କରିବେ ? ମେଡ଼ିକାଲ୍‌ର ଦୁଇ ତିନୋଟି ଆମ୍ବୁଲାନ୍‌ସ୍ । ଗୋଟେ ଠିକ୍ କରି ଦେଲେ ହେବ । ଏଇଟା ନର୍ମାଲ୍ କେଶ୍ । ଭେଣ୍ଟିଲେଟର୍ ତୁଳନାରେ ଏସ୍.ଏନ୍.ସି.ୟୁ.ରେ ପିଲା ଠିକ୍‌ଠାକ୍ ହେବା ଟିକେ ସମୟ ସାପେକ୍ଷ ।"

ବିଜ୍ଞ ପାଠକେ ! ଦୀନନାଥ ବାବୁ ଏଠି ଯେଉଁ ତ୍ରୁଟିପୂର୍ଣ୍ଣ ସିଦ୍ଧାନ୍ତ ନେଲେ, ତାହା ତାଙ୍କ ପାଇଁ ଆଦୌ ଅନୁକୂଳ ନ ଥିଲା । ଦୀନନାଥ ବାବୁଙ୍କର ଧାରଣା ଥିଲା ସରକାରୀ ଆମ୍ବୁଲାନ୍‌ସ ହେଉ ବା ବେସରକାରୀ, ସବୁ କ୍ଷେତ୍ରରେ ଲୋକମାନଙ୍କୁ ଏଥି ସକାଶେ ଟଂକା ଜମା କରିବାକୁ ପଡ଼ିଥାଏ । ତେଣୁ ଯେଉଁଠୁ ଯୋଗାଡ଼ ହେଲେ ବି କିଛି ଫରକ ନାହିଁ ।

ଭବେଶ ପ୍ରାୟ ରାଜି ନଥିଲା ସରକାରୀ ଆମ୍ବୁଲାନ୍‌ସ ପାଇଁ । ସେ ଚାହୁଁଥିଲା ବରଂ ପ୍ରାଇଭେଟ୍ ଆମ୍ବୁଲାନ୍‌ସରେ ଶୀଘ୍ର ନେଇଯିବାକୁ । ସେ କେବଳ ଏତିକି ବୁଝିଥିଲା ଯେ, ଡାକ୍ତରଖାନା ଆମ୍ବୁଲାନ୍‌ସ ରିକ୍ୟୁଜିସନ୍ କରିବାରେ ଗୁଡ଼ାଏ ଝାମେଲା ହୁଏ । ଏଠୁ ସେଠି ଦଉଡ଼ି ଦଉଡ଼ି ସମୟ ଅତିବାହିତ ହୋଇଯାଏ । ତେଣୁ ପ୍ରାଉଭେଟ୍ ଆମ୍ବୁଲାନ୍‌ସ ଭଲ ।

କାର୍ତ୍ତିକ ଏବଂ ଭବେଶର ମତ ପାର୍ଥକ୍ୟର ମଝା ମଝିରେ ବିମୂଢ଼ ସ୍ଥିତିରେ ଛିଡ଼ା ହୋଇଗଲେ ଦୀନନାଥ । ହଠାତ୍ ସେ ନିଜର ମତାମତ ରଖିପାରିଲେ ନାହିଁ । ଯଦି ଭବେଶ ତା'ର ନିଜସ୍ୱ ମତଟିକୁ ଦୃଢ଼ ଭାବେ ଉପସ୍ଥାପନ କରିପାରିଥାନ୍ତା, ତାହେଲେ ପ୍ରାଇଭେଟ୍‌ରୁ ନେବା ତୟ ହୋଇଯାଇଥାନ୍ତା ! ଯାହା ଏବଂ ଯେଉଁଠୁ ନେଇଥିଲେ ବି ଦୀନନାଥଙ୍କ ପାଇଁ ତାହା ଫରକ୍ ପଡ଼ି ନ ଥାନ୍ତା । ଏଣୁ ସମୟର ଚକଟି କାର୍ତ୍ତିକ ସିଦ୍ଧାନ୍ତର ଗୁଳା ଉପରେ ମାଡ଼ିଗଲା । ଦୀନନାଥ ସେଠି କେବଳ ନୀରବଦ୍ରଷ୍ଟା ହୋଇ ରହିଲେ ।

ଏମିତି ଦେଖିବାକୁ ଗଲେ କାର୍ତ୍ତିକ ହେଉଛି ଭବେଶର ମଳାଶୁର । ଉଭୟ ମଳାଶୁର ଏବଂ ଶ୍ୱଶୁରଙ୍କୁ ଗୁରୁଜନ ତୁଲ୍ୟ ଜ୍ଞାନ କରୁଥିଲା ଭବେଶ । ଏଥିପାଇଁ ସେ ନିଜର ମତକୁ ଦୃଢ଼ ଭାବେ ଉପସ୍ଥାପନ କରିପାରୁ ନଥିଲା, କାଳେ ସେମାନେ ଅନ୍ୟଥା କିଛି ଭାବିବେ ବୋଲି ।

କିନ୍ତୁ ଏ ସବୁ ସତ୍ତ୍ୱେ ଆଉ ଯାହାର ଅଖଣ୍ଡ ପ୍ରଭାବ ସେଠି ଅଦୃଶ୍ୟରେ ବିଦ୍ୟମାନ ଥିଲା, ତାହା ହେଉଛି ସମୟ । ସୃଷ୍ଟିର ଆଦ୍ୟ ଓଁକାର ପୂର୍ବରୁ ସେ ଥିଲା, ତା'ର ଅଖଣ୍ଡ ପ୍ରଭାବ ଥିଲା । ସମୟ ଏବଂ ସମୟ ଚକ୍ରର ଆବର୍ତ୍ତରେ ଆଜି ପର୍ଯ୍ୟନ୍ତ ଯେତେ ଯୁଗ ଏବଂ ମନ୍ୱନ୍ତର ପୃଥିବୀ ବକ୍ଷରେ ଅତିବାହିତ ହୋଇ ଯାଇଛି, ସବୁଠି ସେ ତା'ର ଅଖଣ୍ଡ ପ୍ରଭାବ ବିସ୍ତାର କରି ଆସିଛି ଏବଂ ଅନନ୍ତକାଳ ପର୍ଯ୍ୟନ୍ତ କରି ଚାଲିଥିବ । ଛାର ମନୁଷ୍ୟ କ'ଣ, କାଳ ବି ତା' ହାତରେ ବଂଧା ପଡ଼ିଥାଏ । ସେ ସମସ୍ତଙ୍କୁ ନିୟନ୍ତ୍ରଣରେ ରଖେ, ତାକୁ କେହି ନିୟନ୍ତ୍ରଣରେ ରଖି ନିଜ ଇଚ୍ଛାମତେ ପରିଚାଳିତ କରିପାରନ୍ତି ନାହିଁ ।

ନିଜ ଅଫିସ୍ ଡ୍ରୟାର ଭିତରୁ କାର୍ତ୍ତିକ ଖଣ୍ଡେ କାଗଜ ବାହାର କରି ଦରଖାସ୍ତ ଲେଖିବା ନିମନ୍ତେ ଦୀନନାଥଙ୍କୁ ବଢ଼ାଇ ଦେଲେ । ଦୀନନାଥ ଦରଖାସ୍ତ ଲେଖିବା ପାଇଁ ଉଦ୍ୟତ ହେଲା ବେଳକୁ କାର୍ତ୍ତିକ କହିଲେ-

"ନାଇଁ, ଜ୍ୱାଇଁ ଲେଖି ଦିଅନ୍ତୁ ଏବଂ ସେଥିରେ ରେଫ୍‌ରେନ୍‌ସ କାଗଜର ଜେରକ୍ସ ଯୋଡ଼ି ସଂଗେ ସଂଗେ ଦେଲେ ମୁଁ ସି.ଡ଼ିଏମ୍.ଓ.ଙ୍କ ପାଖରୁ ସୁପାରିଶ କରି ଆଣିବି ।"

ସଂଗେ ସଂଗେ ଭବେଶ ଦରଖାସ୍ତ ଲେଖିଲା । ଜେରକ୍ସ ସହିତ ଦୁହେଁ ଦରଖାସ୍ତ ନେଇ ଗଲେ ସି.ଡ଼ି.ଏମ୍.ଓ.ଅଫିସ୍‌କୁ । ସେଠି ଏତେ ଭିଡ଼ ନଥିଲା । ତାଙ୍କ ଅଫିସ୍ କିରାଣୀ ଜଣେ ବୟସ୍କା ମହିଳା । କାର୍ତ୍ତିକ କହିବାରୁ ସେ ସଂଗେ ସଂଗେ ଫାଇଲ୍ ଲେଖିଲା, ହେଲେ ମନ ଉଣା କଲା । ପ୍ରତି କାମରେ ପଚାଶ ଶହେ ଉପୁରି ମିଳେ । କିନ୍ତୁ ଏଠି କିଛି କହି ପାରିଲା ନାହିଁ । ଯେତେହେଲେ ଅଫିସ୍ ଷ୍ଟାଫ୍ । ତା'ଛଡ଼ା ନିଜର କେସ୍ ବୋଲି କାର୍ତ୍ତିକ ପ୍ରଥମରୁ କହି ଦେଇଥିଲା । ନ ହେଲେ ଅତି କମ୍‌ରେ ଶହେ ଟଂକା ନେବା କଥା । ଦଶ ମିନିଟ୍‌ରେ କାମ ହୋଇଗଲା । ନୋହିଲେ ନାହିଁ ନଥିବା ବିଳମ୍ବ ହୋଇଥାନ୍ତା !

ସେଠାରୁ ଫେରୁ ଫେରୁ ଭବେଶକୁ ଲକ୍ଷ୍ୟକରି କାର୍ତ୍ତିକ କହିଲା -

"ସରକାର କୋଟି କୋଟି ଟଂକା ଖର୍ଚ୍ଚକରି ଡାକ୍ତରଖାନାରେ ଆମ୍ବୁଲାନ୍‌ସ ବ୍ୟବସ୍ଥା ରଖିଛନ୍ତି କାହା ଉଦ୍ଦେଶ୍ୟରେ ? ବସି ବସି ଏମାନେ ଦରମା ନେଉଛନ୍ତି । ଲୋକେ ସବୁବେଳେ ବାହାର ଆମ୍ବୁଲାନ୍ସକୁ ବ୍ୟବହାର କରୁଛନ୍ତି । ମୁଁ ବୁଝି ପାରୁନାହିଁ କାହିଁକି ସବୁ ଏମିତି ହେଉଛି । ଲୋକମାନଙ୍କର ଏ ପ୍ରକାର ମାନସିକତା ପାଇଁ ସରକାରଙ୍କର ଯୋଜନାତକ ଖତ ଖାଉଛି ।"

ମଳାଶୁରଙ୍କର କଥାରେ କିଛି ଉତ୍ତର ଦେଲାନାହିଁ ଭବେଶ । ତା' ଚେତନାରେ କେବଳ ଗୋଟିଏ କଥା ଖେଳୁଥିଲା, ପୁଅକୁ କେମିତି ତୁରନ୍ତ କଟକ ନିଆଯାଇପାରେ !

ଦଶ ପନ୍ଦର ମିନିଟ୍‌ର ଅନୁପସ୍ଥିତିରେ ଔଷଧପତ୍ର ନେବାପାଇଁ ଷ୍ଟୋର୍‌ରେ ଚାରିପାଞ୍ଚଜଣ କାର୍ତ୍ତିକ ବାବୁଙ୍କୁ ଅପେକ୍ଷା କରିଥିଲେ । ଏଇଠୁ ମଧ ପ୍ରତି ୱାର୍ଡ଼କୁ ସାଲାଇନ୍, ଔଷଧ, ବ୍ୟାଣ୍ଡେଜ୍, ତୁଳା ଇତ୍ୟାଦି ସବୁ ଜିନିଷ ଯୋଗାଇ ଦିଆଯାଏ । ସେ ଦାୟିତ୍ୱ କାର୍ତ୍ତିକର । ତେଣୁ ତରତର ହୋଇ ଷ୍ଟୋର୍‌କୁ ପଶିବା ପୂର୍ବରୁ ସୁପାରିଶ କାଗଜ ଖଣ୍ଡିକ ଦୀନନାଥଙ୍କ ହାତକୁ ବଢ଼େଇ ଦେଇ କହିଲା -

"ସି.ଡ଼ି.ଏମ୍.ଓ. ଲେଖି ଦେଇଛନ୍ତି । କାଗଜ ଖଣ୍ଡିକ ଆମ୍ବୁଲାନସ୍ ବିଭାଗରେ ଜମା କରିଦେଲେ ସେମାନେ ଆମ୍ବୁଲାନ୍‌ସ ଏସ୍.ଏନ୍.ସି.ୟୁ. ସାମ୍ନାକୁ ପଠେଇ ଦେବେ । ଶିଶୁୱାର୍ଡ଼ ପଛ ପାଖରେ ସେ ସେକ୍‌ସନ୍‌ଟି । ଏଇ ପାଖଦେଇ ଯେଉଁ ଗଳି ରାସ୍ତାଟି ଭିତରକୁ ଯାଇଛି, ସେଇପଟେ ଚାଲିଯାଆନ୍ତୁ !"

କଥା ଅନୁସାରେ ଦୀନନାଥ ଚାଲିଲେ ଭବେଶକୁ ନେଇ ଶିଶୁୱାର୍ଡ଼ର ପଛପଟେ ଯାଇଥିବା ଗଳି ଶେଷମୁଣ୍ଡ ଅଫିସ୍‌କୁ । ସେଠି ଦୁଇଜଣ ଲୋକ, ଦୁଇଟା ଟେବୁଲ୍, ଦୁଇଟା ଆଲମାରୀ, ଆଉ କିଛି ଫାଇଲ୍‌ପତ୍ର । ଜଣେ ଲୋକ କ'ଣ ଫାଇଲ୍ କାମ କରୁଛି, ଆଉ ଜଣେ ମୋବାଇଲ୍‌ରେ ଫୋନ୍ କରୁଛି ତା'ର କେହି ଆତ୍ମୀୟ ବା ପରିବାର ଲୋକଙ୍କୁ ।

ଫାଇଲ୍ କାମ କରୁଥିବା କିରାଣୀ ପାଖରେ ଛିଡ଼ାହୋଇ ଦୀନନାଥ କହିଲେ -

"ଆମର ତୁରନ୍ତ ଗୋଟେ ଆମ୍ବୁଲାନ୍‌ସ ଦରକାର । ସି.ଡ଼ି.ଏମ୍.ଓ. ସୁପାରିଶ କରି ଦେଇଛନ୍ତି । ଟିକେ ଦେଖନ୍ତୁ ।"

ଲୋକଟା ନ ଶୁଣିଲା ପରି ଦଣ୍ଡେ ରହିଲା ଏବଂ ତାପରେ କ'ଣ ଭାବିଲା କେଜାଣି, ଚେୟାର୍‌ରେ ବସି ଫୋନ୍ କରୁଥିବା ଲୋକଟା ପାଖକୁ ହାତ ଠାରିଦେଲା ।

ଦୀନନାଥ ସେ ଟେବୁଲ୍‌କୁ ଗଲେ, ସେଇ ଲୋକଟା ପାଖକୁ । ବୟସ ଅନ୍ଦାଜ ପଇଁତିରିଶ ହେବ । ତା'ର ଫୋନ୍ କରିବାର ନିବିଷ୍ଟତା ଏବଂ ହାବଭାବରୁ ଦୀନନାଥଙ୍କୁ ଅନୁଭବ ହେଲା, ସେ କୌଣସି ଝିଅ କିମ୍ବା ମହିଳାଙ୍କୁ ଫୋନ୍ କରୁଥିଲା । ବିବାକ ବ୍ୟକ୍ତିଗତ କଥା । ଭବେଶ ମନେ ମନେ କ୍ଷୁବ୍ଧ ହେଉଥାଏ ଲୋକଟା ଉପରେ, ଅଥଚ କିଛି କହି ପାରୁ ନଥାଏ । ତା' ମୁଖମଣ୍ଡଳରେ ଏକକାଳୀନ ନୈରାଶ୍ୟ ଏବଂ ବିରକ୍ତି ଭାବ ଫୁଟି ଉଠୁଥାଏ । ପରୋକ୍ଷ ଭାବେ ଦୀନନାଥ ବି ନିଜକୁ ଦାୟୀ କରୁଥାନ୍ତି ଏଥିପାଇଁ । ମନେ ମନେ ହୁଏତ ସେ ଶ୍ୱଶୁରଙ୍କ ଉପରେ ଚିଡ଼ୁଥିବ । ଏଇ ସବୁ କାରଣ ପାଇଁ ସେ ଡାକ୍ତରଖାନା ଆମ୍ବୁଲାନ୍‌ସ ପାଇଁ ରାଜି ନଥିଲା ।

ଦୀନନାଥ ସୁପାରିଶ କାଗଜଟିକୁ ଫୋନ୍ କରୁଥିବା କିରାଣିକୁ ବଢ଼େଇଦେଲେ । ଲୋକଟା ଫୋନ୍ କରୁକରୁ ତାଙ୍କ ହାତରୁ କାଗଜଟିକୁ ନେଲା । ହେଲେ ଫୋନ୍ ବନ୍ଦ କରୁ ନଥିଲା କି ଦୀନନାଥଙ୍କୁ କିଛି କହୁ ନଥିଲା । ଦୀନନାଥ କ୍ରମଶଃ ଉତ୍ତେଜିତ ହେଉଥିଲେ ଯଦିଓ କୌଣସି ଘଟଣାରେ ଖୁବ୍ ବେଶୀ ଉତ୍ତେଜିତ ନ ହେବାକୁ ଡାକ୍ତର ପୁଅ ଶୁଭକାନ୍ତ ତାଙ୍କୁ ମନା କରିଥିଲା । ବୟସ ଅନୁପାତରେ ଅତ୍ୟଧିକ ଉତ୍ତେଜନା ତାଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ ! ଦେହ ଏବଂ ମନର ଉତ୍ତେଜନାକୁ କୌଣସି ବାଚନିକ ପ୍ରତିକ୍ରିୟାରେ ପ୍ରକାଶ କରିବାରୁ କ୍ଷାନ୍ତ ହେଲେ । ସେ ଯଦି ପ୍ରତିକ୍ରିୟା କରିବେ, ତାହେଲେ ଭବେଶ ଉତ୍କ୍ଷିପ୍ତ ହେବ ଏବଂ କିଛି ଗୋଟିଏ ଘଟଣା ଘଟିଯିବ । (କ୍ରମଶଃ)



ମୂଳ ହିନ୍ଦୀ- ସୀମା ବର୍ମା

ଅନୁବାଦ ଗଳ୍ପ

# ଆଲୋକ ପଥେ

ଅନୁବାଦ- ବିନୟ କୁମାର ଦାସ

ସେ ସ୍ପଷ୍ଟ ଭାବରେ ସେମାନଙ୍କ କଥା ଶୁଣି ପାରୁନଥିଲେ ବି ଜାଣି ପାରୁଥିଲା କେହି ଜଣେ ତା ମାଆଙ୍କ ସହିତ ଅତି ଧୀର ସ୍ୱରରେ କିଛି କହୁଛି । ତେବେ ଏତେ ରାତିରେ ? ଏ ଗାଢ ଅନ୍ଧକାର ପରିବେଶରେ ? ସେ ଚମକି ପଡୁଥିଲା । କିଏ ହୋଇପାରେ ସେ ଅଜଣା ବ୍ୟକ୍ତିଟି ? ତାର ଉତ୍ସୁକତା ବଢି ବଢି ଚାଲିଲା । ସେମାନଙ୍କ କଥା ଶୁଣିବା ପାଇଁ ଚେଷ୍ଟା କଲା । ନା, ସ୍ପଷ୍ଟ କିଛି ଶୁଭୁନି । ସେ ପାଦ ଟିପିଟିପି ସେହି ଆଡକୁ ଆଗେଇଲା । ପାଖେଇ ଆସିବାରୁ କିଛିଟା କଥା ଶୁଣି ହେଉଛି ଏବେ । ଏ କଣ ? ସେହି ପୁରୁଷ କଣ୍ଠ ସହିତ ତ ସେ ଯେମିତି ପୂର୍ବ ପରିଚିତ । କିନ୍ତୁ ଠିକ୍ ମନେ ପକାଇ ପାରୁନି ।

"ତୁ ଜମା ବ୍ୟସ୍ତ ହେବୁନି । ଆଉ ମାତ୍ର କେଇଟା ଦିନର ଅପେକ୍ଷା । ବାସ୍ , ତାପରେ ଦେଖିବୁ , ସବୁ ଠିକ୍ ହୋଇଯିବ । ମୁଁ ତୋତେ ବି ନେଇଯିବି ସାଂଗରେ । ତୋତେ ସେଠି ଟ୍ରେନିଂ ଦିଆଯିବ । ତେଣିକି ତୁ ବି ଆମ ଦଳରେ ସାମିଲ ହୋଇଯିବୁ । ଆମର ଆଉ କିଛି ଅସୁବିଧା ରହିବ ନାହିଁ ।"

"ଆଉ ଆମ ଗେହ୍ଲୀ ଝିଅ.. ?" କାନ୍ଦ କାନ୍ଦ ସ୍ୱରରେ କହୁଥିଲେ ମାଆ ।

"ତୁ ଏତେ ଚିନ୍ତା କରୁଛୁ କଣ ପାଇଁ ? ତାକୁ ତୋ ମାଆ ପାଖରେ ଛାଡି ଦେଇ ଆସିବା । ଆମର ଲକ୍ଷ୍ୟ ପୂରଣ ହେବା ପରେ ତାକୁ ପୁଣି ନେଇ ଆସିବା । ତାପରେ ତାକୁ ବି ନେଇଯିବା ଆମ ସହିତ । ସେ ବି ଆମ ସହିତ ମିଶି.."

ଏଥର ସେହି ଅଜଣା ବ୍ୟକ୍ତିଟି କିଏ ତାକୁ ଜାଣିବାରେ କଛି ଅସୁବିଧା ହେଲା ନାହିଁ । ଇଏ ତ ତା ବାପା । ତାଙ୍କୁ ଦେଖିବା ପାଇଁ ସେ ବର୍ଷ ବର୍ଷ ଧରି କେତେ ଆଗ୍ରହ ଆଉ ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରି ରହିଥିଲା । ଭାବୁଥିଲା ଦୌଡି ଯିବ କି ତା ବାପାଙ୍କ ପାଖକୁ । କିନ୍ତୁ କଣ ସେ ଦେଖୁଛି ଏଠି ?? ତା କାନରେ ସତେ ଯେମିତି କିଏ ତରଳ ଶୀଷା କିଛି ଢାଳି ଦେଲା । ସେ ଆଉ କିଛି ଶୁଣି ପାରୁ ନଥିଲା । ତାକୁ ବିଶ୍ୱାସ ହେଉନଥିଲା..ଏ ତାର ସେହି ବାପା ? ଜଡବତ୍ ସେ ସେଇଠି କିଛି ସମୟ ଛିଡା ହୋଇ ରହିଲା ସେଇ ଘନ ଅନ୍ଧକାରରେ ।

" ଶୁଣ୍, ଆମ କାର୍ଯ୍ୟକଳାପ ସେହି ପର୍ଯ୍ୟନ୍ତ ଚାଲୁ ରହିବ , ଯେ ପର୍ଯ୍ୟନ୍ତ ଆମର ଅସଲ ଲକ୍ଷ୍ୟ ହାସଲ ନ ହୋଇଛି । ତେବେ , ସେଦିନ ଆଉ ବେଶୀ ଡେରି ନୁହେଁ । ତୁ ପ୍ରସ୍ତୁତ ହୋଇ ରହିଥିବୁ । ସେହି ଲାଲ କୋଠୀରେ ଆମର ପୁଣି ଭେଟ ହେବ । ମୁଁ ଆସୁଛି ତେବେ ।"

ପାଚେରୀ ଡେଇଁ ସେ ଚାଲିଗଲା ସେମିତି ଅନ୍ଧାରରେ ।

ତା ମାନେ..ଇଏ ସେହି ଆତଙ୍କବାଦୀ, ଯାହାକୁ ପୋଲିସ ଏ ସାହି ର ଘରେ ଘରେ ପଶି ଖୋଜୁଛି କେତେଦିନ ହେଲା ? ଆଉ ସେ ନିଜେ ହେଉଛି ସେହି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ର ଅଲିଅଳି ଝିଅ ! ନା..ନା.. ଏହା ହୋଇ ପାରେନା । ଏ ଅନ୍ଧାର ତାକୁ ଆଉ ଭଲ ଲାଗିଲା ନାହିଁ । ସେ ଆଲୋକ ପାଇଁ ସେଇଠୁ ଧାଇଁଲା ସିଧା ପାଖ ଥାନା କୁ ।

।।।।। ୦ ।।।।।

+ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯



ଦେବଯାନୀ ଦାସ

ଅଣୁ ଗଳ୍ପ

# କୁହୁଡି

ଲୀନା ଏମିତି ସ୍ୱପ୍ନ ଦେଖେ..........

ଅନ୍ଧାରିଆ ନିର୍ଜନ ରାସ୍ତା, ଅନେକ ଦୂରରେ କ୍ଷୀଣ ଆଲୋକର ରେଖା । ବେବଶ୍ ଲକ୍ଷହୀନ ଚାଲିଥିବା ସମୟରେ କେହି ଜଣେ ହାତ ବଢେଇ ଦଉଥାଏ, ପାଦରେ ପାଦ ମିଳେଇ ଧରି ନେଉଥାଏ ତା ହାତ...... ସେ କୁମାର ।

କୁମାରକୁ କଣ ଅତୀତ କୁହାଯାଇପାରିବ ! ସେ ତ ବର୍ତ୍ତମାନରେ ସର୍ବଦା ଅନୁବନ୍ଧିତ । କୁମାର.....ଡ:କୁମାର, ଲୀନାର ସହପାଠୀ, ବନ୍ଧୁ, ଅନ୍ତରର ନିବିଡତମ ମଣିଷ ........

ଚାରିଆଡେ କରୋନାର ପଦପାତ ....ଆଗଧାଡିର ଯୋଦ୍ଧା ଭାବେ ଅନ୍ୟ ଅନେକଙ୍କ ସହ ଡ.ଲୀନା ଓ ଡ.କୁମାର । ଦିନ ରାତି ଏକ କରି ନିଜକୁ ନିୟୋଜିତ କରେଇ ନେଇଥାନ୍ତି କରୋନା ଠାରୁ ଜୀବନକୁ ଉଦ୍ଧାର କରିବାରେ ।

ଲୀନା ଦେଖେ......ଲିଉକୋମିଆ ହେଇ ଥିବା କୁନି ଝିଅର ମାଆ ତାକୁ ଚିକିତ୍ସା ପାଇଁ ନେବା ପାଇଁ ପୋଲିସ ଓ ପ୍ରଶାସନ ନିକଟରେ ବିକଳ ଗୁହାରିର ଦୃଶ୍ୟ, ନର୍ସ ବନ୍ଦିତାର ତିନି ମାସର ଶିଶୁ ଭୋକରେ ମାଆକୁ ଖୋଜି କାନ୍ଦୁଥିବାର ଆକୁଳତା ଆଉ ବନ୍ଦିତା ତାକୁ ଛୁଇଁ ନ ପାରି କୋହକୁ ଚାପିଧରି ତା ଠୁ ଦୂରେଇ ଆସିବାର ଦୃଶ୍ୟ, କରୋନା ରୋଗୀଙ୍କ ସେବା କରୁଥିବା ଡାକ୍ତର ମହାମାୟାକୁ ଗୋଟେ ମାସ ପରେ ପାଞ୍ଚ ବର୍ଷର ପୁଅ ସହ ଦେଖା କରିବାର ଅନୁମତି ମିଳିବା ଓ ଦୂରରେ ଖୁବ୍ ଦୂରରେ ମାଆ ପାଇଁ ଆଣିଥିବା ଟିଫିନକୁ ଦୂରେଇ ରଖିଦେଇ ପୁଅଟି ଛାତି ଫଟେଇ କାନ୍ଦୁଥିବାର ଦୃଶ୍ୟ.....

ଭାଙ୍ଗି ପଡେ ଲୀନା । ଝରି ଆସୁଥିବା ଲୁହକୁ ଫେରେଇ ନବା ପାଇଁ କୁମାରର ଇସାରା ଆଖିରେ ଆଖିରେ ।

ସ୍ନେହ ମୋହ ମାୟା ଏସବୁ ତୁଚ୍ଛ ସାମ୍ନାରେ ଥିବା କର୍ତ୍ତବ୍ୟ ନିକଟରେ । କୁମାରର ନିଷ୍ଠା, ଅନ୍ୟର ଜୀବନ ବଞ୍ଚାଇବାର ଆପ୍ରାଣ ଚେଷ୍ଟା ନିକଟରେ ନତ ମସ୍ତକ ଲୀନା । ସେ ଯାତ୍ରାରେ କୁମାର ସହ ସେ ବି ତ ସହଯାତ୍ରୀ ଟିଏ ।

କୁମାର ବିନା କିଛି ବି ଯେ ସମ୍ଭବ ଏହା ଅସମ୍ଭବ ମନେ ହେଉଥିବାବେଳେ କୁମାର ଶହୀଦ ହୋଇଗଲା କରୋନା ଯୁଦ୍ଧରେ। ଅନ୍ୟର ଜୀବନ ପାଇଁ ସମର୍ପିତ ହେଉ ହେଉ କବଳିତ ହୋଇଗଲା କରୋନାର କରାଳ ହାତରେ । ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କୁମାରର ଶେଷକୃତ୍ୟ ସମ୍ପନ୍ନ ହେଲା।

ଲୀନା ସ୍ତବ୍ଧ, ବିବାକ୍ କିନ୍ତୁ କର୍ତ୍ତବ୍ୟରତ, କୁମାର ନିକଟରେ ପ୍ରତିବଦ୍ଧ । ଅପେକ୍ଷା ଭ୍ୟାକସିନ ବାହାରିବା ପର୍ଯ୍ୟନ୍ତ ।

କାହାକୁ ନୀରବରେ ଭଲପାଇବା ସବୁଠୁ ସୁନ୍ଦର ଓ ଖୁବ୍ କୋମଳ ଅନୁଭବଟିଏ, ଏଇ ଅନୁଭବ ହିଁ ପ୍ରତି କ୍ଷେତ୍ରରେ ତା ପ୍ରେରଣା ହେଇ ଚାଲୁଛି ତା ସାଥିରେ ସାଥିରେ।

ଚୁପଚାପ ବସିଛି ସେ ଅନେକ ବେଳୁ। କଣ କଣ ସବୁ ଭାବୁଛି, ତା ଭିତରୁ ଯେମିତି ଶୁଭିଯାଉଛି କିଛି ଗୁଞ୍ଜରଣ.......

ଭ୍ୟାକସିନ ବାହାରିଗଲା, ସଫଳ ପରୀକ୍ଷଣ ଶେଷ ହୋଇଛି । କରୋନା ହାରିଗଲା.....କରୋନା ହାରିଗଲା । ସାରା ବିଶ୍ୱରେ ଆଶ୍ୱସ୍ତି ବାତାବରଣ ।

କରୋନା ହାରିଗଲା !.... କିନ୍ତୁ ନେଇଗଲା ଅନେକ ସ୍ୱପ୍ନ, ଅନେକ ସ୍ପନ୍ଦନ ।

ଲୀନା ଭିତରେ କଣ ସବୁ ଚାଲିଥିଲା ସେ ଜାଣି ପାରୁନଥିଲା । ତା ସାମ୍ନାରେ କେବଳ ଅସ୍ପଷ୍ଟ ଛାଇ ଟିଏ......ସେ କୁମାରର ।

+ ଶ୍ରୀନିକ୍ସ ଇଞ୍ଜିନିୟରିଂ କଲେଜ ସାମ୍ନା
ଚୁନଭାଟି, ବାଲେଶ୍ୱର
(ମୋ)୭୯୭୮୮୮୪୧୮୮

# ଧନ୍ୟ ମଣିମା !



ସୁବ୍ରତ ପଟ୍ଟନାୟକ

**ସରକାରଙ୍କ ଉନ୍ନତିମୂଳକ କାମ ରୋକୁଥିବା ଲୋକକୁ ପ୍ରଶାସନ 'ଜ୍ୱାଇଁ ପୁଅ' ଭଳି ଶଙ୍ଖୋଳୁଛନ୍ତି । ସର୍ବେଜନୀନ ମହତ କାର୍ଯ୍ୟ ଠପ୍ ହୋଇଯିବାରୁ ଆମେ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲୁ । ଆଶା ଥିଲା, ପ୍ରଶାସନ ଆମ ଉପରେ ଖୁସି ହେବେ । ଆମକୁ ସହଯୋଗ କରିବେ । ମାତ୍ର, ଦେଖିଲା ବେଳକୁ କାମ ଓଲଟା । କେତେକ ପ୍ରଶାସନିକ ଅଧିକାରୀ ଆମକୁ ନାଲିଆଖି ଦେଖାଇବାକୁ ବି ପଛେଇଛଲେ ନାହିଁ ।**

ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀଙ୍କୁ ଆମର ଅଶେଷ ଧନ୍ୟବାଦ । ଯାହେଉ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗୁହାରି ଶୁଣିଲେ । ସେଥିପାଇଁ ତାଙ୍କ ମନ୍ତ୍ରିମଣ୍ଡଳ ଓ ପ୍ରଶାସନିକ ଅଧିକାରୀଙ୍କୁ ଆମ ଗାଁ ଲୋକଙ୍କ ଢେର୍ ତାରିଫ୍ । ପାୱାରଫୁଲ୍ ଆଇଏଏସ୍ ଭିକେ ପାଣ୍ଡିଆନ୍‌ଙ୍କୁ ବି ସାବାସୀ । କ୍ରିକେଟ୍‌ରେ ଟି-୨୦ ମ୍ୟାଚ୍ ଓ ନବୀନଙ୍କର ୨୦ ବର୍ଷ ଶାସନ ଖୁବ୍ ଚିତ୍ତାକର୍ଷକ, ରୋମାଞ୍ଚକର ।

କଣ ପାଇଁ ଏତେ ପ୍ରଶଂସା ? ଏତେ ଜୟ ଜୟକାର ? ସେମାନେ କଣ ଆଖି ଝଲସା କାମ କଲେ ? ପାଠକେ ଆମୂଳଚୂଳ ଶୁଣିଲେ, ସବୁକଥା ବଳେ ଜାଣି ପାରିବେ । ୨୦୨୦ ଡିସେମ୍ବର ମାସରେ ରାଜ୍ୟ ପ୍ରଶାସନ କେନ୍ଦୁଝର ଜିଲ୍ଲା ଓରାଳି ବସ୍‌ଷ୍ଟପ୍‌ରେ ଦୁଇଟି ସାଇନବୋର୍ଡ ଲଗାଇଥିଲେ । ଦୁଃଖର ବିଷୟ, ସାଇନବୋର୍ଡରେ ଓରାଳି ବଦଳରେ ଶାଳଣିଆଁ ଲେଖା ଯାଇଥିଲା । ଓରାଳିଠୁ ଶାଳଣିଆଁର ଦୂରତା ନଅ କିଲୋମିଟର । ଭୁଲ୍ ସାଇନବୋର୍ଡ ଲଗାଯିବାର ଓରାଳି ଗାଁ ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ । ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନଥିଲା । ମୁଖ୍ୟମନ୍ତ୍ରୀଙ୍କ ବାସଭବନ 'ନବୀନ ନିବାସ' ସମ୍ମୁଖରେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବାକୁ ବରିଷ୍ଠ ନାଗରିକ ମଞ୍ଚ ଘୋଷଣା କରିଥିଲେ ।

ଖୁସିର ବିଷୟ, ଓରାଳି ବସ୍‌ଷ୍ଟପ୍‌ରେ ସାତଦିନ ମଧ୍ୟରେ ସାଇନ ବୋର୍ଡ ଲଗାଯିବାକୁ ପ୍ରତିଶ୍ରୁତି ଦିଆଗଲା । କେବଳ ସେତିକି ନୁହେଁ, ଏହି କାର୍ଯ୍ୟରେ କେନ୍ଦୁଝର ଏସ୍‌ପି ଓ ଭଦ୍ରକ ଏସ୍‌ପି ସହଯୋଗ କରିବାକୁ ପୁଲିସ ଡିଜି ପରାମର୍ଶ ଦେଲେ । ପ୍ରଶାସନ ପକ୍ଷରୁ ଏଭଳି ପ୍ରତିଶ୍ରୁତି ମିଳିବା ପରେ ଶାନ୍ତିପୂର୍ଣ୍ଣ ଧାରଣା ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଥିଲା । ସାତ ଦିନ ମଧ୍ୟରେ ଓରାଳିରେ ସଠିକ୍ ସାଇନ୍‌ବୋର୍ଡ ଲଗାଯିବାର ଘୋଷଣା ହେବାରୁ ଗାଁ ଲୋକେ ଖୁସିରେ ନାଚିଲେ ।

କିନ୍ତୁ, ପ୍ରଶାସନିକ ଅଧିକାରୀ କଣ ପଦକ୍ଷେପ ନେଲେ, ତାହା ଆମେ ବଖାଣୁଚେ । ଓରାଳି ବସ୍‌ଷ୍ଟପ୍‌ର ପଶ୍ଚିମ ଦିଗରେ ଥିବା ସାଇନବୋର୍ଡକୁ ଷ୍ଟିକର୍ ଲଗାଇ ଲିଭାଇ ଦିଆଗଲା । ମାତ୍ର ସଂଶୋଧନ କରି 'ଓରାଳି' ଲେଖାଗଲା ନାହିଁ । ଫାଙ୍କା ଛାଡ଼ି ଦିଆଗଲା । ଅର୍ଥାତ୍, ଏହି ଗାଁଟି ଏକ 'ଅନାମ' ଗାଁ ହୋଇ ରହିଲା । ସେପଟେ, ପୂର୍ବ ଦିଗରେ ଥିବା ସାଇନ୍‌ବୋର୍ଡରେ ପୂର୍ବବତ୍ ଶାଳଣିଆଁ ରହିଲା । ତାକୁ ହଟାଗଲା ନାହିଁ । ଯେଉଁ ଶାଳଣିଆଁକୁ ସେଇ ଶାଳଣିଆଁ । ଏମିତି ଅଧା ପନ୍ତରିଆ କାମ ଦେଖି ଆମେ କପାଳରେ ହାତ ଦେଲୁ ।

ଠିକାଦାରଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ଉତ୍ତର ମିଳିଲା- ପଶ୍ଚିମ ଦିଗ ସୀମା ନନ୍ଦିପଦା ଥାନା ଅନ୍ତର୍ଗତ । ସେଇ ପଟ ସାଇନବୋର୍ଡ ଲିଭାଇବାକୁ ଆମକୁ କୁହାଯାଇଛି । ଆମେ କରିଛୁ । ପୂର୍ବ ଦିଗରେ ଥିବା ସାଇନବୋର୍ଡ- ବନ୍ତ ଥାନା ଅନ୍ତର୍ଗତ । ତାକୁ ଲିଭାଇବା କାମ ଆମର ନୁହେଁ । ଇୟେ କିମ୍ଭୁତ ଯୁକ୍ତି ! ଠିକାଦାର ପକ୍ଷରୁ ଯେଉଁ ସଫେଇ ଦିଆଯାଉଛି, କେତେ ହାସ୍ୟାସ୍ପଦ ! ଚୋରଟିଏ ଯଦି ଗୋଟିଏ ଥାନା ଇଲାକା ବା ସୀମା ଡେଇଁ ଆରପଟ ଥାନା ଇଲାକାକୁ ଚାଲିଯାଏ, ପୁଲିସ ତାକୁ ଛାଡ଼ି ଦିଏ କି? ୫୦ ମିଟର ବ୍ୟବଧାନରେ ଥିବା ଦୁଇଟି ସାଇନବୋର୍ଡ ସଂଶୋଧନ ହୋଇ ପାରୁନି । ବିତି ଯାଉଚି ମାସ ମାସ ? ଜାଣିଶୁଣି ଏଭଳି ତ୍ରୁଟି କରା ଯାଉନି ତ ?

ତା'ହେଲେ ଆମେ କଣ, 'ରାମ ଆଇଲେ ମୂଳରୁ ଗାଆ' ନୀତି ଆପଣେଇବୁ ? ପୁଣି ଥରକୁ ଥର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଚିଠି ଲେଖିବୁ ? ଶାନ୍ତିପୂର୍ଣ୍ଣ ଧାରଣା ଡାକରା ଦେବୁ ?

ଦୁଇଟି ସାଇନବୋର୍ଡ ଲଗାଇବା ପାଇଁ ଅତି ବେଶୀରେ ଅଧ ଘଣ୍ଟାଏ ସମୟ ଲୋଡ଼ା । ଏତକ କାମ କରାଇବାକୁ ଆମେ ତିନି ମାସ ଧରି ନାକେଦମ୍ । ପୁଲିସ ଡିଜିଙ୍କ ପରାମର୍ଶ ସତ୍ତ୍ୱେ ନନ୍ଦିପଦା କିମ୍ବା ବନ୍ତ ପୁଲିସ ଘଟଣାସ୍ଥଳରୁ ଥରୁଟିଏ ତଦନ୍ତ କରିବାକୁ ଆସୁନାହାନ୍ତି । ସରକାରଙ୍କ ଉନ୍ନତିମୂଳକ କାମ ରୋକୁଥିବା ଲୋକକୁ ପ୍ରଶାସନ 'ଜ୍ୱାଇଁ ପୁଅ' ଭଳି ଶଙ୍ଖୋଳୁଛନ୍ତି । ସର୍ବେଜନୀନ ମହତ କାର୍ଯ୍ୟ ଠପ୍ ହୋଇଯିବାରୁ ଆମେ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲୁ । ଆଶା ଥିଲା, ପ୍ରଶାସନ ଆମ ଉପରେ ଖୁସି ହେବେ । ଆମକୁ ସହଯୋଗ କରିବେ । ମାତ୍ର, ଦେଖିଲା ବେଳକୁ କାମ ଓଲଟା । କେତେକ ପ୍ରଶାସନିକ ଅଧିକାରୀ ଆମକୁ ନାଲିଆଖି ଦେଖାଇବାକୁ ବି ପଛେଇଛଲେ ନାହିଁ ।

ରାଜ୍ୟରେ ଉନ୍ନୟନ କାର୍ଯ୍ୟ କରିବା ଦାୟିତ୍ୱ ସରକାରଙ୍କର । ସେଥିରେ ନିର୍ବାଚନ ପ୍ରତିନିଧିଙ୍କର ସହଯୋଗ ଜରୁରୀ । ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଓ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁଙ୍କୁ ଆମେ ଚିଠି ଲେଖି ଜଣାଇଲୁ । ସେ ଦୁହେଁ ଶୁଣିଲେ ନାହିଁ କି ଆମକୁ ଫୋନ୍ କଲେ ନାହିଁ । ସେମାନଙ୍କର ଯୁକ୍ତି- ସାଇନବୋର୍ଡ ଲଗାଇବା ଗୋଟେ ମାମୁଲି କାମ । ଗୋଟେ 'ଡ୍ୟାମ୍' ତିଆରି କାମରେ ଆମକୁ ଅନୁରୋଧ କର । ଇୟେ କି ବିଚିତ୍ର କଥା ? ଯଦି ବିଧାୟକ ଭାଗିରଥିଙ୍କ ପୈତୃକ ଗାଁ 'ଫକୀରପୁର' ବସ୍‌ଷ୍ଟପ୍‌ରେ 'ବିଦ୍ୟାଧରପୁର' କିମ୍ବା 'ଦଧିବାମନପୁର' ସାଇନବୋର୍ଡ ଲଗା ଯାଇଥାନ୍ତା, ସେ ଚୁପ୍ ହୋଇ ବସିଥାନ୍ତେ ? ପାଟି ଫିଟାଇ ନଥାନ୍ତେ ? ଗୋଟିଏ ଗାଁର ସ୍ୱାଭିମାନକୁ ଏତେ ହାଲ୍‌କା ଭାବେ ଗ୍ରହଣ କରାଯିବା ଅନୁଚିତ । ଚନ୍ଦ୍ରାଣୀ ଓ ଭାଗିରଥି ଦୁହେଁ ଶାସକ ଦଳର ସଦସ୍ୟ । ଦୁହିଁଙ୍କ କ୍ଷମତା କାହିଁରେ କଣ ? ସେମାନେ ନିରବଦ୍ରଷ୍ଟା ସାଜିବା ଅଶୋଭନୀୟ । ମୁଖ୍ୟମନ୍ତ୍ରୀଙ୍କ ଚିଠିକୁ ବେଖାତିର୍ କରାଯିବା ଅତ୍ୟନ୍ତ ନିନ୍ଦନୀୟ । ଆମେ ପୁଣିଥରେ ମୁଖ୍ୟମନ୍ତ୍ରୀଙ୍କୁ ଯୋଡ଼ ହସ୍ତରେ ନିବେଦନ କରୁଚେ- ସେ ଦୟାକରି ଫୋନ୍ ଉଠାନ୍ତୁ । ୨୪ ଘଣ୍ଟା ମଧ୍ୟରେ କାମ ସାରିବାକୁ କଡ଼ା ନିର୍ଦ୍ଦେଶ ଦିଅନ୍ତୁ । ଆଇଏଏସ୍ ପାଣ୍ଡିଆନ୍ ବି ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ କରନ୍ତୁ । ତା'ନହେଲେ ୫ଟି-ମନ୍ତ୍ର ଉପରେ ଜନତାଙ୍କ ଆସ୍ଥା ତୁଟିଯିବ । ଜଣେ ସ୍ତମ୍ଭକାରଙ୍କୁ ମାସ ମାସ ଧରି ନାକ ଘୋଷରା ଓ ଗାଁ ଲୋକଙ୍କୁ ଆଉ ବେଶୀ ହଟହଟା କରା ନଯାଉ ।

ପ୍ରିୟ ପାଠକେ, ନଖ କାଟିବାକୁ ଛୋଟ ନହୁରୁଣୀଟିଏ ଦରକାର । ପ୍ରଶାସନ କୁରାଢ଼ୀ ଖୋଜିବାରେ ବ୍ୟସ୍ତ । ମନ୍ତ୍ରୀ, ହାକିମ କୁରାଢ଼ିଆର ଟେର୍ ପାଉନାହାନ୍ତି ।

ଆମେ କହିବା କାହାକୁ ? ?

+ ଓରାଳି, କେନ୍ଦୁଝର
ଫୋନ୍- ୯୯୩୭୭୯୧୨୪୪



## ରଜନୀଙ୍କ ରାଜଧାନୀ ଗୁଗୁଲ୍

### ॥ ଜୟଦେବ ରାଜନୀତି, ଛତାକାଠି ମରାମତି ॥

ଜନସଂପର୍କ ରକ୍ଷା କରିବାରେ ଯିଏ ଯାହା କହୁ ପଛକେ ସୁରଭାଇ ନମ୍ବର ୱାନ୍ । ବିଧାୟକ ଥାଆନ୍ତୁ କି ନଥାନ୍ତୁ କିନ୍ତୁ ଦଳୀୟ କର୍ମୀ, ଭୋଟରଙ୍କ ପାଖରେ ସିଧା ସିଧା ପହଞ୍ଚିଯିବାର ତରିକା ତାଙ୍କୁ ବେଶ୍ ମାଲୁମ୍ । ସାଧାରଣ ଭୋଟରର ସୁଖଦୁଃଖରେ ପହଞ୍ଚି ଯିବେ । ସେଇଥିପାଇଁ ସୁରଭାଇ ଏତେ ପପୁଲାର୍ । ତେବେ ଏବେ ଜୟଦେବ ବିଧାୟକ ଢାଲି ମହୋଦୟ ବି ସୁରଭାଇଙ୍କ ତରିକାକୁ ଆପଣେଇ ଥିବା କଥାଟା ଜଳଜଳ ଦିଶୁଛି । ଜୟଦେବରେ ଏବେ ବି.ଜେ.ଡିର ଦୁଇଟି ପାରାଲାଲ୍ ସଂଗଠନ ଚାଲିଛି । ୟାଙ୍କର ଉନିଶ୍‌କୁ ତାଙ୍କର ବିଶ୍ । ଉନ୍ନୟନ କାମରେ ବି ଦୁଇଗୋଷ୍ଠୀ ମଧ୍ୟରେ ଟଣା ଓଟରା । ଅଫିସର, କର୍ମଚାରୀ, ସାଧାରଣ ଜନତା ନାକେଦମ । ତଥାପି ବିଧାୟକ ମି.କୁଲ୍ ଅବତାରରେ ଅବତୀର୍ଣ୍ଣ । ନିର୍ବାଚନ ମଣ୍ଡଳୀରେ ପିଲାଠାରୁ ଆରମ୍ଭ କରି ହରିନାମ ସଂକୀର୍ତ୍ତନ ପିତୃଶ୍ରାଦ୍ଧରେ ହାଜର ହୋଇ ଯାଉଛନ୍ତି । ଅବଶ୍ୟ ଏଇଟା ଜନ ସଂପର୍କ ରକ୍ଷା କରିବାର ଗ୍ରାସରୁଟ୍ ପଲିସି । ବିଧାୟକ ରାଜନୀତି ମଇଦାନରେ ଜଣେ ଅଭିଜ୍ଞ ଖେଳୁଆଡ଼ି ବୋଲିଂ, ବ୍ୟାଟିଂ, ଫିଲ୍ଡିଂରେ ଅଲ୍‌ରାଉଣ୍ଡର । ତେବେ ନିକଟରେ କଟକ ଜିଲ୍ଲାର ଜଣେ ପ୍ରଭାବଶାଳୀ ପୂର୍ବତନ ବିଧାୟିକା ଜୟଦେବ ନିର୍ବାଚନ ମଣ୍ଡଳୀରେ ଜାଗା କିଣିବା କଥାଟାକୁ ରାଜନୈତିକ ପର୍ଯ୍ୟବେକ୍ଷକ ଗୁରୁତ୍ୱ ଦିଆଯାଉଛି । ଏ ଖବର ଖୋଦ୍ ବିଧାୟକ କି ତାଙ୍କ ଅନୁଗତ ମାନଙ୍କ ପାଖରେ ଅଛି କି ନାହିଁ କେଜାଣି ? ହେଲେ ଏକଥା ସତ ଯେ ଶଙ୍ଖ ମୁଖିଆ ଭାରି ଅନ୍ ପ୍ରେଡିକ୍ଟେବଲ । ନେତା, କର୍ମୀ, ଜନତାଙ୍କ ହାବଭାବ ସବୁ ତାଙ୍କ ସ୍କାନରରେ । ସଂଗଠନରେ ଛତା କାଠି ମରାମତି ବେପାର ଚଳେ ନାହିଁ ଏକଥା ବୁଝିବା ଆବଶ୍ୟକ ।

### ॥ ଘରୋଇ ହସ୍‌ପିଟାଲରେ ଶୋଷଣ ନୀତି ॥

କଥାରେ ଅଛି ବେଳା ଖରାପ ପଡ଼ିଲେ ଥାନା କି ଡାକ୍ତରଖାନା ଯିବାର ଯୋଗ ପଡ଼େ । ଖୋଦ୍ ଟୁଇନ୍‌ସିଟିରେ ଗଳିଗଳିରେ ଘରୋଇ ନର୍ସିଂହୋମ୍ ଡାକ୍ତରଖାନା, ତା'ର କାରଣ ଆବଶ୍ୟକତା ତୁଳନାରେ ସରକାରୀ ଡାକ୍ତରଖାନାର ସଂଖ୍ୟା ପର୍ଯ୍ୟାପ୍ତ ନୁହେଁ । ଖୋଦ୍ ରାଜଧାନୀରେ ଏମ୍‌ସ କି ଛଅନମ୍ବର ଡାକ୍ତରଖାନାକୁ ଛାଡ଼ିଦେଲେ ଗୁରୁତ୍ୱପୂର୍ଣ୍ଣ ରୋଗର ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନାଗୁଡ଼ିକୁ ନିର୍ଭର କରିବାକୁ ପଡ଼େ । ଏସବୁ ଘରୋଇ ଡାକ୍ତରଖାନାରେ ଖର୍ଚ୍ଚର ଲାଇନ୍ ଲେଙ୍ଗ୍‌ଥ କିଛି ନାହିଁ । ଥରେ ପଶିଗଲେ ବାହାରିବା ମୁସ୍କିଲ । ଖର୍ଚ୍ଚ ଡବଲ ଟ୍ରିବଲ ହେବାଟା ସୁନିଶ୍ଚିତ । ରୋଗୀର ମୃତ୍ୟୁପରେ ଭେଣ୍ଟିଲେଟର ଲଗାଇ ଆଇସିୟୁରେ ଦିନ ଦିନ ପକାଇ ରଖିବାଟା ନିତିଦିନିଆ ହେଇଗଲାଣି । ଅତୀତରେ ଏଥିନେଇ ବହୁ ଗଣ୍ଡଗୋଳ ବାଦବିସମ୍ବାଦ ଚାଲିଛି । ତଥାପି ଏମାନଙ୍କର ଦୌରାତ୍ମ୍ୟ କମିନି । ଏଠି ବି ସେଇ ଟାର୍ଗେଟ୍ ଧନ୍ଦା । ବିଚରା ଡାକ୍ତର କର୍ମଚାରୀଙ୍କୁ ଦୋଷ ଦେବା କାହିଁକି ? ନିକଟରେ ଜଣେ ପୂର୍ବତନ ବିଧାୟକ ରାଜଧାନୀର ଗୋଟିଏ ଘରୋଇ ହସ୍‌ପିଟାଲରେ ଯେଉଁଭଳି ଅପଦସ୍ତ ହେଲେ କିଛି ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ହସ୍ତକ୍ଷେପ ଫଳରେ ମୁକ୍ତି ପାଇଲେ । ତେବେ ପ୍ରଶ୍ନ ଉଠୁଛି ଏମାନଙ୍କ ଉପରେ ସରକାରୀ ଅଙ୍କୁଶ କଣ ଲଗାଯାଇ ପାରିବ ନାହିଁ ? ଏମାନଙ୍କ ଶୋଷଣରୁ ସାଧାରଣ ଜନତାଙ୍କୁ କଣ ମୁକ୍ତି ମିଳିବାର ବିକଳ୍ପ ନାହିଁ ?




# ॥ ପାଲି ॥



ଭୀଷ୍ମ ସାହାନି
(୧୯୧୫-୨୦୦୩)

ଧର୍ମକୁ ଆଧାର କରି ଦେଶର ବିଭାଜନ ଏକ ମସ୍ତବଡ଼ ଭୁଲ ଥିଲା ବିଗତ ଶତାବ୍ଦୀର । ଏହାଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଲା ମାନବ ସମାଜ । ଗୋଟେ ଛୋଟ ଛୁଆ ଉପରେ କେମିତି ଝଡ଼ ବୋହିଛି ବିଭାଜନର ତାହା ପ୍ରଖ୍ୟାତ ହିନ୍ଦୀ କଥାକାର ଭୀଷ୍ମ ସାହାନୀ ଦର୍ଶାଇବା ଉଦ୍ଦେଶ୍ୟରେ ଲେଖିଛନ୍ତି 'ପାଲି' ଶୀର୍ଷକରେ ଏକ ଗଳ୍ପ । ଆଜି ସେଇ ପାଲି ସମ୍ପର୍କରେ କିଛି....

ଆପଣା ଭିଟାମାଟିର ମୋହ ତୁଟାଇ, ଧନସମ୍ପତ୍ତି ଘରଦ୍ୱାର ସବୁକିଛି ଛାଡ଼ି ପତ୍ନୀ କୌଶଲ୍ୟା ଓ ଦୁଇ ଛୋଟ ଛୋଟ ଛୁଆଙ୍କୁ ନେଇ ଶରଣାର୍ଥୀ ଶିବିରକୁ ଚାଲି ଆସେ ମନୋହରଲାଲ । ଉଭୟ ଦେଶ ତରଫରୁ ସେମାନଙ୍କୁ ଲରି ଯୋଗେ ସୁରକ୍ଷିତ ଭାରତ ପହଞ୍ଚାଇବାର ବ୍ୟବସ୍ଥା କରାହୁଏ । ଧାଡ଼ିବାନ୍ଧି ଠିଆ ହୋଇଥାଏ ଲରି ଗୁଡ଼ିକ । ତା'ପାଖରେ ନାହିଁ ନଥିବା ଭିଡ଼, ଠେଲାପେଲା । ଛୋଟ ଝିଅଟିକୁ ମା' କାଖେଇଥିବା ବେଳେ ଚାରିବର୍ଷର ପୁଅ 'ପାଲି' ଧରିଥାଏ ବାପର ହାତ । ପୁଣି ଦୁଇ ସ୍ୱାମୀସ୍ତ୍ରୀଙ୍କ ମୁଣ୍ଡରେ ଘରକରଣାର ଗୋଟେ ଗୋଟେ ବୋଝ । ମୁଣ୍ଡର ବୋଝକୁ ସମ୍ଭାଳିବା ସହ ପତ୍ନୀଙ୍କୁ ଝିଅସହ ଲରି ଉପରକୁ ଚଢ଼ାଇବାବେଳେ ପାଲିର ହାତ ଛାଡ଼ି ହୋଇଯିବା କଥା ଖିଆଲ ନଥାଏ ମନୋହରଲାଲର । ଉପରକୁ ଆଉ ଚଢ଼ିଯାଇଛି କି ଭାବି ଲରି ଭିତରେ ଯାଇ ଦେଖେ । ସେଇଠି ନଥାଏ ପାଲି । ତରତର ହୋଇ ଓହ୍ଲାଇ ଆଖପାଖ ସବୁ ଅଞ୍ଚଳ ଦରାଣ୍ଡି ପକାଏ ମନୋହର । କୁଆଡ଼େ ଗଲା ପିଲାଟି ? ପତ୍ତା ମିଳୁନି ତା'ର ! ଏପଟେ ପ୍ରଶାସନ ଛାନିଆଁ ହେଉଥାଏ ଯାତ୍ରାରମ୍ଭ ପାଇଁ । ସନ୍ଧ୍ୟା ପୂର୍ବରୁ ଶରଣାର୍ଥୀଙ୍କୁ ସୀମା ସେପାଖରେ ପହଞ୍ଚାଇବାର ଦାୟିତ୍ୱ । ଆଜିକାଲି ଯେଉଁ ପରିସ୍ଥିତି କେତେବେଳେ କୋଉ ଅଘଟଣ ଘଟିବ ଚିନ୍ତା କରିବା ମୁସ୍କିଲ । ଲରି ଆଗକୁ ବଢ଼ିବାରୁ କୌଶଲ୍ୟା ବିକଳ ହୋଇ ତାକୁ ଅଟକାଇବାକୁ ଚିତ୍କାର କରୁଥାଏ । ଜିନିଷପତ୍ର ତଳକୁ ଫିଙ୍ଗି ନହେଲେ ନିଜେ ଓହ୍ଲାଇଯିବ ସିଏ । ମନୋହର ଶେଷକୁ ଅନୋନ୍ୟପାୟ ହୋଇ ଚଢ଼େ । ଲୋକେ କହୁଥାନ୍ତି ଆଗରେ ଯାଉଥିବା କୋଉ ଲରିରେ କେହି ସହୃଦୟ ବ୍ୟକ୍ତି ନିଶ୍ଚିତ ପିଲାଟିକୁ ଚଢ଼େଇ ଦେଇଥିବେ ବୋଲି । ଆଗରେ କୋଉଠି ଗାଡ଼ିସବୁ ଅଟକିଲେ ସେମାନେ ପିଲାଟିକୁ ପାଇଯିବେ ନିଶ୍ଚିତ । ନପାଇଲେ ହେଲେ ଆଉ କ'ଣ କରାଯିବ ? ଗୋଟେ ଛୁଆ ତ ତାଙ୍କ ପାଖରେ ଅଛି ସେତକ ଅଶେଷ କୃପା ଠାକୁରଙ୍କର ବୋଲି ଭାବିବାକୁ ହେବ । କାନ୍ଦୁଥିବା ପତ୍ନୀକୁ ସାନ୍ତ୍ୱନା ଦେବାକୁ ଯାଇ ମନୋହର କହେ, "ତୁମେ ତ ଜାଣିଛ, ଲେଖରାଜ୍‌ର ତିନୋଟି ଛୁଆଙ୍କୁ ସେମାନେ ତା' ସାମ୍ନାରେ ହାଣି ପକାଇଛନ୍ତି । ସବୁ ସେଇ ଠାକୁରଙ୍କ ଇଚ୍ଛା । ତାଙ୍କ ଉପରେ ଭରସା ରଖ ।" ହେଲେ ମା' ମନ କେତେକେ ବୁଝିବ ଯେ ? ସେ ଛାତି ପିଟି ପିଟି କାନ୍ଦି ବାରମ୍ବାର ସଂଜ୍ଞାହୀନ ହୋଇ ପଡୁଥାଏ । ବହୁସମୟ ପରେ ଲରି ଗୁଡ଼ିକ ଗୋଟିଏ ସ୍ଥାନରେ କିଛି ସମୟ ଲାଗି ଅଟକିବାରୁ ମନୋହର ଯାଇ ସବୁଥିରେ ତନ୍ନ ତନ୍ନ କରି ଖୋଜେ । ହେଲେ ପାଲି କୋଉଠି ବି ନଥାଏ । ମା'ଝିଅଙ୍କୁ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ି ପୁଣି ସେ ଫେରି ଆସି ପୁଅକୁ ଖୋଜିବାର ମନସ୍ଥ କରେ ।

ଏଣେ ବୁଲା ବିକାଳୀ, ଶକୁର ଅହମଦ ରାସ୍ତା କଡ଼ରେ ଛୁଆଟିଏ ବଡ଼ ବିକଳ ହୋଇ କାନ୍ଦୁଥିବାର ଦେଖେ । ଛୁଆ ପାଖରେ ବସିପଡ଼ି ତାକୁ ସାନ୍ତ୍ୱନା ଦିଏ । ଆଖିର ଲୁହକୁ ପୋଛି, ବାପାଙ୍କ ପାଖକୁ ନେଇଯିବ ବୋଲି କହି ତାକୁ ଚୁପ୍ କରାଏ । ପୋଷାକ ପତ୍ରରୁ ହିନ୍ଦୁ ବୋଲି ଅନୁମାନ କରି ରିଫ୍ୟୁଜି କେମ୍ପକୁ ନେଇଯାଏ । ସେଠି କେହି ନଥାନ୍ତି । ବହୁ ସମୟ ପୂର୍ବରୁ ଲରିଗୁଡ଼ିକ ଚାଲିଯାଇଥାନ୍ତି ଭାରତ ଅଭିମୁଖେ । ଶେଷକୁ ଛୁଆଟିକୁ ତା'ଘରକୁ ନେଇଯାଏ । ଶକୁର କାନ୍ଧରେ ମୁଣ୍ଡ ରଖି କେତେବେଳୁ ସେ ଶୋଇ ପଡ଼ିଥାଏ ହାଲିଆ ହୋଇ । ସବୁ ଘଟଣାର ଗୋଟି ଗୋଟି କରି ବର୍ଣ୍ଣନା କରେ ତା' ବିବି, ଜେନବ୍ ଆଗରେ । ବିବାହର ଏତେବର୍ଷ ପରେ ମଧ୍ୟ ସେମାନଙ୍କ କୋଳ ଶୂନ୍ୟ ଥିବାରୁ ଏହାକୁ ଆଲ୍ଲାଙ୍କର ଏକ ବରଦାନ ବୋଲି ଭାବି ଛୁଆଟିର ଗାଲରେ ହାତମାରି ତା' ନାଁ କ'ଣ ବୋଲି ପଚାରେ ଜେନବ୍ । କେମିତି ଜାଣିବ ଶକୁର ? କାନ୍ଦି କାନ୍ଦି ସେ 'ପାଲି' 'ପାଲି' ବୋଲି ତ କହୁଥିଲା କେବଳ । ଏଇ ହିନ୍ଦୁମାନେ ବି ଅଜବ୍ । କେମିତି କୌତୁକିଆ ନାଁ ସବୁ ରଖନ୍ତି କେଜାଣି ଛୁଆଙ୍କର ! ପାଲି ! ଏଇଟା ଗୋଟେ କି ନାଁ ? ତା'ର ଏଇଭଳି ଗୁଲୁଗୁଲିଆ ପୁଅଟିଏ ଥିଲେ ସେ ତା' ନାଁ ରଖିଥାନ୍ତା 'ଅଲ୍‌ତାଫ୍' । କେହି ଯଦି ୟା'କୁ ନେବାକୁ ନଆସେ ତେବେ ଇୟେ ତା'ର ହୋଇଯିବ । ପରଦିନ ସକାଳୁ ନିଦ ଭାଙ୍ଗିବାରୁ ସମସ୍ତଙ୍କୁ ଅଚିହ୍ନା ଦେଖି ପିଲାଟି ବାପା ବାପା ବୋଲି ଡାକଛାଡ଼ି କାନ୍ଦେ । ଦୁଇ ତିନିଦିନ ଭାରି ଚୁପ୍‌ଚାପ୍ ଗୁମ୍‌ସୁମ୍ ରହେ । ତୃତୀୟ ଦିନ ବିଲେଇ ଛୁଆଟିକୁ ଦେଖି ତାଳି ମାରି, ବିଲେଇ ବିଲେଇ କହି ତା' ପଛରେ ଗୋଡ଼ାଏ । ଜେନବ୍ ଏ ଦୃଶ୍ୟ ଦେଖି ଖୁବ୍ ଖୁସିହୁଏ । ସେଦିନ ସନ୍ଧ୍ୟା ବେଳକୁ ପାଖ ମସଜିଦର ମୌଲବୀ ଦୁଇଟି ଲାଠିଆଳ ଧରି ପହଞ୍ଚନ୍ତି । "ଗୋଟେ କାଫେର୍‌ର ଛୁଆ ଏଠି ଅଛି, କିଏ ତାକୁ ଆଣିଛି ?" ବୋଲି ଶକ୍ତ କଣ୍ଠରେ ପଚାରନ୍ତି । ପତିପତ୍ନୀ ନେହୁରା ହୋଇ ଅନାଥ ଶିଶୁଟିକୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଛନ୍ତି ବୋଲି କହନ୍ତି । "ତା'ର କ'ଣ ସୁନ୍ନତ ହୋଇଛି ? ସେ କ'ଣ କଲ୍‌ମା ପଢ଼ିଛି ?" ପ୍ରଶ୍ନ ଶୁଣି ଜେନବ୍‌ର ପିଣ୍ଡରେ ପ୍ରାଣ ପଶେ । ମୌଲବୀ ସାହେବ୍ ତେବେ ଛୁଆଟିକୁ ମୁସଲମାନ ବନେଇବାକୁ ଚାହୁଁଛନ୍ତି । ପରଦିନ ସକାଳୁ ପିଲାଟିକୁ ମସଜିଦକୁ ନିଆଯାଏ । ଧାରୁଆ ଖୁର ଦେଖି ପାଲି ଚିହିଡ଼ା ଛାଡ଼ି କାନ୍ଦୁଥିବା ବେଳେ ମୌଲବୀ ତାକୁ ହସି ହସି ମୁସଲମାନ ବନେଇ ଦିଅନ୍ତି । ଅଲ୍‌ତାଫ୍‌କୁ ରୁମି ଟୋପି ପିନ୍ଧାଇ, ଆନନ୍ଦରେ କାଖେଇ ଜେନବ୍ ପଡ଼ିଶା ଘରକୁ ମିଠାଇ ବାଣ୍ଟିବାକୁ ଯାଏ । ଆସ୍ତେ ଆସ୍ତେ ନୂଆଁ ଜୀବନ ସହ ଖାପ୍ ଖାଇଯାଏ ଅଲତାଫ୍ ହୁସୈନ । ଘରର ବାସନ ଗୋଟେ ଛୋଟ ଝୁଡ଼ିରେ ରଖି ତାକୁ ମୁଣ୍ଡେଇ ଅଗଣା ସାରା ବୁଲି ବୁଲି ଅବ୍‌ବାଙ୍କ ପରି ଫେରିକରେ । ରମ୍‌ଜାନ୍ ମାସରେ ଟିଣଡବାକୁ ବାଡ଼ିରେ ପିଟି ପିଟି ଡାକଛାଡ଼େ, "ଉଠ ଧର୍ମନିଷ୍ଠ ମୁସଲମାନମାନେ, ଜାଗିଉଠ ନିଦରୁ ! ତୁମ ପବିତ୍ର ଉପବାସ ରଖ !" ଶକୁର ତାକୁ ନେଇ ମଦ୍ରାସାରେ ଭର୍ତ୍ତି କରିଦିଏ । ସାଥୀପିଲାଙ୍କ ସହ ଗୋଟେ ଧାଡ଼ିରେ ବସି, ଆଗପଛ ହୋଇ ଝୁଲି ଝୁଲି ସେ କୋରାନ ଘୋଷିବା ଆରମ୍ଭକରେ । ବାପାମା' ତାକୁ ନେଇ ସ୍ୱପ୍ନ ବୁଣିବାକୁ ଲାଗନ୍ତି । ଫେରି ଛାଡ଼ି ସେମାନେ ସ୍ଥାୟୀ ଦୋକାନଟିଏ କରିବେ, ପୁଅର ନିକାହ କରି ସୁନାନାକୀ ବୋହୂଟିଏ ଆଣିବେ ଘରକୁ । ଏଇମିତି ଦୁଇବର୍ଷ ଖୁସୀରେ ବିତିବା ପରେ ହଠାତ୍ ଦିନେ କୋର୍ଟରୁ ଶକୁର ଅହମଦ ନାଁରେ ସମନ୍ ଆସେ । ତାକୁ ପରଦିନ ସକାଳକୁ ଥାନାରେ ହାଜର ହେବାକୁ ପଡ଼ିବ ।

ସୀମା ପାରିହେବା ପୂର୍ବରୁ ଶେଷ ତିନୋଟି ଲରିକୁ ଦଙ୍ଗାକାରୀମାନେ ଘେରି ସମସ୍ତଙ୍କୁ ହାଣି ପକାନ୍ତି । ସୌଭାଗ୍ୟକୁ କୌଶଲ୍ୟା ଓ ମନୋହରଲାଲ ଅଚେତାବସ୍ଥାରେ ଶବଗଦା ତଳେ ରହିଯିବାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଆନ୍ତି । ଛୋଟ ଝିଅଟିର କ'ଣ ହୁଏ କିଛି ଜଣାପଡ଼େନି । ଦିଲ୍ଲୀରେ ଠେଲାଗାଡ଼ିଟିଏ ଯୋଗାଡ଼ କରି ମନୋହରଲାଲ ଫେରି କରିବାକୁ ଲାଗେ । ଦୁଇଛୁଆଙ୍କୁ ହରାଇ କୌଶଲ୍ୟାର ପାଗଳୀ ପ୍ରାୟ ଅବସ୍ଥା । ତା'ଆଖିରୁ ଲୁହ ଶୁଖିବାର ନାଁ ନେଉ ନଥାଏ । ଉଭୟ ଦେଶ ମଧ୍ୟରେ ଅପହୃତ ମହିଳା ଓ ହଜିଯାଇଥିବା ଛୁଆଙ୍କ ହସ୍ତାନ୍ତର ପାଇଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୁଏ । ମନୋହର ବିଭିନ୍ନ ଅଫିସ୍‌କୁ ଧାଏଁ ସହାୟତା ଆଶାରେ । ଶେଷକୁ ଉଦ୍ଧାରକାରୀ ଦଳସହ ପାକିସ୍ଥାନ ଯିବାକୁ ଅନୁମତି ମିଳେ । ବହୁତ ଖୋଜିବାରୁ ଜଣାପଡ଼େ ପାଲି, ଶକୁର ଅହମଦ ନାମକ ଜଣେ ଫେରିବାଲା ଘରେ ଅଛି ବୋଲି ।

କୋର୍ଟ ସମନ୍ ଦେଖି ଜେନବ୍ ଦୁଃଖରେ ଭାଙ୍ଗିପଡ଼େ । ମାଛକୁ ପାଣିରୁ କାଢ଼ି ବାହାରେ ଛାଡ଼ିଦେବା ଭଳି ଅବସ୍ଥା । ମୌଲବୀ ଏହାର ଶକ୍ତ ବିରୋଧ କରି କହନ୍ତି, କିଛିଦିନ ପାଇଁ ଶକୁର ତା' ବିବି ଓ ଛୁଆକୁ ସାଙ୍ଗରେ ନେଇ କୁଆଡ଼େ ଚାଲିଯାଉ । ପୋଲିସ୍ ତାଙ୍କ ଦୁଆରମୁହଁରୁ ଆସି ନିରାଶ ହୋଇ ଫେରିବା ପରେ ସବୁକିଛି ଆପେ ସୁଧୁରି ହୋଇଯିବ । ହେଲେ ସେମାନେ କୁଆଡ଼େ ଯାଆନ୍ତିନି । ପ୍ରତିଥର କନେଷ୍ଟବଲ୍ ଆସି ପକେଟରେ ଟଙ୍କାଟିଏ ପୂରାଇ ଫେରେ । ରେଜିଷ୍ଟରରେ ଲେଖାହୁଏ ତାଙ୍କଘରେ କେହି ନଥିବା ଓ ତାଲା ପଡ଼ିଥିବାର କଥା । ଏହା ଲାଞ୍ଚନୁହେଁ, ଆପଣା ଧର୍ମ ପ୍ରତି ଅନୁଗ୍ରହ ପ୍ରଦର୍ଶନ । ଚାକିରି କରିଛି ବୋଲି ସେ କ'ଣ ମୁସଲମାନ ନୁହେଁ । ଏମିତି ଖୋଜାଖୋଜି ଓ ଲୁଚାଛପାରେ ପୁଣି ପାଞ୍ଚବର୍ଷ ବିତିଯାଏ । ମନୋହର କିନ୍ତୁ ତା'ର ପ୍ରଚେଷ୍ଟା ଜାରି ରଖି ବାରମ୍ବାର ଆସୁଥାଏ ପାକିସ୍ଥାନ । ସେ ନିରାଶ ହୋଇଗଲେ ତା'ପତ୍ନୀର ଜୀବନଧାରଣ ଅସମ୍ଭବ ହୋଇଯିବ ଯେ ! ବିଚ୍ଛେଦର ଦୀର୍ଘ ସାତବର୍ଷ ପରେ ସେ ନିଜକୁ ପାଏ ଶକୁର ମିଆଁର ଅଗଣାରେ । ଉଭୟ ଦେଶର ଉଚ୍ଚସ୍ତରୀୟ କର୍ମକର୍ତ୍ତାଙ୍କ ପାଇଁ ହିଁ କେବଳ ଏହା ସମ୍ଭବ ହୋଇପାରିଥାଏ । ପିଲାଟି ତା'ର ବୋଲି ତାକୁ ପ୍ରମାଣିତ କରିବାକୁ ହେବ । ପରଦା ଆଢ଼ୁଆଳରେ ଜେନବ୍ ବସିଥାଏ ବିରସ ବଦନରେ । ତାକୁ ଜାବୁଡ଼ି ଧରିଥାଏ ଅଲତାଫ୍ । ମୌଲବୀ ଚିତ୍କାର କରି ଘୋଷଣା କରୁଥାନ୍ତି କୌଣସି କାଫେର ତାକୁ ନେଇ ପାରିବନି ବୋଲି । ମାଜିଷ୍ଟ୍ରେଟ୍‌ଙ୍କ ଆଦେଶରେ ପିଲାକୁ ସମସ୍ତଙ୍କ ସାମ୍ନାକୁ ଅଣାଯାଏ । ରୁମି ଟୋପି ଓ ମୁସଲମାନୀ ପୋଷାକରେ ଏଗାର ବର୍ଷର ପୁଅକୁ ଦେଖି ମନୋହରଲାଲ ନିଜେ ଚିହ୍ନିପାରେନି ଯେତେବେଳେ ଛୁଆଟି ବା କେମିତି ଚିହ୍ନନ୍ତା ତା' ବାପକୁ । ମୌଲବୀ ଆକ୍ରମଣାତ୍ମକ ହୋଇ ଉଠୁଥାନ୍ତି । ସାଥୀରେ ଆସିଥିବା ସାମାଜିକ କର୍ମୀ ପୂର୍ବର ଏକ ଫଟୋ ମାଜିଷ୍ଟ୍ରେଟ୍‌ଙ୍କୁ ଦେଖାନ୍ତି । ଥରେ ବୈଶାଖୀ ମେଳା ବେଳେ କୌଶଲ୍ୟାର ଆଗ୍ରହ ଯୋଗୁଁ ସ୍ୱାମୀସ୍ତ୍ରୀ ଫଟୋ ଉଠାଇଥିଲେ । କୋଳରେ ବସିଥିଲା ପାଲି । ହେଲେ ବର୍ତ୍ତମାନ ପରିସ୍ଥିତିରେ ସେ ଫଟୋର ଆବଶ୍ୟକତା ନାହିଁ । ପୁଅ ତ ବଡ଼ ହୋଇ ସାରିଛି । ଫଟୋ ସହ ତା'ର କିଛି ମିଶୁନି । ମାଜିଷ୍ଟ୍ରେଟ୍ ପିଲାକୁ ଫଟୋ ଦେଖାଇ ସେ ଭିତରୁ କାହାକୁ ଚିହ୍ନିଛି କି ବୋଲି ପଚାରନ୍ତି । କିଛି ସମୟ ଧ୍ୟାନଦେଇ ଦେଖିଲା ପରେ ମନୋହରର ଫଟୋକୁ ଦେଖାଇ ପିଲାଟି କହେ, ପିତାଜୀ । ପୁଣି କୌଶଲ୍ୟାଙ୍କୁ ଦେଖାଇ, ମାତାଜୀ । ଏହା ଦେଖି ମନୋହର କାନ୍ଦିପକାଏ । ଶକୁର ତିନିଜଣିଆଁ ପୁରୁଣା ଫଟୋଟିଏ ନେଇଆସେ । ପିଲାଟି ସେମାନଙ୍କୁ ଦେଖାଇ କହେ, ଅବ୍‌ବାଜୀ... ଅମ୍ମୀଜାନ୍ । ବିଭାଜନର ନିଆଁ ଲିଭି ସାରିଥିଲେ ବି ତା'ର ଦାଗ ଥାଏ ଲୋକଙ୍କ ମନରେ । ମଣିଷ ମଣିଷ ଭିତରେ ଦୂରତା ଖୁବ୍ ଅଧିକ ହୋଇଯାଇଥାଏ । ମୌଲବୀଙ୍କ ଇଙ୍ଗିତ ପାଇ ସ୍ଥାନୀୟ ଲୋକେ ଉତ୍ୟକ୍ତ ହେଉଥାନ୍ତି । ହିନ୍ଦୁ ମୁସଲମାନର କଥା ଉଠେ । ଆଲ୍ଲା ହୋ ଅକବର୍‌ର ସ୍ଲୋଗାନ ଶୁଭେ । ଏଭଳି ଗୋଳମାଳିଆ ପରିସ୍ଥିତି ଭିତରେ ମନୋହର ପରଦା ପାଖରେ ଠିଆହୋଇ ହାତ ଯୋଡ଼ି ଜେନବ୍ ଉଦ୍ଦେଶ୍ୟରେ କହେ, "ଭଉଣୀ ! ମୁଁ ମୋ ପାଇଁ ପିଲାଟିକୁ ମାଗୁନି । ମାଗୁଛି ମୋ ସ୍ତ୍ରୀର ଜୀବନ ପାଇଁ । ଦୁଇଛୁଆଙ୍କୁ ହରାଇ ସେ ପାଗଳୀଙ୍କ ଭଳି ବଞ୍ଚିଛି । ପାଲିକୁ ସେ ବହୁତ ଭଲପାଏ । ଦିନରାତି ତା'କଥା ହିଁ ଭାବୁଛି ବିଚାରୀ । ତା'ପ୍ରତି ଟିକେ ଦୟାକର ।" ସେଠାରେ ଉପସ୍ଥିତ ସମସ୍ତେ ଉତ୍କଣ୍ଠାର ସହ ଅନେଇ ରହିଥାନ୍ତି ପରଦା ଆଡ଼କୁ । କ'ଣ କହିବ ଗୋଟେ ମା' ? ସେପଟୁ ସୁଁ ସୁଁ ହୋଇ କେହି କାନ୍ଦୁଥିବାର ଶବ୍ଦ ଶୁଭେ । "ଛୁଆଟିକୁ ନେଇଯାଅ ଭାଇ ! ଗୋଟେ ଅଭାଗିନୀ ସ୍ତ୍ରୀର ଅଭିଶାପ ମୋ ଉପରେ ପଡୁ ଏହା ମୁଁ ଚାହେଁନି ।" ଏତିକି ଶୁଣିଲା ବେଳକୁ ସେଇ ମା'ଟିର ପାଦ ଛୁଇଁ ଜୁହାର ହେବାକୁ ଇଚ୍ଛା ହୁଏ ମନୋହରଲାଲର । ହଠାତ୍ ପରିସ୍ଥିତି ବଦଳିଯାଏ । ଇଦ୍ ପାଇଁ କିଣା ହୋଇଥିବା ଟୋପି, ନୂଆ ପୋଷାକ ଆଦି ପିନ୍ଧାଇ ପିଲାଟିକୁ ବିଦା କଲାବେଳେ ଜେନବ୍ ପ୍ରତିବର୍ଷ ଏଇ ପର୍ବ ସମୟରେ ଛୁଆଟିକୁ ମାସେ ପାଇଁ ଅନ୍ତତଃ ତାଙ୍କ ପାଖକୁ ପଠାଇବେ ବୋଲି ଅନୁରୋଧ କରେ ମନୋହରଲାଲଙ୍କୁ । ଇୟେ ବି ଖୁସିରେ ରାଜି ହୋଇଯାଏ ଏଇ ପ୍ରସ୍ତାବରେ । ଜୀବନ ଚକ ପୁଣି ଘୂରିବାକୁ ଲାଗେ । ପୂର୍ବଭଳି ସମାନ ଆବୁଡ଼ାଖାବୁଡ଼ା, ଅଙ୍କାବଙ୍କା ରାସ୍ତା । ଏଇଠି କଥାଟି ସରିଯାଇଥିଲେ ଏହା ଗୋଟେ ଭଲ ଗପ ହୋଇପାରିଥାନ୍ତା । ହେଲେ କେବେ କିଛି କୋଉଠି ସରେନି ପରା ।

ଅତୀତର ପୁନରାବୃତ୍ତି ଘଟେ । ଦିଲ୍ଲୀ ଆସିଲା ପରେ ଦୁଇ ତିନିଦିନ ପିଲାଟି ଚୁପ୍‌ଚାପ୍, ଗୁମ୍‌ସୁମ୍ ରହେ । ଦୂରରୁ ଜୁଳୁ ଜୁଳୁ ଆଖିରେ ଚାହୁଁଥାଏ ମା'କୁ । ଖୁବ୍ ଝାପ୍‌ସା ସ୍ମୃତି ତା' ମନରେ ଏଇ ମାତାଜୀଙ୍କର । ରବିବାର ଦିନ ବନ୍ଧୁବାନ୍ଧବ ଡାକି ଗୋଟେ ଉତ୍ସବର ଆୟୋଜନ କରାହୁଏ । ପୁଅକୁ କେତେ ଆଦରରେ ସେମାନେ ପାକିସ୍ଥାନରେ ରଖିଥିଲେ ସେ ବିଷୟ ବର୍ଣ୍ଣନା କରିବାରେ ଆଦୌ ଥକୁ ନଥାଏ ମନୋହରଲାଲ । ହସଖୁସିର ପରିବେଶ ଭିତରେ ହଠାତ୍ ଅଘଟଣଟିଏ ଘଟାଇବସେ ପାଲି । ସପ ବିଛାଇ, ଆଣ୍ଠୁମାଡ଼ି ବସି ଆରମ୍ଭ କରେ ନମାଜ୍ ପଢ଼ିବା । ସମସ୍ତେ ବିରକ୍ତ ହୋଇଯାଆନ୍ତି । ହିନ୍ଦୁମାନଙ୍କ ବସ୍ତିରେ ସେମାନେ ଗୋଟେ ପଠାଣକୁ କେମିତି ଚାହିଁବେ ରହୁ ବୋଲି । ଚୌଧୁରୀ ରାଗି ବଡ଼ପାଟିରେ ମନୋହରକୁ କହନ୍ତି, "ସେମାନେ ପିଲାଟିକୁ ପଠାଣ ବନେଇ ତୋ ପାଖକୁ ପଠାଇଛନ୍ତି ଆଉ ତୁ ଏଠି ତାଙ୍କର ଗୁଣଗାନ କରୁଛୁ !" ପାଲିର ହାତଧରି ସଭିଙ୍କ ଆଗକୁ ଘୋଷାଡ଼ିଆଣି ତାକୁ ଏସବୁ ଫାଲ୍‌ତୁ କାମ ଆଉ କେବେ ନକରିବା ପାଇଁ ତାଗିଦ୍ କରି ତା' ନାଁ ପଚାରନ୍ତି । ସେ ବଡ଼ ସହଜରେ ଉତ୍ତର ଦିଏ 'ଅଲତାଫ୍ ହୁସୈନ୍' ବୋଲି । ଆଉ କେବେ ଏଇ ନାଁ ପାଟିରେ ଧରିଲେ ତା' ଜିଭ ଟାଣି ଛିଣ୍ଡାଇ ଦିଆଯିବ ବୋଲି ଧମକ ଦିଅନ୍ତି ଚୌଧୁରୀ । ତା ନାଁ ପାଲି, ଯଶପାଲ । ଜଣେ ପଣ୍ଡିତ ଓ ଗୋଟେ ବାରିକକୁ ଡକାହୁଏ । ବାରିକ ତା' ଆଗରେ କ୍ଷୁରଟିକୁ ଧାର କଲାବେଳେ ପୂର୍ବକଥା ସ୍ମରଣ କରି ଭୟରେ ଥରିଉଠେ ପାଲି । ତାକୁ ହିନ୍ଦୁ କରିଦିଆଯାଏ । ମାତ୍ର ଏଗାରବର୍ଷର ଜୀବନକାଳ ଭିତରେ ସମାଜର ତାଡ଼ନାରେ ସେ ଥରେ ହିନ୍ଦୁରୁ ମୁସଲମାନ ଓ ପୁନଶ୍ଚ ମୁସଲମାନରୁ ହିନ୍ଦୁ ବନିଯାଏ । ମନୋହରଲାଲ ଭାରାକ୍ରାନ୍ତ ମନରେ ସେଠି ଉପସ୍ଥିତ ସଭିଙ୍କୁ ମିଠାଇ ଖୁଆନ୍ତି ଏଇ ଖୁସିର ଅବସର ପାଳନ କରି ।

ଏତିକିବେଳକୁ ଦିଲ୍ଲୀରୁ ଶହ ଶହ ମାଇଲ୍ ଦୂର ପାକିସ୍ଥାନରେ, ଉଜୁଡ଼ା ଘର ଅଗଣାରେ ବସି ଜେନବ୍ ତା' ପୁଅ କଥା ଭାବୁଥାଏ । ଏଇ ପିଣ୍ଡାରେ ସେ ବସୁଥିଲା । ଏଇ ଖେଳଣା ସହ ଖେଳୁଥିଲା । ଏଇ ଟୋକେଇ ମୁଣ୍ଡରେ ମୁଣ୍ଡେଇ ଫେରିବାଲା ସାଜୁଥିଲା । ଆଉ କ'ଣ କେବେ ସେଇ ଖୁସି ଫେରିବ ତା' ଅଗଣାକୁ ? ଆଗକୁ ଇଦ୍ ଆସୁଛି । କଥା ଦେଇଛନ୍ତି ସିନା ହେଲେ ମନୋହର ଭାଇ କ'ଣ ଛାଡ଼ିବେ ଅଲତାଫ୍‌କୁ ତା ଅବ୍‌ବା ଓ ଅମ୍ମୀ ପାଖରେ ମାସଟେ ରହି ଭାଇଚାରାର ପବିତ୍ର ପର୍ବ ପାଳନ ପାଇଁ ? (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୧ ମାର୍ଚ୍ଚ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୩୨)



# ବହୁରାଷ୍ଟ୍ରୀୟ ବଜାରବାଦ : ଭାଷା ବୁନିୟାଦର ଏପାଖ ସେପାଖ (୧)


ଡ. ରାଧାରଂଜନ ପଟ୍ଟନାୟକ


ଭୁବନେଶ୍ୱରର ଆୟୋଜିତ ଏକ ଲିଟେରେଚର୍ ଫେଷ୍ଟିଭାଲ ମହୋତ୍ସବରୁ କବିତାଟିଏ ପାଠ କରି ବାହାରକୁ ଆସିବା ସମୟରେ ଅଚାନକ କୌଣସି ଏକ ଦୈନିକ ଇଂରାଜୀ ଖବରକାଗଜର ଜନୈକ ସାମ୍ବାଦିକ ମୋତେ ପଚାରିଲେ – "ଆପଣ ଏଇ ଲିଟେରେଚର୍ ଫେଷ୍ଟିଭାଲକୁ କେଉଁ ରୂପରେ ଦେଖୁଛନ୍ତି ?" ତାଙ୍କର ଏଇ ପ୍ରଶ୍ନରେ କିଛି ସମୟ ନୀରବ ରହିବା ପରେ କହିଲି – "ଏହା ମାତୃଭାଷାକୁ ମାରିବାର ଏକ ଗୁପ୍ତ ଷଡ଼ଯନ୍ତ୍ର ବୋଲି କୁହାଯାଇପାରେ।" ମୋର ଏପରି ଏକ କ୍ରୋଧଭରା ଉତ୍ତର ପରେ ସାମ୍ବାଦିକଙ୍କର ତତ୍କାଳ ପ୍ରଶ୍ନ ଥିଲା- "ଆପଣ କେଉଁ ଆଧାରରେ ଏପରି ଅଭିଯୋଗ କରୁଛନ୍ତି।" ମୁଁ କହିଲି – "ଭୁବନେଶ୍ୱରରେ ଅୟୋଜିତ ଏତାଦୃଶ ମହୋତ୍ସବରେ କିଛି ବିଶିଷ୍ଟ କବିଙ୍କର କବିତାଙ୍କୁ ଇଂରାଜୀରେ ଅନୁବାଦ କରି ଶୁଣାଇବାର ଆବଶ୍ୟକତା କ'ଣ ଥିଲା ? ଏହା ତ ପ୍ୟାରିସ୍, ଲଣ୍ଡନ ଅଥବା ନ୍ୟୁୟର୍କ ନୁହେଁ ! ଯେଉଁଠି ଲୋକମାନେ ବୁଝିପାରିବେ ନାହିଁ।" ସବୁଠୁ ଆଶ୍ଚର୍ଯ୍ୟ କଥା, ଯେଉଁ ମହାନ ବ୍ୟକ୍ତି ବଛା ବଛା ଲେଖକଙ୍କର କବିତା ଅନୁବାଦ କରିଛନ୍ତି, ସେ ମଧ୍ୟ ମୂଳ ଭାବନାକୁ ଆଧାର କରି ଠିକ୍ ଭାବେ ଅନୁବାଦ କରିପାରି ନାହାନ୍ତି ବୋଲି ବାରମ୍ବାର କହୁଥିବାର ସଭିଁଏ ଶୁଣିଛନ୍ତି। ଆପଣ ବି ଶୁଣିଥିବେ। ଏସବୁ ସତ୍ତ୍ୱେ ଆୟୋଜକମାନେ ଏମିତି ଏକ ନାକଟେକା କାର୍ଯ୍ୟକୁ କାହିଁକି ହାତକୁ ନେଲେ ? ସମ୍ଭବତଃ ମୋର ଦେହର ଭାଷାକୁ (**Body Language**) ସାମ୍ବାଦିକ ଠିକ୍ ଭାବେ ବୁଝିପାରିଲେ। ହଠାତ୍ ପ୍ରଶ୍ନର ମୋଡ଼ ବଦଳାଇ ସେ କହିଲେ- "ଯଦି ଏପରି ହେଉଛି ବୋଲି ଆପଣ ଭାବୁଛନ୍ତି, ତେବେ ଏଠାକୁ ଆସିଲେ କାହିଁକି ?" ମୋ ଉତ୍ତର ଥିଲା ସ୍ପଷ୍ଟ ଏବଂ ସଂକ୍ଷିପ୍ତ। ମୁଁ କହିଥିଲି, "ମୋ ହୃଦୟର ସ୍ୱରକୁ ଦୂରଦୂରାନ୍ତ ପର୍ଯ୍ୟନ୍ତ ପହଞ୍ଚାଇବା ମୋର ଅଭିପ୍ରାୟ ଥିଲା। ସେଇଥିପାଇଁ ମୁଁ ଆସିଲି ଏବଂ ଅତ୍ୟାଚାରିତ ହେଉଥିବା ଓଡ଼ିଆ ଭାଷା ସମ୍ପର୍କରେ ଏକ ବ୍ୟଙ୍ଗଧର୍ମୀ କବିତା ପଢ଼ିଲି।" ସାମ୍ବାଦିକ ମହୋଦୟ ମୋର ଉତ୍ତରରେ ନୀରବ ରହିଲେ।

ଏହିପରି ଘଟଣା ସମ୍ପ୍ରତି ପୃଥିବୀର ମାତୃଭାଷା ଏବଂ ଲୋକଭାଷା ସହିତ ଘଟୁଛି। କର୍ପୋରେଟ୍ ଜଗତର ବଜାରବାଦ ପ୍ରାଦୁର୍ଭାବରେ ଆଜି ପ୍ରାୟ ସମସ୍ତ ଦେଶ କବଳିତ। ଆଜି ବିକାଶ ନାଁରେ କେବଳ ବିନାଶନ ମନ୍ତ୍ର ପଢ଼ାଯାଉଛି। ଏହା ମଝିରେ ବହୁରାଷ୍ଟ୍ରୀୟ କମ୍ପାନୀର ଭୂମିକା ସନ୍ଦେହଜନକ ବୋଲି ବାରିହୋଇ ପଡୁଛି। ସତେ ଯେମିତି ଆମ ଆଖିରେ ତଥାକଥିତ ବିକାଶ ରୂପୀ ଗାନ୍ଧାରୀର ପଟି ଲଗାଇ ଦିଆଯାଇଛି ।ଇତିହାସ କହେ, ପୃଥିବୀରେ ଯେଉଁଠି ବି ବହୁରାଷ୍ଟ୍ରୀୟ କମ୍ପାନୀ ରାଜ କରିଛନ୍ତି, ସେମାନେ ସେଠାରେ ଭାଷା ଉପରେ ଆକ୍ରମଣ କରିଛନ୍ତି। ଭାଷାକୁ ଅପଦସ୍ତ କରି ହିଁ ଜୀବନ ସଂସ୍କୃତିର ରଙ୍ଗକୁ ଉଡ଼ାଇ ଦେଇଛନ୍ତି। ଏସବୁ ପରେ ବି ଆମର ଗୋଲାମି ମାନସିକତା ଯେମିତି ଆମ ଉପରେ ସବାର ହୋଇ ଚାଲିଛି। ଲାଟିନ୍, ଆମେରିକା ଏବଂ ଆଫ୍ରିକା ଦେଶରେ ଏଇ କମ୍ପାନୀମାନଙ୍କ ଷଡ଼ଯନ୍ତ୍ର ବହୁ ପୂର୍ବରୁ ଚଳିଆସୁଛି। ଭାରତବର୍ଷରେ ଲର୍ଡ଼ ମେକେଲଙ୍କ ଶିକ୍ଷାର ଆସର ସମାପ୍ତ ନ ହେଉଣୁ ବୈଶ୍ୱୀକରଣ ଏବଂ ବଜାରବାଦ ନିଜ ନିଜର ବୁଢ଼ିଆଣୀ ଜାଲ ବିଛାଇବା ଆରମ୍ଭ କରିଦେଇଛି। ସମଗ୍ର ପୃଥିବୀ ଜାଣେ ଭାରତ ହେଉଛି ବହୁ ଭାଷାଭାଷୀ ପୂର୍ଣ୍ଣ ଏକ ଗଣତାନ୍ତ୍ରିକ ଦେଶ। ଏଠି ହିନ୍ଦୀ ଭାଷା ହେଉଛି ରାଜଭାଷା ଏବଂ ଭିନ୍ନଭିନ୍ନ ରାଜ୍ୟରେ ନିଜନିଜର ମାତୃଭାଷା ବି ପ୍ରଚଳିତ। ଜାତି, ଭାଷା, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ସୂତାରେ ବାନ୍ଧି ହୋଇଛନ୍ତି ତମାମ ହିନ୍ଦୁସ୍ଥାନୀ। ଏହି ଏକତ୍ର ସୂତ୍ର ହିଁ ଆମର ପରିଚୟ ଆମର ସଂସ୍କୃତି। ଏଭଳି ସୂକ୍ଷ୍ମ କଥାକୁ ଇଂରେଜମାନେ ଖୁବ୍ ଭଲଭାବେ ଅନୁଭବ କରିଥିଲେ। ସେଥିପାଇଁ ସେମାନେ ଭାରତର ତତ୍କାଳୀନ ନିରକ୍ଷର ସିପାହୀମାନଙ୍କୁ ରୋମାନ୍‌ରେ ହିନ୍ଦୀ ଶିଖାଇଥିଲେ। ଏଥିରେ ବି ସଫଳ ହୋଇଥିଲେ। ରୋମାନ୍ ଭାଷା ଲେଖି ସେ ନିଜ ଇଂରାଜୀର ସଂସ୍କୃତିକୁ ପ୍ରଚାର ପ୍ରସାର କରିବାକୁ ଲାଗିଲେ। ଆଜି ତା'ର କୁ-ପରିଣାମ ଆମକୁ ଭୋଗିବାକୁ ପଡୁଛି।

ଏସବୁ ଜାଣି ମଧ୍ୟ ଅନେକ ସମ୍ବାଦପତ୍ର ପୁନଃଶ୍ଚ ଏଇ ଗୋଲାମି ମାନସିକତାର ସତେ ଯେମିତି ଡଗର ପାଲଟି ଯାଇଛନ୍ତି। ଏମିତି ଏକ କର୍ପୋରେଟ୍ ବଜାରରେ ଲାଭ ଓ ଲୋଭର ଟୁକୁଡ଼ା ଫିଙ୍ଗୁଛନ୍ତି ଯେ, ଯାହାକୁ ଆମେ ସାଉଁଟିବାରେ ଲାଗୁଛୁ। ଇଂରେଜମାନେ ଭାରତୀୟ ଜନଜୀବନକୁ ପୃଥକ୍ କରିବା ପାଇଁ ଭାଷାକୁ ଅସ୍ତ୍ର କରିଥିଲେ। ପ୍ରତ୍ୟେକ ଭାଷା ଉପରେ ଇଂରାଜୀ ଶବ୍ଦର ଶବ୍ଦାବଳୀ ଜୋର ଜବରଦସ୍ତ ଲଦି ଦେଉଥିଲେ। ଆଜିକାଲି ଅନେକ ହିନ୍ଦୀ ଓ ଓଡ଼ିଆ ତଥା ଅନ୍ୟାନ୍ୟ ରାଜ୍ୟର ବୌଦ୍ଧିକ ତଥା ଧୀ-ଷଣାଯୁକ୍ତ ପତ୍ରକାରିତାର ପୁରୋଧାମାନେ ଆଞ୍ଚଳିକ ଭାଷା ଭିତରେ ଇଂରାଜୀ ଭାଷାକୁ ସ୍ଥାନିତ କରିବାର ଦେଖିବାକୁ ମିଳୁଛି, ସତେ ଯେମିତି ସେମାନେ ଇଂରାଜୀ ଭାଷା ସପକ୍ଷରେ ବାରମ୍ବାର ଓକିଲାତି କରି ଆସୁଛନ୍ତି। ଏତାଦୃଶ ଷଡ଼ଯନ୍ତ୍ର କେବଳ ଯେ ପତ୍ରପତ୍ରିକାର ମାଲିକମାନେ କରୁଛନ୍ତି ତାହା ନୁହେଁ; ବରଂ ଅନେକ ବିଚକ୍ଷଣ ପ୍ରତିଭାଧାରୀ, ବୌଦ୍ଧିକ ଚିନ୍ତନ ଯୁକ୍ତ ଭାଷାବିତ୍‌ମାନେ ମଧ୍ୟ ସାଥିରେ ଅଛନ୍ତି। ଯାହାଙ୍କ ଆଖିରେ ପଶ୍ଚିମା ବିକାଶର ଚଷମା ଲାଗିଛି। ଲୋକଧର୍ମୀ ଜୀବନଠାରୁ ଦୂରେଇ ଯାଇ କେବଳ ପାଶ୍ଚାତ୍ୟ ରୂଢ଼ିରେ ହିଁ ଆଧୁନିକତାକୁ ଏମିତି ଖୋଜୁଛନ୍ତି ଯେ, ଯେମିତି ଇଂରାଜୀ ନ ଶିଖିଲେ ନିଜନିଜର ପରିଚୟ ସଂକଟ ଉପୁଜିବ। ପତ୍ରପତ୍ରିକାର କଥିତ ଭାଷାର ଶବ୍ଦକୁ ସାମିଲ କରିବା ପରିବର୍ତ୍ତେ ଇଂରାଜୀରେ ପୂରା ବାକ୍ୟାଂଶ ଛାପିବା ଆରମ୍ଭ କରିଦେଇଛନ୍ତି। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ, ହିନ୍ଦୀ ସହ ଅନ୍ୟନ୍ୟ ରାଜ୍ୟର ମାତୃଭାଷାର ଆତ୍ମାକୁ ସମାପ୍ତ କରୁଛନ୍ତି। ଆଞ୍ଚଳିକ ଭାଷାକୁ ଇଂରାଜୀ କରିବା ପାଇଁ ନିଜ ତର୍କ ବି ବାଢୁଛନ୍ତି। ଯେଉଁମାନେ ନିଜ ମାତୃଭାଷା ଉପରେ ଗୁରୁତ୍ୱାରୋପ କରୁଛନ୍ତି, ସେମାନଙ୍କୁ ସେମାନେ ପୁରୁଣା ପନ୍ଥୀ, ରୂଢ଼ିବାଦୀ, ଶୁଦ୍ଧତାବାଦୀ ଏବଂ ସଂକୀର୍ଣ୍ଣ ମାନସିକତା ବୋଲି ଘୋଷଣା କରି ଚାଲିଛନ୍ତି। ଏହିପରି ଅଧିନାୟକତାବାଦୀ ଆନ୍ତଃରାଷ୍ଟ୍ରୀୟ ଦଲାଲମାନେ ଲୋକଭାଷା ବିରୋଧରେ ଏକ ଗୁପ୍ତ ଷଡ଼ଯନ୍ତ୍ର ଏଯାବତ୍ ଚଳାଇ ଆସୁଛନ୍ତି।

ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କର ବଜାରବାଦ ଏକ ଚିନ୍ତାଜନକ ପରିସ୍ଥିତିରେ ପହଞ୍ଚିଛି। ଭାରତର ସ୍ୱାଭିମାନ ଉପରେ ବାରମ୍ବାର କୁଠାରଘାତ ହେଉଛି। ଏହାର ଏକମାତ୍ର କାରଣ ଇଂରାଜୀ ଭାଷାର ବୃଦ୍ଧି ପାଉଥିବା ସାମ୍ରାଜ୍ୟବାଦୀ ଆତଙ୍କ। ଓଡ଼ିଆ ଭଳି ଅନ୍ୟାନ୍ୟ ପ୍ରାଦେଶିକ ଭାଷା ଇଂରାଜୀ ସହ ଏବେବି ନିଜର ଶକ୍ତି ଖଟାଇ ସାମ୍ନା କରିଆସୁଛି। ଏପରିକି ନିଜ ଘରେ ନିଜ ଭାଷାକୁ ମଧ୍ୟ ଅଣଦେଖା କରାଯାଉଛି। ପ୍ରସଙ୍ଗ କ୍ରମେ ଚର୍ଚ୍ଚା କରାଯାଇପାରେ ଯେ, କ୍ଷମତାସୀନ ଶାସକବର୍ଗ ମାତୃଭାଷାକୁ ସେଭଳି ଗୁରୁତ୍ୱ ଦେଉନାହାନ୍ତି। ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାପାଇଁ ମଧ୍ୟ ମାତୃଭାଷା ପ୍ରତି ଉଦାରତା ପ୍ରକାଶ କରୁନାହାନ୍ତି। ତେଣୁ ଆମ ଭାଷାର ଭବିଷ୍ୟତ ଖୁବ୍ ଭୟାନକ ଏବଂ ଚିନ୍ତାଜନକ। ଦେଖାଯାଉଛି, ଓଡ଼ିଆ ଭାଷାର ମୂଳଦୁଆ କ୍ରମଶଃ ଦୋହଲିବାରେ ଲାଗିଛି। ଲୋକକଥା, ଲୋକଗାଥା ଆଜି ଯେମିତି ପଶ୍ଚିମା ପବନରେ ଉଡ଼ିଯାଉଛି। ଆମ ପରମ୍ପରା, ପର୍ବପର୍ବାଣି ଏବଂ ଭଲପାଇବାର ଅନ୍ତର୍ନିହିତ ସ୍ୱର କ୍ରମଶଃ ନିଷ୍ପ୍ରଭ ହେବାକୁ ବସିଛି।

ଭାରତୀୟ ବାଙ୍ଗ୍‌ମୟ ଉପନିଷେଦ, ଦର୍ଶନ, ମହାକାବ୍ୟ, ଜ୍ଞାନବିଜ୍ଞାନ ଏବଂ ସମୃଦ୍ଧ ଐତିହ୍ୟ-ପରମ୍ପରାର ସ୍ଥାଣୁତା ଆସିଯାଇଛି। କୌଣସି କଥାକୁ ବିଚାର ନ କରି, ଅନୁଧ୍ୟାନ ନ କରି, ବିଶ୍ଳେଷଣ ନ କରି ସାମ୍ପ୍ରତିକ ଯୁବକଯୁବତୀ ଭାରତୀୟ ଇତିହାସ ଚିନ୍ତନ ଓ ସଂସ୍କୃତିର ମଜା ଉଡ଼ାଉଛନ୍ତି। ଏମିତି ଏକ ଗୋଷ୍ଠୀ ପ୍ରତ୍ୟେକଙ୍କ ସାମ୍ନାକୁ ଆସୁଛନ୍ତି, ଯେଉଁମାନଙ୍କର ନା ମାତୃଭାଷାରେ ଜ୍ଞାନ ଅଛି ! ନା ଇଂରାଜୀର !! ତଥାପି ସେମାନେ ଖଣ୍ଡି ଇଂରାଜୀ କହିବାକୁ ପସନ୍ଦ କରୁଛନ୍ତି। ରାତାରାତି ଲକ୍ଷପତି, କୋଟିପତି ହେବାର ଆସ୍ପର୍ଦ୍ଧା ଏଇମାନଙ୍କର ଏକସୂତ୍ରୀ କାର୍ଯ୍ୟକ୍ରମ ହୋଇଯାଇଛି। ଅପରପକ୍ଷରେ ଅନେକ ଡିଗ୍ରୀଧାରୀ ଯୁବକଯୁବତୀ ଓଡ଼ିଶାର ପାଣିପବନରେ ଶୈଶବ, କୈଶୋର ବିତାଇଥିଲେ ବି ଯୁବାଅବସ୍ଥାରେ ଆମେରିକା, ସିଙ୍ଗାପୁର ପ୍ରଭୃତି ଦେଶମାନଙ୍କରେ ବିଭିନ୍ନ କମ୍ପାନୀରେ ଚାକିରି କରୁଛନ୍ତି। ସତେ ଯେମିତି ଲାଙ୍ଗୁଏଜ୍ ନୁହେଁ, ପ୍ୟାକେଜ୍ ହିଁ ଜୀବନର ପରମ ଲକ୍ଷ୍ୟ ହୋଇଯାଇଛି।

ଏବେ ଆମ ସମାଜ ଡିଜିଟାଲ ଦୁନିଆରେ ପାଦ ରଖିଛି। ଯେଉଁଠି ଲ୍ୟାପଟପ୍, କମ୍ପ୍ୟୁଟର, ମୋବାଇଲ ଭିତରେ ଇଣ୍ଟରନେଟ୍, ଚାଟିଂ ଏବଂ ବିକୃତ ସେକ୍ସର ଆତ୍ମଘାତୀ କାର୍ଯ୍ୟ ନିତିଦିନ ଚାଲୁଛି। ମୋବାଇଲ ହିଁ ହୃଦୟ ଜୀବନଠାରୁ ଅଧିକ ପ୍ରିୟ ହୋଇଯାଇଛି। ଅନ୍ୟାନ୍ୟ ଦେଶ ଭଳି ଭାରତରେ ମଧ୍ୟ ସାଇବର କ୍ରାନ୍ତିର ଆକାଶୀୟ ଆକ୍ରମଣ ଚାଲିଛି। (କ୍ରମଶଃ)


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତିଶତଦଳ ୪୮



## ॥ ସୋନାଲିର ସଂଗ୍ରାମ ॥


ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁଣ୍ୟ ପୁରୀ ଧାମକୁ ଯାଇ ଶ୍ରୀ ମନ୍ଦିରରେ ଶ୍ରୀଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରଣତି ଜଣାଇ ନିବେଦନ କଲାବେଳେ ନିଜପାଇଁ କିଛି ମାଗିବାକୁ ମନେପଡ଼େ ନାହିଁ-କେବଳ ତାଙ୍କର କରୁଣାର କୈବଲ୍ୟରୁ କାଣିଚାଏ ଆମ ବିସ୍ତାରିତ ପଣତ କାନିରେ ପଡୁ ବୋଲି ଅଳି କରିବାକୁ ହୋଇଥାଏ । ହାତ ପାତିଦେଲେ ଲାଗେ ତାଙ୍କ ଚକାଡୋଳାରୁ, ତାଙ୍କ ରଂଗାଅଧରରୁ ଚେନାଏ ହସ ଆମ ଆଂଜୁଳାରେ ଝରିଗଲାକି ! କିନ୍ତୁ ଝିଅ ସୋନାଲି ପାଇଁ ପୁରୀ ଯାଇ କୋଟି କୈବଲ୍ୟନାଥଙ୍କୁ ଆକୁଳରେ ପ୍ରଣତି ବାଢ଼ି କହିଛୁଁ – "ହେ ମହାମହିମ ନୀଳାଂଜନ ! ପୁଅ ସିଦ୍ଧାର୍ଥ ହାତରେ ଡାକ୍ତରୀ ବିଦ୍ୟାର ଷ୍ଟେଥୋସ୍କୋପ୍ ଟିଏ ଧରାଇ ଦେଇ ଆମକୁ କେତେ ସୌଭାଗ୍ୟବାନ କଲ, ସେମିତି ଝିଅ ସୋନାଲିକୁ ମଧ୍ୟ ଡାକ୍ତର ହେବାର ବରଦାନ କର, କାରଣ ଭାଇକୁ ଦେଖି ସେ ସବୁବେଳେ ଡାକ୍ତରଟିଏ ହେବାର ଆଶା ପୋଷଣ କରି ପାଠପଢ଼ାରେ ଲାଗିପଡ଼ିଛି, ଝିଅର ଲକ୍ଷ୍ୟପୁରଣ ଦିଗରେ ତୁମେହିଁ ତାକୁ ସହାୟ ହୁଅ ପ୍ରଭୁ !

ପୁଅ ଝିଅ ଦୁହେଁ ସାନସାନ ହୋଇଥିବା ବେଳେ ମୋ ସାନନଣନ୍ଦ ରିନି ତାଙ୍କ ନିଜ ପାଠପଢ଼ା ଓ ପ୍ରଫେସନ ସହ ସିଦ୍ଧାର୍ଥ ଓ ସୋନାଲିର ଖାଇବା ପିଇବା ଠାରୁ ଆରମ୍ଭ କରି ସ୍କୁଲ, କଲେଜ ଓ ପାଠପଢା ସବୁ ବୁଝୁଥିଲେ । ଏମିତିକି କନ୍‌ଭେଣ୍ଟର ଏସ୍.ୟୁ.ପି. ଡବ୍ଲ୍ୟୁ ହେଉ କି' ସୋନାଲିର ରେଡ଼ିଓ ବା ଟି.ଭିରେ ସଂଗୀତ ପ୍ରୋଗ୍ରାମ୍ ହେଉ, ସବୁ ଜିନିଷ ତାଙ୍କର ବାଏଁ ହାତ କା ଖେଲ୍ ଥିଲା ଏବଂ ସେ ସବୁ ଜିନିଷ ସୁଚାରୁ ଭାବରେ ତୁଲାଉ ଥିଲେ ।

ରିନି (ଯୋଗମାୟା) ଆମ ପାଇଁ ଈଶ୍ୱରଙ୍କର ବରଦାନ ଭଳି ଉଭା ହେଲାବେଳେ ଲାଗୁଥିଲା ପ୍ରଭୁ ଯେମିତି ଆମ ପାଇଁ ଏକ ଦେବଦୂତ ପଠାଇଛନ୍ତି । ବେଳେବେଳେ ଠାକୁରଙ୍କର ସେ ଅନନ୍ୟ ଆଶୀଷର ଧାରା, ଏକ ଆଲୌକିକ ଆଲୋକର କୋମଳ ସ୍ରୋତ ହୋଇ ବହି ଆସିଥିଲା ଆମ ପାଖକୁ । ଏତେ ସୂକ୍ଷ୍ମତା, ଏତେ ନମ୍ରତା ପୁଣି ଏତେ ବେଶୀ ମସୃଣତା ଭରି ରହିଥିଲା, ସେଇ ଆଲୋକର ଜ୍ୟୋତିରେ ଯେ, ଆମେ ଦୁହେଁ ଚକ୍ଷୁଷ୍ମାନ ହୋଇ ଯାଇଥିଲୁ ।

ରିନି ମାତ୍ର ଗୋଟିଏ ମାର୍କ ପାଇଁ ମେଡ଼ିକାଲ୍ ସିଟ୍ ପାଇନଥିଲେ, ତେଣୁ ସେ ବିଏସ୍‌ସି ପଢ଼ି ତାପରେ କଷ୍ଟିଂ କରିଥିଲେ ଓ ଅଲ୍‌ଇଣ୍ଡିଆ ରେଡ଼ିଓରେ ଚାକିରୀ କରୁଥିଲେ । ସେ କେବଳ ଜଣେ ଭଲଛାତ୍ରୀ ନଥିଲେ, ସର୍ବଗୁଣ ସଂପନ୍ନା ମଧ୍ୟ ଥିଲେ । ଦୁଇପୁଅଝିଅଙ୍କୁ ସେ ଅଶେଷ ସ୍ନେହରେ ପାଠ ପଢ଼ାଉ ଥିଲେ – ଏବଂ ମନ ସପନ୍ଦର ଖାଦ୍ୟ ମଧ୍ୟ ପ୍ରସ୍ତୁତ କରି ଖାଇବାକୁ ଦେଉଥିଲେ ।

ପୁଅ ମେଡ଼ିକାଲ ପାଇବା ପରେ ପରେ ରିନିଙ୍କର ବାହାଘର ହୋଇଗଲା ଏବଂ ତାଙ୍କ ବାହାଘର ପରେ ପରେ ଝିଅର ଆଇ.ସି.ଏସ୍.ଇ ପରୀକ୍ଷା ମଧ୍ୟ ମାଡ଼ି ଆସିଲା । ଝିଅ କଟକର ସେଣ୍ଟ୍ ଜୋସେଫ୍‌ସ୍ କନ୍‌ଭେଣ୍ଟ୍ ସ୍କୁଲରେ ପାଠ ପଢୁଥିଲା । ପ୍ରାୟ ଆଇ.ସି.ଏସ୍.ଇ ପରୀକ୍ଷା ଦେଉଥିବା ପୁଅ, ଝିଅମାନେ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲାବେଳେ ମା'ମାନେ ସେମାନଙ୍କ ପାଠ ତଦାରଖ କରିବା ପାଇଁ ମାସେ-ଦୁଇମାସ ଛୁଟି ନେଇଥାନ୍ତି, କିନ୍ତୁ ମୋ ପାଇଁ ତାହା ସମ୍ଭବ ନଥିଲା । ତଥାପି ତା'ର ବ୍ୟସ୍ତତା ଦେଖି, ମୁଁ ମାସେ ଛୁଟି ନେଲି ।

ପରୀକ୍ଷା ବେଳକୁ – ମୁଁ ଛୁଟି ନେବାରୁ ଝିଅ ଭାରି ଖୁସି ହୋଇଗଲା, ଖାଲି ଖୁସି ନୁହେଁ ସେ ପୁରା ଆସ୍‌ମାନ୍‌ରେ ଉଡ଼ିଲା । ମା' ଅଛିମାନେ, ସବୁ ପାଠ ଜିଭ ଅଗରେ ଅଛି । ସକାଳୁ ଜଳଖିଆ ଖାଇ, ମୁଁ ତା' ପାଖରେ ବସିଲେ ହିଁ ସେ ପାଠ ପଢ଼ା ଆରମ୍ଭ କରୁଥିଲା ଓ ସବୁ ମନେ ରଖିଦେଉଥିଲା – କିନ୍ତୁ ଓଡ଼ିଆ ବିଷୟଟି ତାକୁ ବାଘ, ଭାଲୁ ଭଳି ଲାଗୁଥିଲା । ତେଣୁ ଓଡ଼ିଆ ପ୍ରସ୍ତୁତ କଲାବେଳେ ସରଳାର୍ଥ ଠାରୁ ଆରମ୍ଭ କରି ରଢ଼ି ପ୍ରୟୋଗ ପର୍ଯ୍ୟନ୍ତ, ସବୁ ଜିନିଷ ତାକୁ ପଢ଼ାଇବାକୁ ପଡୁଥିଲା । ମୁଁ ସିନା ଛୁଟି ନେଇଥିଲି, ଆଉଟ୍‌ଡୋରରେ ମତେ ନଦେଖି ସବୁ ରୋଗୀମାନେ କ୍ୱାଟର୍ସକୁ ଚାଲି ଆସୁଥିଲେ ଏବଂ ଘରେ ଭିଡ଼ ଜମାଇ ଦେଉଥିଲେ – ଶେଷରେ ମତେ ରୋଗୀମାନଙ୍କୁ ଦେଖିବାକୁ ପଡୁଥିଲା । ଝିଅ ରାଗିକରି କହୁଥିଲା – "ଛୁଟି ନେଇ ତ' ଏଠି ରୋଗୀ ଦେଖିଲ- ଲାଭ କ'ଣ ? ମତେ ପଢ଼ାଇବ ଆଉ କେତେବେଳେ ?" ଯା'ହଉ ଶେଷରେ ଆଇ.ସି.ଏସ୍.ଇ ପରୀକ୍ଷା ଦେଇ ଭଲ ମାର୍କରଖି ସୋନାଲି ଫାଷ୍ଟ ଡିଭିଜନ୍ ପାଇଥିଲା ।

ଖୁବ୍ ପିଲାଦିନୁ ସୋନାଲି ବହୁତ ଅଭିମାନ କରୁଥିଲା – ସେ ଚଣ୍ଡିଗଡ଼ କନ୍‌ଭେଣ୍ଟରୁ ପାଠ ପଢ଼ା ଆରମ୍ଭ କରିଥିଲା । ଆମମାନଙ୍କୁ ଛାଡ଼ି ସ୍କୁଲ ଗଲାବେଳେ ବହୁତ କନ୍ଦାକଟା କରୁଥିଲା । କଟକରେ ମେଡ଼ିକାଲ ପବ୍ଲିକ୍ ସ୍କୁଲରେ ପାଠ ପଢ଼ିଲା ଓ ତା' ପରେ ସେଣ୍ଟ୍ ଜୋସେଫ୍‌ସ୍ କନଭେଣ୍ଟ୍ ସ୍କୁଲରେ ନାଁ ଲେଖାଇଲା । ତା'ର କଣ୍ଠସ୍ୱର ଖୁବ୍ ମଧୁର ଥିଲା ଏବଂ ପ୍ରାୟ ସବୁ ପ୍ରକାର ଗୀତ ସେ ଗାଉଥିଲା ଭଜନ, ଆଧୁନିକ, କ୍ଲାସିକାଲ, ହିନ୍ଦୀ ସିନେମା ଗୀତଠାରୁ, ମାଇକେଲ ଜାକ୍‌ସନ ଯାଏ। ଡାକ୍ତରୀ ପଢ଼ିବ ବୋଲି ସେ ବିଜ୍ଞାନ ନେଲା ଓ ଷ୍ଟୁଆର୍ଟ ସାଇନ୍ସ କଲେଜରେ ପ୍ଲସ୍‌ଟୁ'ରେ ଆଡ଼ମିଶନ ନେଲା ।

ପ୍ଲସ୍ ଟୁ ପାଶ୍ କଲାପରେ ତା' ସହ ଆମର ମଧ୍ୟ ଟେନ୍‌ସନ ଆରମ୍ଭ ହୋଇଗଲା। ପ୍ରଥମ ଥର ସେ' ଜଏଣ୍ଟ୍ ଏଣ୍ଟ୍ରାନ୍ସ ରେ ପାଇଲାନି ସିନା ରେଭେନ୍‌ସା କଲେଜରେ ଜୁଲୋଜି ଅନର୍ସରେ ସିଟ୍ ପାଇଲା । ଆମେ ତାକୁ ବୁଝାଇସୁଝାଇ ସେଠି ଆଡ଼ମିଶନ୍ କରାଇ ଦେଲୁ । ସେ ବ୍ୟସ୍ତ ହୋଇପଡ଼ି କହିଲା "ମୋର ଆଦୌ 'ଜୁଲୋଜି'ରେ ପଢ଼ିବାର ନାହିଁ କି ରେଭେନ୍ସା କଲେଜକୁ ଯିବାର ନାହିଁ । ତେଣୁ ମୁଁ କେବଳ ଡାକ୍ତର ହିଁ ହେବି ଏବଂ ଏମ୍.ବି.ବି.ଏସ୍ ପଢ଼ିବି ।" ଆମେ ମଧ୍ୟ ତାକୁ ସେଥିପାଇଁ ଏନ୍‌କରେଜ କଲୁ ଏବଂ ପୁଣି ଗୋଟିଏ ବର୍ଷ ଏଣ୍ଟ୍ରାନ୍ସ ଟେଷ୍ଟ ପାଇଁ ପଢ଼ିବାକୁ କହିଲୁ । ମେଡ଼ିକାଲ୍ କଲେଜରେ ଆମ ସହକର୍ମୀମାନେ କହିଲେ "ସରୋଜିନୀ" ତୁମେ ଦୁହେଁ ଡାକ୍ତର, ପୁଅ ମଧ୍ୟ ଡାକ୍ତର, ଝିଅର ଡାକ୍ତରୀ ପଢ଼ା ପାଇଁ ଏତେ ବ୍ୟସ୍ତ କାହିଁକି ?" ମୁଁ କହିଲି ଆମ ଜୀବନ ଅଲଗା, ପୁଅ ଜୀବନ ଅଲଗା ଏବଂ ଝିଅ ଜୀବନ ମଧ୍ୟ ଅଲଗା । ନିଜ ନିଜ ଜୀବନ ସମସ୍ତେ ଜୀଇଁବେ । ତେଣୁ ଯଦି ଝିଅ ମେଡ଼ିକାଲ ପଢ଼ିବାକୁ ଚାହୁଁଛି, ତା' ହେଲେ ସେ ନିଶ୍ଚୟ ପଢ଼ିବ ଏଥିରେ ସାଲିସ୍ କରିବାର ପ୍ରଶ୍ନ ନାହିଁ ।

ସୋନାଲିର ମେଡ଼ିକାଲ୍ ପାଇଁ ପୁଣିଥରେ ପ୍ରସ୍ତୁତି ଆରମ୍ଭ ହେଲା । ଶେଷରେ ସେ ଶ୍ରୀ ଶ୍ରୀ ବିନାୟକ ମେଡ଼ିକାଲ କଲେଜ, ସେଲମ୍‌ରେ ସିଟ୍ ପାଇଲା । ରମାରମଣ ସେଲମ୍ ଯାଇ ହଷ୍ଟେଲରେ ଆଡ଼ମିଶନ୍ କରିଥିଲେ । ଚେନ୍ନାଇରୁ ଅଳ୍ପଦୂର କୋଏମ୍ବାଟୁର ପାଖରେ ସେଲମ୍ । ଓଡ଼ିଶା ଠାରୁ ଏତେ ଦୂରରେ ହଷ୍ଟେଲ୍‌ରେ ରହି ପାଠପଢ଼ିବା ତା' ପାଇଁ ଥିଲା ଯେତିକି କଷ୍ଟ, ଆମ ପାଇଁ ମଧ୍ୟ ସେତିକି ପୀଡ଼ାଦାୟକ । ସାଲେମ୍ ସହରରୁ ପ୍ରାୟ ୨୦-୨୫ କି.ମି. ଦୂରରେ ମେଡ଼ିକାଲ୍ କଲେଜ ଥିଲା । ସେ କିନ୍ତୁ, ପୁରା ତାମିଲ୍ ଭାଷା ଶିଖି, ଦକ୍ଷିଣ ଭାରତୀୟ ଖାଦ୍ୟ ଖାଇ, ହଷ୍ଟେଲ୍‌ରେ ରହି, କ୍ଲାସ ଆରମ୍ଭ କଲା । ରମାରଣଙ୍କର ଖୁବ୍ ଗେହ୍ଲାଝିଅ ସେ ତେଣୁ ସୋନାଲି ଏତେ ଦୂରରେ ରହି ମେଡ଼ିକାଲ୍ ପଢୁ, ତାହା ସେ ଚାହୁଁ ନଥିଲେ – ସେ ସେଲମ୍ ଗଲେ, ଦିନ ଦିନ ଧରି ସୋନାଲି ପାଖରେ ରହୁଥିଲେ ଏବଂ ପରୀକ୍ଷା ସମୟରେ ତାକୁ ଜଗିକରି ରହୁଥିଲେ ।

ଜନ୍ମହେବା ପରେ ପରେ କୁନି କୁନି ପକ୍ଷୀମାନେ ମା'ର ଚଂଚୁରୁ ଖାଦ୍ୟ ନେଇ ଖାଇବା ଆରମ୍ଭ କରନ୍ତି, ଆହାର ସଂଗ୍ରହ କରିବାର କାରୁକାର୍ଯ୍ୟ କ୍ରମେ କ୍ରମେ ମା' ଠାରୁ ସେମାନେ ଶିଖିଯାନ୍ତି ଏବଂ ସାନ ସାନ ଡେଣା ଧରି ଏପଟ ସେପଟ ବୁଲନ୍ତି । ଆସ୍ତେ ଆସ୍ତେ ତାଙ୍କ ଡେଣାରେ ପର ଲାଗେ, ସେମାନେ ଉଡ଼ିବାର ଶକ୍ତି, ସାମର୍ଥ୍ୟ ଓ ମାନସିକତା ଆହରଣ କରନ୍ତି ଏବଂ ଟିକିଏ ବଡ଼ ହେଲେ ସେମାନେ ଭୂଇଁଛାଡ଼ି ତାଙ୍କର ବଡ଼ ଡେଣା ମେଲାଇ ଉଡ଼ିଯାନ୍ତି ଦୂର ଆକାଶକୁ । ଲକ୍ଷ୍ୟ ସ୍ଥଳର ସନ୍ଧାନରେ ପହଞ୍ଚିବା ପାଇଁ ଅନ୍ୟ କାନ୍ଧରେ ହାତ ନରଖି ନିଜ ପାଇଁ ଶକ୍ତି, ସାମର୍ଥ୍ୟ ଓ ସଫଳତାକୁ ସାଉଁଟନ୍ତି । ଯେଉଁଠି ଚେଷ୍ଟା ଅଛି, ଯେଉଁଠି ସାଧନା ଅଛି ସେଠି ସଫଳତା ଅଛି ଏବଂ ସେଇଠି ସିଦ୍ଧି ମଧ୍ୟ ଅଛି । ସେଥିପାଇଁ ସଂଘର୍ଷ ଓ ସଂଗ୍ରାମ ଜୀବନରେ ଖୁବ୍ ଜରୁରୀ ହୋଇଥାଏ । ଏଇ ଆପ୍ତବାକ୍ୟକୁ କପାଳରେ ଲଗାଇ, ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବା ପାଇଁ ସୋନାଲି ମଧ୍ୟ ଡେଣାମେଲାଇ ଉଡ଼ିଯିବା ପାଇଁ କ୍ରମେ କ୍ରମେ ନିଜ ପକ୍ଷବିସ୍ତାର କଲା । (କ୍ରମଶଃ)

## ପୁସ୍ତକ ସମୀକ୍ଷା

**ତୁମ ତୁମ ଭାବ**
**କବି:**
**ରତ୍ନାକର ରାଉତ**
ପ୍ରକାଶକ: ଅପୂର୍ବା
ପ୍ଲଟ୍ ନଂ-୨୪୯, ୟୁନିଟ୍-୩,
ଖାରବେଳ ନଗର, ଭୁବନେଶ୍ୱର-୧
ମୂଲ୍ୟ-୧୫୦/-

ଧୁରୀଣ କାବ୍ୟଶିଳ୍ପୀ ରତ୍ନାକର ରାଉତଙ୍କର ଅନ୍ୟତମ ଚର୍ଚ୍ଚିତ କବିତା ସଂକଳନ 'ତୁମ ତୁମ ଭାବ' ୨୦୦୭ ମସିହାରେ ପ୍ରକାଶ ପାଇ ବିପୁଳ ପାଠକୀୟ ଆଦୃତି ଲାଭ କଲା ପରେ ୨୦୨୦ ମସିହାରେ ଓଡ଼ିଶାର ଅଗ୍ରଣୀ ପ୍ରକାଶନି ଅପୂର୍ବା ଭୁବନେଶ୍ୱର ଆନୁକୂଲ୍ୟରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଛି । 'ତୁମେ' ଶବ୍ଦଟି ବୋଧହୁଏ ସଂସାରର ସର୍ବାପେକ୍ଷା ନିବିଡ଼ ଏବଂ ଅନ୍ତରଙ୍ଗପୂର୍ଣ୍ଣ ସଂବୋଧନ । ସେଇ ତୁମେ ଶବ୍ଦରେ 'ତୁମ ତୁମ ଭାବ'ର ଭବ୍ୟ ଉଚ୍ଚାରଣ କରିଛନ୍ତି ଶ୍ରୀଯୁକ୍ତ ରାଉତ ସ୍ୱକୀୟ 'ତୁମ ତୁମ ଭାବ' କବିତା ସଂକଳନରେ ।

ଭୂ ରୁ ଭୂମା ଯାଏ ବ୍ୟାପ୍ତ ଭାବରେ ତୁମ ତୁମ ଭବିତବ୍ୟ । 'ତୁମ' ଶବ୍ଦକୁ ନେଇ ତୃଷା, 'ତୁମ' ଭିତରେ ତୃପ୍ତି । କବିତାରେ ମୌଳିକ ଆବେଦନ ହିଁ କବି ଶ୍ରୀଯୁକ୍ତ ରାଉତଙ୍କର କାବ୍ୟ କୌଳିନ୍ୟ । ସରୁ ନ ଥିବା ଅଛିଣ୍ଡା ଭାବଗହ୍ୱର ଶବ୍ଦକଳ୍ପକୁ ନେଇ କବିତା ତାଙ୍କର ସୀମାହୀନ ବ୍ୟାପ୍ତିର ଛୋଟ ଛୋଟ ପାହୁଣ୍ଡିକୁ ନେଇ ଲମ୍ବା ଗୋଟେ ଭାବମୟ ଯାତ୍ରା । ଦେହାତୀତ ପ୍ରେମର ଦ୍ୱିଲୋକ ନନ୍ଦିତ ଦିବ୍ୟପଥ । ବେଳୁଁ ବେଳ ବାୟସ୍ୟ ହେଉଛି ବୟସ । ପ୍ରତୀକ୍ଷାରତ ପ୍ରାଣରେ ପ୍ରତିଧ୍ୱନିତ ହେଉଛି ତୁମ ତୁମ ଭାବ । ଏଭଳି ସ୍ଥିତିରେ କବି ଉଚ୍ଚାରୁଛନ୍ତି- 'କ୍ରମେ କ୍ରମେ ନିକଟ ହୋଇ ଆସୁଛ/ ସ୍ପଷ୍ଟ ହୋଇ ଯାଉଛି ତୁମ ଛବି/ ଅବିକଳ ତୁମରି ରୂପ, ତୁମରି ଚେହେରା/ ତୁମରି ଠାଣି ଦିଶି ଯାଉଛି/ ଚାହୁଁ ଚାହୁଁ ମିଶି ଯାଉଛ ମୋ' ପ୍ରଶ୍ୱାସ ବାୟୁରେ ତୁମେ/ ଆସ୍ତେ ଆସ୍ତେ ପ୍ରବେଶ କରି ଯାଉଛ ମୋ ସତ୍ତାରେ/ ମୁଁ ଦେଖୁଛି, ମୋ କୋଷରେ ପ୍ରଚଣ୍ଡ ବିସ୍ଫୋରଣ ତୁମ ଉପସ୍ଥିତିରେ/ ଶୁଣୁଛି, ଅନୁଭବୁଛି ପୁଣି ତୁମ ଅନୁପସ୍ଥିତିରେ/ ମୋର ହୃଦବୋଧ ହେଉଛି/ ମୁଁ ପାଲଟି ଯାଉଛି ଗୋଟା ପଣେ ତୁମେ (କବିତା- ଫେରିବ ଆଉ ଥରେ ଏଇ ପଥରେ) ।"

ସଂକଳନଟିରେ ସ୍ଥାନିତ ହୋଇଛି ମୋଟ୍ ୨୭ଟି କବିତା । ଅନ୍ୱୟ, ଅନୁଶୀଳନ ଓ ଅନୁବର୍ତ୍ତନକୁ ନେଇ 'ତୁମ ତୁମ ଭାବ'ର ଅବଗାହନ ପୁଣ ଅବତରଣ । କବିଙ୍କର 'ତୁମେ' ସଯତ୍ନେ ବୃନ୍ତାବୃତ । ପ୍ରେମର ଶତ ସହସ୍ର ପାଖୁଡ଼ା ଭିତରେ 'ତୁମ ତୁମ ଭାବ' ଆରମ୍ଭ ହୋଇଛି ପ୍ରାକ୍ ବେଦନ ଅନିଶାରୁ ଛନ୍ଦରୁ ପ୍ରକାଶ୍ୟ ସେ ଦେହାତୀତ ପ୍ରେମମୟ ସତ୍ତା । ଇନ୍ଦ୍ରୀୟରୁ ଅତୀନ୍ଦ୍ରିୟ ଜଗତକୁ ଉତ୍ତରିତ ହେବା ପାଇଁ ପ୍ରେମର ସ୍ୱୀକାରୋକ୍ତି ବେଳେ ତୁମ ତୁମ ଭାବର ଭାରରେ ନଇଁ ପଡୁଥିବା ବିଦଗ୍ଧ ପ୍ରାଣରୁ ଚିଠିଟିଏ (ଆଜି ଯୁଗରେ ତାହା ହୋଇପାରେ ନେଟ୍ ପ୍ୟାଡ୍‌ରୁ ଇନ୍‌ବକ୍ସକୁ ଆସିପାରିନଥିବା ବାର୍ତ୍ତା ବା ମେସେଜ୍) ଉତୁରି ପଡିବା ଏକାନ୍ତ ଭାବରେ କଣ ଆବଶ୍ୟକ ଥିଲା ? ଥିଲା । 'ଚିଠିରେ ଚିଠିରେ' କବିତାରେ କବିଙ୍କର ସରଳ ଶବ୍ଦରେ ନିଷ୍କପଟ ପ୍ରାଣର ପୁଷ୍ପିଳ ଅଭିବ୍ୟକ୍ତି ଲକ୍ଷ୍ୟ କରିବା କଥା । ଯେମିତିକି- "ଚିଠିଟିଏ ଲେଖିଦେଇ ରଖିଦେବି ଟେବୁଲ ଉପରେ/ ବାରମ୍ବାର ପଢୁଥିବି/ ଦେଖୁଥିବି ଏ ପାଖ ସେପାଖ କରି/ ପୁଣି ରଖିଦେଇ ଉଠି ଯାଉଥିବି ଅନ୍ୟ କେଉଁ ବାହାନାରେ ସେଠୁ/ ଘଡ଼ିଏ ଦି'ଘଡ଼ି ପରେ ଫେରି ଆସି ଦେଖିବି ମୁଁ/ ସେ ଚିଠି ସେମିତି ଅଛି କାହା ଅପେକ୍ଷାରେ/ କାହାକୁ ଅଛପା ଅଛି ଠିକଣା ଅଜଣା ଚିଠି/ ଲେଖାହୁଏ କାହା ଉଦ୍ଦେଶ୍ୟରେ ?"

'ତୁମ ତୁମ ଭାବ' ସଂକଳନର କବିତା ଗୁଡ଼ିକ ବାକ୍‌ଧର୍ମୀ । ତେବେ ଆବେଗର ଆଧିପତ୍ୟ, କଳ୍ପନାର କୂଳକିନାରା ହୀନବିସ୍ତାର ଅମୂର୍ତ୍ତ 'ତୁମେ'କୁ କରିଛି ଧୀ, ଶ୍ରୀ ଏବଂ ସୌନ୍ଦର୍ଯ୍ୟ ମଣ୍ଡିତ ଜୀବନ୍ତ ମୂର୍ତ୍ତବିଗ୍ରହରେ । ଏହାହିଁ ବାଣୀଶିଳ୍ପ, ଯାହା ବାଣୀ ହସ୍ତେ ଧରାଇ ଦିଏ ତନ୍ମୟପଣର ତନ୍‌ପୁରା ଏବଂ ବାଣୀକଣ୍ଠରୁ ଝରାଇଦିଏ 'ତୁମ ତୁମ ଭାବ'ର ସର୍ବଶୁକ୍ଳା ଝଂକାର ।

ସାହିତ୍ୟର ସ୍ୱୟଂବରସଭାରେ କବିତା ସେଇ କନକବର୍ଣ୍ଣା କୁମାରୀ ଯାହାପାଇଁ ସତ୍ୟର ସହରକୁ ଆସିଛନ୍ତି କବି ଯେଉଁଠି ସଂପର୍କର କିଛିତ ସୂକ୍ଷ୍ମ ଯୋଗସୂତ୍ର ଲାଭ କରିଛନ୍ତି ବୋଲି ଲେଖିଛନ୍ତି 'ଯୁଗଳ ବଂଦୀରେ




ରାତିକ ଆୟୁଷ' କବିତାର ତ୍ରି-ସର୍ଗ । ଶେଷ ସ୍ପର୍ଶରେ ଧୂସର ସ୍ୱପ୍ନରେ ସବୁଜ ଶୃଙ୍ଗାରର ତୂଳିତଳ୍ପ ଶେଯଟିଏ ଏଠାରେ କିଏ ବିଛାଇ ଦେଲା !! କବି ଲେଖିଲେ "+++ ତୁମେ ଆସ ସେହି ରୂପେ, ମୋ' ମନର ମଗ୍ନ ଚେତନାରେ/ ତନ୍ମୟ ବିଭୂତି ଭଳି ବହୁରୂପୀ ବହୁବର୍ଣ୍ଣା ସାଜି/ ଆଜି ଏ ରାତିକ ପାଇଁ ହେ ମୋର ସହଯାତ୍ରୀ ନବୀନ କୁମାରୀ/ ସେ ଶରୀର ସେହିଠାରେ ପଡ଼ିଥାଉ/ ତୂଳିତଳ୍ପ ଶେଯ ସୁପାତିରେ/ ସମୟ ଆସୁଛି ସରି/ ବାକିଥାଉ ଯେତକ ପ୍ରହର/ ଆସ ଆମେ ବିତାଇବା ପ୍ରତ୍ୟେକ ମୁହୂର୍ତ୍ତ/ ପ୍ରୀତି-ପୂର୍ଣ୍ଣ ଯୁଗଳ ବନ୍ଦୀରେ ।"

କବି ଶ୍ରୀଯୁକ୍ତ ରାଉତ ସ୍ୱକୀୟ ସତେଇଶ କବିତାରେ କାବ୍ୟିକ ସତ୍ୟପାଠରେ ସ୍ୱୟଂସିଦ୍ଧ କରିଛନ୍ତି ଭାବକୁ । ତାଙ୍କର ମୋହାଚ୍ଛନ୍ନ ଆବେଗ ସବୁ ତାଙ୍କରି ଭାଷାରେ ଦୁର୍ଲଭ । ମାତ୍ର, ତନ୍ଦ୍ରା ଅଳସରେ କବି ବିଶ୍ୱାସ ରଖିଛନ୍ତି, 'ତୁମେ ଦିନେ ଉଇଁବ/ ଆଷାଢ଼ ସକାଳର ସୂର୍ଯ୍ୟ ପରି/ ଘନ କୁହୁଡ଼ିର ଦୁର୍ଗରେ । (କବିତା- ତୁମ ତୁମ ଭାବ) । ଘନ ତମିସ୍ରାଚ୍ଛିନ୍ନ.. ପ୍ରତୀକ୍ଷା ଭିତରେ 'ତୁମ ତୁମ ଭାବ' ହିଁ ଦିନେ ଡାକି ଆଣିବ ଗୋଟିଏ ସକାଳ । କବିତା ତାଙ୍କର 'ତୁମ ତୁମ ଭାବ'ର ଭେଳାରେ ଭାସି ଭାସି ଆସୁଥିବା ଗୋଟିଏ ଶୁଭ୍ର ସାତ୍ତ୍ୱିକ ଭୋର ।

କବିଙ୍କର 'ଅପବର୍ଗ' କବିତାଟି ପୁସ୍ତକସ୍ଥ ଶେଷତମ କବିତା । ତିରିଶ ପୃଷ୍ଠା ବ୍ୟାପ୍ତିକୁ ନେଇ କବିଙ୍କର ଏହି ଅନନ୍ୟ ଶବ୍ଦ ସଂଚାର ମହାଭାରତୀୟ ମିଥ୍ ସହିତ ଯୋଡ଼ିଛି ଆଧୁନିକ ରୂପକଳ୍ପକୁ । ଦୂର୍ଯ୍ୟୋଧନ, ଦୁଃଶାସନ ପରି ପରି ଅପଚରିତ୍ରଙ୍କର ବର୍ଗୀକରଣ ଭିତରେ କବି ଦୃଶ୍ୟଠାରୁ ଦୃଶ୍ୟାନ୍ତରକୁ ଅଧିକ ଫୁଟାଇଛନ୍ତି । ପୀଡ଼ାକୁ ପୀତାମ୍ବରୀ ପାଟ ବସ୍ତ୍ରରେ ସଜାଇ ପ୍ରେମକୁ 'ତୁମ ତୁମ ଭାବ'ର ଭାଷ୍ୟରେ ସେ ଦେଇଛନ୍ତି ଦିଗମ୍ବରୀର ଉଚ୍ଚତା । ସେଇ 'ତୁମ ତୁମ ଭାବ'ର ଅନ୍ୱେଷାକୁ କବି କରିଛନ୍ତି ଅନ୍ତହୀନ । ଯେମିତିକି- 'କେଉଁଠି ଲୁଚିଛ ତୁମେ ରକ୍ତରେ ନା କୋଷରେ+++ ଦିଶିବନି ଆଉ ତୁମ ଉଆସକୁ ପଥ/ କେଉଁଠି ବାଟରେ ଅଟକି ଯିବାକୁ ହେବ ମୋତେ/ ଅଟକି ଯିବି କି ଝୁଣ୍ଟି ପଡ଼ିବି/ +++ ଏ ଜୀବଦ୍ଦଶାରେ କି ମୃତ୍ୟୁରେ/ କିଏ ଜାଣେ କେଉଁଠି ମୋ ପାଇଁ/ ଫୁଟୁଥିବ କଡ଼େଇରେ ତେଲ/ କିବା କେଉଁ ଦିବ୍ୟ ଆତତାୟୀ/ ପ୍ରସ୍ତୁତ ହୋଇ ରହିଥିବ ଭୁଷିବାକୁ/ ପତିତ ମୋ ବକ୍ଷରେ ମୂଷଳ । (କବିତା-ତୁମ ବିନା, ପୃଷ୍ଠା-୩୭)

ଶ୍ରୀଯୁକ୍ତ ରାଉତଙ୍କର କବିତା କାଳିସୀ ଲାଗିଥିବା ଗୋଟିଏ କାବ୍ୟସତ୍ତାର ସ୍ୱାୟବିକ କମ୍ପନ ନୁହେଁ । ଏହା ତାଙ୍କର ନିୟତିର ନିଦିଧ୍ୟାସନ, ଏହା ଖୌରୀ ମୌଳୀର ମିଳିତ ଭାବ ସମଗ୍ର । 'ତୁମ ତୁମ ଭାବ'ର ଆଦ୍ୟ ଉତ୍କଣ୍ଠା 'ଅପବର୍ଗ'ର ପ୍ରାନ୍ତୀୟ ଉତ୍କର୍ଷ ପାଠକୀୟ ଚିତ୍ତବୃତ୍ତିରେ ଚାଞ୍ଚଲ୍ୟ ବା ଶିହରଣ ଆଣିବା ବଦଳରେ ସ୍ଥିର ସିଦ୍ଧାନ୍ତ ଭରିଦେବ ବୋଲି ଆମର ଦୃଢ଼ବିଶ୍ୱାସ । ଅସମାହିତ ପ୍ରଶ୍ନ, ମୁଁ କଣ ଖୋଜୁଛି ପରି କବିତା ମାନଙ୍କର ପ୍ରଶ୍ନବାଚୀ, ଉତ୍କଣ୍ଠା ଏବଂ 'ଆସ ତୁମେ ବନ୍ଧନ ଭୁଲି' ପରି କବିତାର ଆକର୍ଷ ସବୁ ଯେଉଁଭଳି ଭାବରେ ନେରେଟିଭ୍ ସେହିଭଳି ସଜେଷ୍ଟିଭ୍ । I die, Because I don't day - ମଦର ଟେରେସାଙ୍କର ଏହି ଉକ୍ତିର ସମତାଳରେ କବି କିଭଳି ଖୋଜିଛନ୍ତି ଭାବରେ ଭାଗଫଳ, କିଭଳି କଷିଛନ୍ତି ଭାବର ଭାଜ୍ୟକ୍ରିୟାରେ ଭାଗଶେଷର ଶେଷସ୍ୱରକୁ କିଭଳି ସାଜିଛନ୍ତି 'ତମ ତମ ଭାବ'ର ଭାଜକ ଶବ୍ଦଶିଳ୍ପୀ- ଏ ପ୍ରଶ୍ନ ସବୁର ଉତ୍ତର ଦେବ ତାଙ୍କ ଆଲୋଚ୍ୟ କବିତା ପୁସ୍ତକର ପୃଷ୍ଠାସବୁ । ଭାବମୟ ସତ୍ତାର ଅଧୀକାରୀ କବିଙ୍କୁ ଅଭିନନ୍ଦନ ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ଜଣେ ରାଷ୍ଟ୍ରପତିଙ୍କ ଚିଠି ଶିକ୍ଷକ ଓ ଛାତ୍ରସମାଜ ପାଇଁ ....

(ପୃଷ୍ଠା ୪ର ଅବଶିଷ୍ଟାଂଶ )ଛାତ୍ରସମାଜକୁ ଶିକ୍ଷକକୁଳ ସର୍ବଦା ଜଣାଇବାର ଆବଶ୍ୟକତା ଅଛି ଯେ, ଏ ସମଗ୍ର ଜଗତ ଭଗବାନଙ୍କର ସ୍ୱରୂପ । ଆଉ ତାଙ୍କ ସୃଷ୍ଟି ଭିତରେ ସର୍ବୋତ୍ତମ ସୃଷ୍ଟି ହେଉଛି ମନୁଷ୍ୟ । ମନୁଷ୍ୟର ଯେଉଁ ଦିବ୍ୟ ଅନୁଭବ ତାହା ଅନ୍ୟ କେଉଁ ସୃଷ୍ଟିରେ ପରିଲକ୍ଷିତ ହୁଏନା । ତେଣୁ ମନୁଷ୍ୟ ସଦାବେଳେ ସେହି ସ୍ରଷ୍ଟାଙ୍କ ପ୍ରତି ଯିଏକି ସକଳ ସୃଷ୍ଟିର ଆଧାର, ତାଙ୍କୁ ସ୍ମରଣରେ ରଖି ନିଜର କର୍ମରେ ନିଷ୍ଠା ଓ ସଚ୍ଚୋଟତାକୁ ବଜାୟ ରଖିବା ଉଚିତ । ଶିକ୍ଷକ ସ୍ୱୟଂ ଆଚରଣସିଦ୍ଧ ହୋଇ ଛାତ୍ରସମାଜ ଆଗରେ ଉଦାହରଣ ହେବା ବାଞ୍ଛନୀୟ । ଆଜି ତ ଏତେ ଏତେ ଅକଳ୍ପନୀୟ ବୀଭତ୍ସ କାର୍ଯ୍ୟ ଶିକ୍ଷକକୁଳରେ କେହି କେହି କରୁଛନ୍ତି ଯେ, ତାହା ସେମାନଙ୍କର ମର୍ଯ୍ୟାଦା ହାନି ଘଟାଉଛି । ସେମାନେ ଛାତ୍ରଛାତ୍ରୀଙ୍କୁ ନିଜର କନ୍ୟା, ପୁତ୍ର ସମ ଗଢ଼ି ତୋଳିବା କଥା ଅଥଚ ବିପରୀତ କଥାଗୁଡ଼ିଏ ଘଟୁଛି । ଏଣେ ଛାତ୍ରସମାଜ ଉପମନ୍ୟୁ, ଏକଲବ୍ୟ, ଶିବାଜୀଙ୍କ ଭଳି ଛାତ୍ରମାନଙ୍କର ଗୁଣଠୁ ନିଜକୁ ଦୂରେଇ ନେଇ କ୍ରମଶଃ ଅନ୍ଧକାରମୟ ଜୀବନଆଡ଼େ ଗତି କରୁଛନ୍ତି । ଏଥିରେ ମଧ୍ୟ ପରିବାରର ପିତାମାତାଙ୍କ ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ପିତାମାତା ନିଜର ସନ୍ତାନକୁ ବିଦ୍ୟାଳୟରୁ କେବଳ ଉଚ୍ଚ ଡିଗ୍ରୀ ଆହରଣ ଦିଗଟି ପ୍ରତି ଧ୍ୟାନ ଦେଉଥିଲା ବେଳେ ତାଙ୍କ ସନ୍ତାନଙ୍କୁ ସତ୍‌ମଣିଷ କରି ଗଢ଼ି ତୋଳିବାରେ ଶିକ୍ଷକଙ୍କର ଭୂମିକାକୁ କେବେ ଧ୍ୟାନ ଦିଅନ୍ତି ନାହିଁ । ଫଳରେ ଆଜି ଶିକ୍ଷକର କର୍ତ୍ତବ୍ୟ, ଛାତ୍ରସମାଜର ଶିକ୍ଷାଗ୍ରହଣ ଏବଂ ପରିବାରର ପିତାମାତାଙ୍କର ଭୂମିକା ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଥିଲା ବେଳେ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ସେହି କାଳଜୟୀ ପତ୍ରଖଣ୍ଡିକକୁ ଯଦି ଆମେ ଅନୁଧ୍ୟାନ କରନ୍ତି, ତେବେ ସମସ୍ତଙ୍କର ଭୂମିକାକୁ ଜାଣିବାରେ ସମର୍ଥ ହୁଅନ୍ତେ ।

# ଉତ୍କଳଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବାଲିଆପାଳ,୨୦/୦୩ (ନି.ପ୍ର): ଉତ୍କଳସମ୍ମିଳନୀ ବାଲିଆପାଳ ଶାଖା ପକ୍ଷରୁ ଚଳିତ ବର୍ଷ ଉତ୍କଳଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିଆପାଳ ଶାଖାର ସଭାପତି ତ୍ରିଲୋଚନ ଖଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହହି ବୈଠକରେ ପ୍ରାକ୍ତନ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ,ବାଲିଆପାଳ ଶାଖାର ସଂପାଦକ ସାମ୍ବାଦିକ ସନ୍ୟାସୀ ବେହେରା, ଅଧ୍ୟାପକ ସୁକାନ୍ତ ଗିରି, ଅବସରପ୍ରାପ୍ତ ଅ୍ଧାପକ ବୀରମାଧବ ଦାସ, ବିଜୟ ପାତ୍ର, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଇନ୍ଦୁଭୂଷନ ଖଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କରୋନା କଟକଣାକୁ ମାନି ବାଲିଆପାଳ ଶାରିରୀକ କ୍ରୀଡାକଲେଜ ପରିସରରେ ଦିବସବ୍ୟାପି ଏହି ଦିବସ ପାଳନ କରାଯିବା ନେଇ ସବିଶେଷ ଆଲୋଚନା ହୋଇଥିଲା ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତଃ ବେଣୁଧର ସାହୁଙ୍କ ଏକାଦଶାହ ଅବସରରେ ସ୍ମୃତିସଭା



ବାଲିଆପାଳ,୨୦/୦୩ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁରପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଂପାଦକ ସ୍ୱର୍ଗତଃ ବେଣୁଧର ସାହୁଙ୍କ ଏକାଦଶାହ ଅବସରରେ ଆଜି ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ମଧୁପୁରା ଗ୍ରାମସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ଶ୍ରୀକାନ୍ତ ଜେନା ପୌରହିତ୍ୟ କରିଥିଲେ ।ଏହି ସଭାରେ ସଂଘର ସାଧାରଣ ସଂପାଦକ ରାଖାଲ ଚନ୍ଦ୍ର ଦାସ, ପଦ୍ମଲୋଚନ ସାହୁ, ଝାଡେଶ୍ୱର ପାତ୍ର, ନଗେନ୍ଦ୍ର ଦଣ୍ଡପାଟ, କମଳାକାନ୍ତ ସାହୁ, ଅମୂଲ୍ୟ କର, ଗୌରମୋହନ ଜେନା, ପଞ୍ଚାନନ ସାହୁ, ବିଜୟ କୁମାର ସାହୁ,ପ୍ରମୁଖ ଯୋଗ ଦେଇ ତାଙ୍କର ଗୁଣାବଳୀ ବର୍ଣ୍ଣନା କରିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା । କରିଥିଲେ ।ସ୍ୱର୍ଗତଃ ସାହୁଙ୍କ ଝିଅ ବନଜା ମହାନ୍ତି,ଜ୍ୱାଇଁ ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି ନାତୁଣୀ ଶୁଭଦର୍ଶନୀ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲୋବଡପୁତ୍ର ଶିକ୍ଷକ ପ୍ରଦ୍ୟୁମ୍ନ ସାହୁ,ସାନପୁଅ ପ୍ରିତମ ସାହୁ ସମେତ ପରିବାର ଲୋକ ଆତ୍ମୀୟସଜନ ମାନେ ଉପସ୍ଥିତଥିଲେ ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖଇର,୨୦/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ପଞ୍ଚାୟତରେ ୨ଥର ଲଗାତାର ସରପଞ୍ଚ ଭାବେ ବିଜୟୀ ହୋଇଥିବା ବରୁଣପଦୀ ଗ୍ରାମର ପାଗଳ ପଲେଇ(୮୫)ଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇ ଯାଇଛି । ୩ଦିନ ତଳେ ସେ କରୋନା ଟିକା ନେବା ପରେ ସାମାନ୍ୟ ଜ୍ୱର ରେ ଆକ୍ରାନ୍ତ ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନା ନେବା ପରେ କିଡିନି ରୋଗରେ ଆକ୍ରାନ୍ତ ଥିବାର ଜଣା ପଡିଥିଲା । ଚିକିତ୍ସାଧିନ ଥିବା ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ସେ ଜଣେ ସରଳ,ମିଷ୍ଟଭାଷି ଏବଂ ପରୋପକାରୀ ମଣିଷ ଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ଡୁଙ୍ଗୁରା ବଜାର ଓ ଅମରିଆ କୁ ନିଆଯାଇଥିଲା । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତଥା ଡୁଙ୍ଗୁରା ସମିତି ସଭ୍ୟ ପ୍ରକାଶ ଲେଙ୍କା, ସରପଞ୍ଚ କଲ୍ୟାଣି ମାଝୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଶହୀଦ ଦିବସରେ ରକ୍ତଦାନ ଶିବିର

ଖଇରା,୨୦/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଠାରେ ଚଳିତ ୨୩ତାରିଖ ରକ୍ତଦାନ ଶିବିର ଆୟୋଜନ ମାଧ୍ୟମରେ ଶହୀଦ ଦିବସ(ଭଗତ ସିଂ, ଜୟିରାଜଗୁରୁଙ୍କ ବଳିଦାନ ଦିବସ) ପାଳନ ପାଇଁ ନିଫା ସଂଗଠନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଜେଭିସିସି ଶିକ୍ଷାକେନ୍ଦ୍ର ପରିସରରେ ଶନିବାର ଅନୁଷ୍ଠିତ ପ୍ରସ୍ତିତି ବୈଠକରେ କବି ନରେନ୍ଦ୍ର ପ୍ରସାଦ ବେହେରା ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସଂଗଠନ ପ୍ରତିଭା ପରିବାର,ଖଇରା ସାହିତ୍ୟ ସଂସଦ,ମୋ ଅନୁଷ୍ଠାନ ସାହିତ୍ୟ ସଂସଦର ସଦସ୍ୟ ମାନେ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ । ପ୍ରତିଭା ପରିବାର ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ ।

# ପୁରୀ ବଡଦାଣ୍ଡରେ ଜଳେଶ୍ୱର ଯୁବଗୋଷ୍ଠୀର ସଫେଇ କାର୍ଯ୍ୟ



ଜଳେଶ୍ୱର, ୧୯/୩ (ନିପ୍ର) : ଜଳେଶ୍ୱରର ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ଆଜି ପୁରୀ ବଡ ଦାଣ୍ଡରେ ସ୍ୱଚ୍ଛ-ସେବା କାର୍ଯ୍ୟରେ ପ୍ରଶଂସା ସାଉଁଟିଛନ୍ତି । ପୁରୀ ବଡଦାଣ୍ଡକୁ ପରିଷ୍କାର ପରିଚ୍ଛନ ରଖିବାଲାଗି ରାସ୍ତାରରେ ଗମନାଗମନ କରୁଥିବା ଲୋକଙ୍କୁ ସଚେତନ କରିବା ସହ ସେମାନେ ରାସ୍ତାକୁ ସଫେଇ କରିଥିଲେ । ଏହି କାର୍ଯ୍ୟପୂର୍ବରୁ ଜିଲାପାଳ ସମର୍ଥ ବର୍ମା, ପ୍ରଶାସନୀକ ଅଧିକାରୀ, ପୁରୀର ଅନ୍ୟ କେତେକ ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା କରିଥିଲେ । ସଂସ୍ଥାର ସଭାପତି ମାନସ ରଂଜନ ଧଳ, ଉପଦେଷ୍ଟା ହେମନ୍ତ ଜେନା, ତପନ ଦେ, ପ୍ରଦୀପ କୁମାର ମିର୍ଦ୍ଧା, ଶିବନାଥ କର, ବଳରାମ ପରିଡା, ରିପୁରାଜ ଦେ, ନଗେନ୍ଦ୍ର ବାରିକ, ତନ୍ମୟ ଚନ୍ଦ, ସନ୍ତୋଷ ଦାସ, ଅରବିନ୍ଦ ପଣ୍ଡା, ଦେବିଦାସ ପଣ୍ଡା, ଉମେଶ ଜେନା ପ୍ରମୁଖ ପୁରୀ ବଡଦାଣ୍ଡର କୋର୍ଟଛକ, ଡାକ୍ତରଖାନା ଛକ, ମାର୍କେଟ ଛକ, ବଡଶଙ୍ଖ ଛକ, ଗୁଣ୍ଡିମନ୍ଦିର ଛକ ପ୍ରଭୃତି ସ୍ଥାନରେ ସଫେଇ କରିଥିଲେ ।

# ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲ୍ଲାର ସଫଳତା




ବାରିପଦା,୨୦/୦୩ (ନି.ପ୍ର): ଚଳିତ ମାସ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ରାଜ୍ୟ ଶକ୍ତିଉତ୍ତେଳନ ପ୍ରତିଯୋଗିତାରେ ମୟୁରଭଞ୍ଜ ଜିଲାକୁ ସଫଳତା ମିଳିଅଛି । ମୟୁରଭଞ୍ଜ ଜିଲାର ମୟୁରଭଞ୍ଜ ଜିମ୍ନାସିୟମ ଏବଂ ଶକ୍ତିମାନ ଜିମ୍ନାସିୟମ ରୁ ମୋଟ ୧୭ ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହିତ ସମସ୍ତେ ପଦକ ହାସଲ କରିଛନ୍ତି । ୬୬ କେଜି କାଟାଗରିରେ ଅବିଶେକ ମହାନ୍ତ ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ନ୍ନପଦକ ହାସଲ କରିବାସହ ଷ୍ଟ୍ରଙ୍ଗ ମ୍ୟାନର ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ଅନ୍ୟ ପ୍ରତିଯୋଗୀ ମାନଙ୍କ ମଧ୍ୟରେ ୬୬ କେଜି କାଟାଗରିରେ ଜଗନ୍ନାଥ ବେଶ୍ରା ଜୁନିଅର ଏବଂ ସିନିଅର ବିଭାଗ ଉଭୟରେ ରୌପ୍ୟପଦକ , ୮୩ କେଜି କାଟାଗରିରେ ବାପୁନ ବେହେରା ସିନିଅର ବିଭାଗରେ ସ୍ୱର୍ଣ୍ଣ ଏବଂ ଜୁନିଅର ବିଭାଗରେ ରୌପ୍ୟ ପଦକ , ୯୩ କେଜି କାଟାଗରିରେ ସତ୍ୟବ୍ରତ ବେହେରା ସିନିଅର ବିଭାଗରେ ରୌପ୍ୟ , ୫୯ କେଜି କାଟାଗରିରେ ପ୍ରବୀର ପୃଷ୍ଟି ଜୁନିଅର ବିଭାଗରେ ସ୍ୱର୍ଣ୍ଣ, ୫୩ କେଜି କାଟାଗରିରେ ରିଙ୍କୁ ମହାନ୍ତ ଜୁନିଅର ବିଭାଗରେ ସ୍ୱର୍ଣ୍ଣ, ୬୬ କେଜି କାଟାଗରିରେ ଦୁଃଖୀରାମ ମାରାଣ୍ଡି ସବଜୁନିଅର ବିଭାଗରେ ସ୍ୱର୍ନ୍ନ , ୫୩ କେଜି କାଟାଗରିରେ ଗଗନ କୁମାର ମହାନ୍ତ ସବଜୁନିଅର ବିଭାଗରେ ରୌପ୍ୟ , ୫୩ କେଜି କାଟାଗରିରେ ଗୌର ମହାନ୍ତ ଜୁନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଲକ୍ଷ୍ମୀକାନ୍ତ ବିନ୍ଧାଣୀ ଜୁନିଅର ବିଭାଗରେ ବ୍ରଞ୍ଜ, ୫୯ କେଜି କାଟାଗରିରେ ମନୋଜ କୁମାର ମହାନ୍ତ ସିନିଅର ବିଭାଗରେ ବ୍ରଞ୍ଜ , ୭୪ କେଜି କାଟାଗରିରେ ଚନ୍ଦନ ମହାନ୍ତ ଜୁନିଅର ବିଭାଗରେ ରୌପ୍ୟ, ୪୭ କେଜି କାଟାଗରିରେ ସୁଷମା ରାୟ ଜୁନିଅର ଏବଂ ସିନିଅର ବିଭାଗରେ ଯଥାକ୍ରମେ ରୌପ୍ୟ ଏବଂ ବ୍ରଞ୍ଜ , ୪୭ କେଜି କାଟାଗରିରେ ସୀମାରାଣୀ ସିଂ ସିନିଅର ବିଭାଗରେ ରୌପ୍ୟ , ୪୭ କେଜି କାଟାଗରିରେ ଭାରତୀ ପାତ୍ର ଜୁନିଅର ଏବଂ ସିନିଅର ବିଭାଗରେ ସ୍ୱର୍ନ୍ନ , ୫୨ କେଜି କାଟାଗରିରେ ପ୍ରଭାତୀ ସିଂ ଜୁନିଅର ଏଂବ ସିନିଅର ବିଭାଗରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି । ଏମାନଙ୍କର ସଫଳତା ପାଇଁ ଜିଲା ଶକ୍ତିଉତ୍ତୋଳନ ସଂଘର କର୍ମକର୍ତ୍ତା ନବ କୁମାର ସାହୁ, ରବୀନ୍ଦ୍ର ମହାନ୍ତି, ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣଇଛନ୍ତି । ଏହାକୁ ନେଇ ଜିଲା କ୍ରୀଡା ମହଲରେ ଆନନ୍ଦର ଲହରୀ ଖେଳିଯାଇଅଛି ।

# ପାଟଶାଣୀପୁରରେ ଜଙ୍ଗଲ ସୁରକ୍ଷା ଶୋଭାଯାତ୍ରା ଓ ସଚେତନତା ବୈଠକ



ଉଦଳା,୨୦/୦୩(ନି.ପ୍ର)- ଶିମିଳିପାଳକୁ ବନାଗ୍ନି ଦାଉରୁ ରକ୍ଷା କରିବା ପାଇଁ ଡ଼େପୁଟି ଡ଼ାଇରେକ୍ଟର ଏସ୍.ଟି.ଆର. ଶିମିଳିପାଳ ସାଉଥ ଡ଼ିଭିଜନଙ୍କ ନିର୍ଦ୍ଦେଶ କ୍ରମେ ଡୁକୁରା ବନାଞ୍ଚଳ ଅଧିକାରୀ ଅନନ୍ତ କୁମାର ଜେନା, ତାଙ୍କର ସହକର୍ମୀ ମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ବିଶେଷ କରି ଶିମିଳିପାଳ ପାଦଦେଶରେ ଥିବା ଗ୍ରାମ ଗୁଡ଼ିକରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି । ଶିମିଳିପାଳ ଖଇରି ବାଘ ପାଇଁ ବିଶ୍ୱ ପ୍ରସିଦ୍ଧ । ଏସିଆ ମହାଦେଶର ଗର୍ବ ଏବଂ ଗୌରବ । ବିଭିନ୍ନ ଉପାୟରେ ଆମେ ଜଙ୍ଗଲ ନଷ୍ଟ କରିଚାଲିଛେ ଏବଂ ପଶୁ ପକ୍ଷୀ ଶିକାର କରି ଖାଉଛେ । ଏହାକୁ ରୋକିବା ପାଇଁ ବନାଗ୍ନିର ଦାଉରୁ ଶିମିଳିପାଳକୁ ରକ୍ଷା କରିବା ସକାଶେ ସଚେତନତା କାର୍ଯ୍ୟକ୍ରମ ବର୍ତ୍ତମାନ ନିହାତି ଜରୁରୀ ହୋଇ ପଡ଼ିଛି । ଶିମିଳିପାଳରେ ଦିର୍ଘଦିନ ଧରି ଜଳୁଥିବା ନିଆଁ ସାରା ଦେଶରେ ଏବେ ଏକ ପ୍ରକାର ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିବା ବେଳେ ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ତତ୍ପର ହୋଇ ଉଠିଛନ୍ତି । ତେବେ ଲୋକ ମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ବୈଠକ କରିବା ଦେଖିବାକୁ ମିଳୁଛି । ସେହିପରି ବନବିଭାଗ ପକ୍ଷରୁ ପାଟଶାଣିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରି, ଗ୍ରାମବାସୀ, ସବୁଜ ବାହିନୀ କର୍ମୀ ମାନଙ୍କୁ ନେଇ ଏକ ଶୋଭାଯାତ୍ରା ପାଟଶାଣୀପୁର ଗ୍ରାମ ପରିକ୍ରମା କରି ବିଦ୍ୟାଳୟ ସମ୍ମୁଖରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଗଛ ନକାଟିବା, ଜଙ୍ଗଲରେ ନିଆଁ ନଲଗାଇବା , ଜଙ୍ଗଲ ଆମ ସମସ୍ତଙ୍କ ସମ୍ପତ୍ତି ଇତ୍ୟାଦି ସ୍ଲୋଗାନ ପ୍ରଦାନ କରି ଡୁକୁରା ରେଞ୍ଜର ଅନନ୍ତ ନାରାୟଣ ଜେନା, ମୟୂରଭଞ୍ଜ ଜିଲ୍ଲା ଓଷ୍ଟାର ଉପସଭାପତି କୋକିଳ ଚନ୍ଦ୍ର ମହାନ୍ତ, ପ୍ରଧାନ ଶିକ୍ଷକ ଗୋପିନାଥ ସୋରେନ, ଦେବକୁଣ୍ଡ ଫରେଷ୍ଟର ଜ୍ୟୋତିସ୍ମିତା ପାଣ୍ଡିଆ, ଫୁଲବାଡ଼ିଆ ଫରେଷ୍ଟର ଆରତୀ ମାର୍ଣ୍ଡିଙ୍କ ସମେତ ବନକର୍ମୀ ମାନେ ଉପସ୍ଥିତ ଥିଲେ । ବନାଞ୍ଚଳରେ ଆଗକୁ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଡ଼େଙ୍ଗାମ ଫରେଷ୍ଟର ଶୋଭାକର ସିଂ, ସୂଚନା ପ୍ରଦାନ କରିଥିଲେ । ସୁସାନ୍ତ କୁମାର ବେହେରା, ବିଜୟ କୁମାର ଜେନା, ମାନସ କୁମାର ମିରିଡ଼ିଆ, ଶରତ ସିଂ, ବୈଦ୍ୟନାଥ ସିଂ,ଟିକାରାମ ମାର୍ଣ୍ଡି, ରାମଚନ୍ଦ୍ର ମୁର୍ମୁ, ବସନ୍ତ କୁମାର ଖଣ୍ଡେଇ ପ୍ରମୁଖ ଏହିକାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଓଡ଼ିଆ ପିଲାଙ୍କ ବୌଦ୍ଧିକ ....

ତେଣୁ ଆଗାମୀ ଦିନରେ ଏହି ସମ୍ଭାବନାକୁ ଉପଯୋଗ କରିବା ପାଇଁ ଉଦ୍ୟୋଗ କ୍ଷେତ୍ରରେ ଥିବା ସମ୍ଭାବନାକୁ ବଢ଼ାଇବାକୁ ପଡିବ । ଆଇଟି କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତାସମ୍ପନ୍ନ ଓଡ଼ିଆ ପିଲାମାନେ କାମ କରୁଥିବା ବେଳେ ସେମାନଙ୍କର ବୌଦ୍ଧିକ କ୍ଷମତାକୁ ଉପଯୋଗ କରିବାକୁ ହେବ । ତେବେ ଯାଇଁ ଏକବିଂଶ ଶତାବ୍ଦୀରେ ଓଡିଶା ବ୍ୟବସାୟର ପେଣ୍ଠସ୍ଥଳି ହେବ । ଆଗାମୀ ୧୫ ବର୍ଷ ପରେ ୨୦୩୬ ମସିହାରେ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ । ଏହି ସମୟରେ ଆମେ ସମସ୍ତେ ନିମ୍ନ ମଧ୍ୟବିତ ଓ ମଧ୍ୟବିତ ବର୍ଗଙ୍କୁ ମୌଳିକ ସୁବିଧା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ସୁବିଧା ଦେଇ ସେମାନଙ୍କୁ ଶକ୍ତିଶାଳୀ କରିବାକୁ ହେବ । ରେଳ, ସଡ଼କ ପଥ, ଆକାଶ ପଥ, ସାମୁଦ୍ରିକ ଅର୍ଥନୀତିର ଓଡ଼ିଶା ରାଜ୍ୟରେ ଥିବା ସମ୍ଭାବନା କେବଳ ସାଢେ ୪ କୋଟି ଓଡ଼ିଆଙ୍କ ପାଇଁ ନୁହେଁ ବରଂ ସମଗ୍ର ପୂର୍ବ ଭାରତର ଆବଶ୍ୟକତାକୁ ପୂରଣ କରିବା ପାଇଁ । ଭାରତ ପାଇଁ ଏହି ଦଶକ ରୋରିଂ-୨୦ ହେବାକୁ ଯାଉଥିବା ବେଳେ ଓଡ଼ିଶା ବ୍ୟବସାୟ କ୍ଷେତ୍ରର ପେଣ୍ଠସ୍ଥଳୀ ହେବ, ଏହା ନିଃସନ୍ଦେହ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡ଼ା. ହରେକୃଷ୍ଣ ମହତାବଙ୍କ ଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକ ଏବଂ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ଅନେକ ଯୋଗଦାନ ଦେଇଛନ୍ତି । ଆଜିର ସମୟରେ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଥିବା ବେଳେ ଆମକୁ ଏହି ବ୍ୟକ୍ତିବିଶେଷଙ୍କ ବିଚାରକୁ ସ୍ମୃତିଚାରଣ କରି ଓଡିଶାକୁ ଆଗକୁ ନେବା ପାଇଁ ପଡିବ ଏବଂ ସମାଜରେ ୱେଲଥ୍ କ୍ରିଏସନ କରିବା ପାଇଁ ଉଦ୍ୟମୀଙ୍କ ଦାୟିତ୍ୱକୁ ବଢ଼ାଇବାକୁ ହେବ । ଧରିତ୍ରୀ ଖବରକାଗଜ ନିରନ୍ତର ୪୭ ବର୍ଷ ଧରି ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ମତକୁ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ଭାବରେ ପରିବେଷଣ କରୁଛି ବୋଲି ଶ୍ରୀ ପ୍ରଧାନ କହିବା ସହ ଆଜିର 'ବିଜନେସ୍ ଏମିନେନ୍ସ ଆୱାର୍ଡ୍ସ' କାର୍ଯ୍ୟକ୍ରମ ପାଇଁ ଧରିତ୍ରୀ ଏବଂ ଓଡିଶା ପୋଷ୍ଟର ପ୍ରତିଷ୍ଠାତା ତଥା ସମ୍ପାଦକ ଓ ଏହାସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । 'ବିଜନେସ୍ ଏମିନେନ୍ସ ଆୱାର୍ଡ୍ସ'ରେ ସମ୍ମାନିତ ହୋଇଥିବା ସଫଳ ଉଦ୍ୟୋଗୀଙ୍କୁ ସେ ଅଭିନନ୍ଦନ ଦେଇଛନ୍ତି ।

## ହାଇସ୍କୁଲ ବନ୍ଦକୁ ନେଇ ....

ତାହା ଚାହାନ୍ତି ନାହିଁ । ମାତ୍ର ଏହି ପ୍ରସଙ୍ଗ ଉଠାଇଥିବା ବିରୋଧୀ ନେତା ଶ୍ରୀ ମିଶ୍ର କହିଥିଲେ ଯେ ଗୃହରେ ବିନା ଆଲୋଚନାରେ ହାଇସ୍କୁଲ ବନ୍ଦ ହେବନାହିଁ ବୋଲି ମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ଜଣାନ୍ତୁ । ଏହାକୁ ତାରା ପ୍ରସାଦ ବାହିନୀପତି , ବିରୋଧୀ ଦଳନେତା ପ୍ରଦୀପ୍ତ ନାୟକ ସମର୍ଥନ କରିଥିଲେ । ବାଚସ୍ପତି କହିଥିଲେ ଯେ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇସାରିଛନ୍ତି । ତେଣୁ ଏହାଉପରେ ଅଧିକ ବାଦବିବାଦ କରାନଯାଉ । ଖର୍ଚ୍ଚଦାବି ଆଲୋଚନା କାଳରେ ମଧ୍ୟ ଏହି ପ୍ରସଙ୍ଗ ଉଠାଯାଇପାରିବ । ବାଚସ୍ପତିଙ୍କ ବକ୍ତବ୍ୟ ପରେ ମଧ୍ୟ ନରସିଂହ ମିଶ୍ର ନିଜ ଆସନରେ ଠିଆ ହୋଇରହିଥିଲେ ।ବାଚସ୍ପତି ତାଙ୍କୁ ବସିବା ପାଇଁ ହାତ ଯୋଡି ଅନୁରୋଧ କରିଥିଲେ । ଅର୍ଥମନ୍ତ୍ରୀ ମଧ୍ୟ ତାଙ୍କୁ ବସିବା ପାଇଁ ଅନୁରୋଧ କରିଥିଲେ ।ଅର୍ଥମନ୍ତ୍ରୀ କହିଥିଲେ ଯେ ୬ ଦିନ ଗୃହରେ ଅଚଳାବସ୍ଥା ରହିଥିଲା । ନରସିଂହ ମିଶ୍ର ଜଣେ ବରିଷ୍ଠ ବିଧାୟକ , ଚିନ୍ତାଶୀଳ ବ୍ୟକ୍ତି, ଆଇନ ବିଶାରଦ । ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଶ୍ରୀ ନାଏକ କହିଥିଲେ ଯେ ବିଜୁ ବାବୁଙ୍କ ଶାସନକାଳରେ ପ୍ରତି ପଂଚାୟତରେ ହାଇସ୍କୁଲ ହେବ ବୋଲି କହିଥିଲେ । ଏମାନେ କଣ ବିଜୁ ବାବୁଙ୍କ ସ୍ୱପ୍ନ କୁ ପୂରଣ କରୁଛନ୍ତି ? ପିଲାଙ୍କୁ କଣ ମୁର୍ଖ କରିବେ ? ଏସମ୍ପର୍କରେ ମନ୍ତ୍ରୀ ଗୃହକୁ ନିର୍ଦ୍ଦିଷ୍ଟ ଉତର ଦେବା ଦରକାର । ମାତ୍ର ବାଚସ୍ପତି କୌଣସି ରୁଲିଂ ଦେଇନଥିଲେ । ଶ୍ରୀ ମିଶ୍ର ପୂର୍ବଭଳି ତାଙ୍କ ଆସନରେ ଠିଆ ହୋଇ ରହିଥିଲେ ।

# ମନ୍ତ୍ରୀ ପ୍ରତାପ ଜେନାଙ୍କ ଗିରଫ ଦାବିରେ ବିଜେପିର ବିଧାନସଭା ଘେରାଉ

ଭୁବନେଶ୍ୱର,୨୦/୦୩ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଜେପି ପକ୍ଷରୁ ବିଧାନସଭା ଘେରାଉ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଦଳୀୟ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଇ ଲୋୟର ପିଏମଜିରେ ପହଂଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ବ୍ୟାରିକେଟ୍ ଭାଙ୍ଗି ବିଧାନସଭା ଆଡକୁ ଯିବା ବେଳେ ମୁତୟନ ହୋଇଥିବା ସୁରକ୍ଷାକର୍ମୀ ସେମାନଙ୍କୁ ଅଟକାଇଥିଲେ । ଫଳରେ କର୍ମୀ ଓ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ।ପୋଲିସ୍ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀମାନଙ୍କୁ ସେଠାରୁ ଉଠାଇ ନେଇ ଅଟକ ରଖିଛି । ଗତ ୧୭ ତାରିଖରେ ମାହାଙ୍ଗାରୁ ବାହାରିଥିବା ଏହି ପଦଯାତ୍ରା ଗତକାଲି ଭୁବନେଶ୍ୱରରେ ପହଂଚିଥିଲା । ରାଜ୍ୟରେ ସାଧାରଣ ଲୋକ ନ୍ୟାୟ ପାଉନାହାଁନ୍ତି । ଏହା ପାଇଁ ବିଧାନସଭା ଆଗରେ ଆତ୍ମହୃତି ଦେବା ପାଇଁ ସେମାନେ ଏକ ଉପଯୁକ୍ତ ସ୍ଥାନ ଭାବେ ଗ୍ରହଣ କରିଛନ୍ତି । ସାଧାରଣ ଜନତା ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ଆସ୍ଥା ହରାଇଛନ୍ତି ବୋଲି ପ୍ରମାଣିତ ହୋଇଛି । ନାଲି ଆଖି ଦେଖାଇ ବିରୋଧୀଙ୍କୁ ଡରାଇବା ବନ୍ଦ କରନ୍ତୁ ରାଜ୍ୟ ସରକାର ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ମାହାଙ୍ଗା ଡବଲ ମର୍ଡର ଘଟଣା ଓ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପ୍ରସଙ୍ଗରେ ବିଧାନସଭାରେ ଅନେକ ଥର ଆଲୋଚନା ହୋଇଛି । ପବିତ୍ର ବିଧାନସଭା ଗୃହକୁ ହତ୍ୟା ଅଭିଯୁକ୍ତ ମନ୍ତ୍ରୀ ପ୍ରତାପ ଜେନା ଅପବିତ୍ର କରିଛନ୍ତି । ଆଗାମୀ ଦିନରେ ଅପବିତ୍ର କରିଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୁଦ୍ଧରେ ଏହି ଲଢେଇ ବିଧାନସଭା ଭିତରେ ଏବଂ ବାହାରେ ଜାରି ରହିବ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ବିଷ୍ଣୁ ସେଠୀ କହିଛନ୍ତି । ବଂଟନରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ଓ ମାହାଙ୍ଗା ଡବଲ ମର୍ଡରରେ ସଂପୃକ୍ତ ଥିବା ମନ୍ତ୍ରୀ ପ୍ରତାପ ଜେନା ଗିରଫ ନହେବା ପର୍ଯ୍ୟନ୍ତ ବିଜେପି ରାଜରାସ୍ତାରେ ଲଢେଇ କରିବ । ଶାସକ ଦଳ ପ୍ରତିହିଂସା ପରାୟଣ ହୋଇ ଧମକ ଦେବାର କୁଅଭ୍ୟାସକୁ ବନ୍ଦ ନକଲେ ଆଗାମୀ ଦିନରେ ବିଜେପି ରାଜନୈତିକ ଲଢେଇ ଜରିଆରେ ଏହାର ଜବାବ ଦିଆଯିବ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମୁଖ୍ୟମନ୍ତ୍ରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ଦୁର୍ନୀତି ଓ ହତ୍ୟାକାଣ୍ଡ ପ୍ରସଙ୍ଗକୁ ଏଡାଇବାକୁ ଯାଇ ବିଜେପି ନେତା ଶାରଦା ପ୍ରଧାନଙ୍କୁ ମିଛ କେସରେ ଫସାଇ ଦେବାର ଷଡଯନ୍ତ୍ର କରିଛନ୍ତି ।

# ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ଲୋକାର୍ପଣ ସମାରୋହ

ଭୁବନେଶ୍ୱର,୨୦/୦୩ (ନି.ପ୍ର): ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘର ଲୋକାର୍ପଣ ସମାରୋହ ତଥା ପ୍ରଥମ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ୟୁନିଟ-୪ସ୍ଥିତ ମା ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଧ୍ୟବି ବର୍ଗଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଗଢି ଉଠିଥିବା ଏହି ଗଣସଂଗଠନ ବିଗତ ଏକବର୍ଷ ହେବ ତାର ସଂଗ୍ରାମ ଜାରି ରଖିଛି । ସରକାରୀସ୍ତରରେ ୧୮୬୦ ଆଇନରେ ପଞ୍ଜିକୃତ ହେବା ପରେ ଏହି ସଂଗଠନର ପ୍ରଥମ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ୨୦.୩.୨୦୨୧ ରିଖରେ ସଂଗଠନର ରାଷ୍ଟ୍ରୀୟ ସଭାପତି ପ୍ରଦିପ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କୈଳାସ ଚନ୍ଦ୍ର ରଥ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ସ୍ୱାଇଁ, ଦେବାଶିଷ ମିଶ୍ର, ଭକ୍ତଚରଣ ରାୟ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ସାଂଗଠନିକ ସମ୍ପାଦକ ଆଶିଷ କୁମାର ବେହେରା ସ୍ୱାଗତ ଭାଷଣ ଦେବା ସହିତ ଆଗାମୀ ଦିନରେ ମହାସଂଘର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକାରିଣୀ ବୈଠକରେ ମହାସଂଘର ଆଭିମୁଖ୍ୟ ଓ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଚିଠା ପ୍ରସ୍ତାବ ମହାସଂଘର ସାଧାରଣ ସମ୍ପାଦକ ଶ୍ରୀ କେ. ବାଲାରାଜୁ ଆଚାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ବେଳେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା ।

# ସାରଦା ପ୍ରଧାନଙ୍କୁ ଗିରଫ ଦାବିରେ ପୋଲିସ୍ କମିଶନରଙ୍କୁ ଭେଟିଲା ବିଜେଡ଼ି

ଭୁବନେଶ୍ୱର,୨୦/୦୩ (ନି.ପ୍ର): ମାହାଙ୍ଗାରୁ ବିଧାନସଭାର ନିର୍ବାଚନ ଲଢ଼ିଥିବା ସାରଦା ପ୍ରଧାନ ଏବେ ଭୁବନେଶ୍ୱରରେ ଆତଙ୍କରାଜ ଚଳାଇଛନ୍ତି । ନୟାପଲ୍ଲୀ ଥାନା ଆଇଆରସି ଭିଲେଜ୍ ଏନ-୩ର ଏକ ଘରେ ନିଜ ଅପରାଧିକ ସହଯୋଗୀଙ୍କୁ ଧରି ଜୋରଜବରଦସ୍ତ ପ୍ରବେଶ କରି ଅଭଦ୍ରୋଚିତ ବ୍ୟବହାର, ଆକ୍ରମଣ, ସମ୍ପତି ନଷ୍ଟ ଓ ଲୁଟ୍ ଭଳି ଜଘନ୍ୟ କାର୍ଯ୍ୟ କରିଛନ୍ତି । ଏହି ପ୍ରସଙ୍ଗରେ ଶନିବାର ମାହାଙ୍ଗା ବ୍ଲକ ଚେୟାରମ୍ୟାନ୍ ଶରତ ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଚେୟାରମ୍ୟାନ୍ ସବିତା ଓଝା, ଉଭୟ ବ୍ଲକର ଭାଇସ୍ ଚେୟାରମ୍ୟାନ୍ ରସିଦା ବେଗମ ଓ ସବିତା ମହାନ୍ତିଙ୍କ ସମେତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଶତାଧିକ କର୍ମୀ ଓ ନେତୃମଣ୍ଡଳୀ ଭୁବନେଶ୍ୱର/କଟକ କମିଶନରେଟ୍ ପୋଲିସ୍‌ର କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଭାରତୀୟ ଦଣ୍ଡବିଧାନ ଆଇନ୍‌ର ଧାରା ୪୫୦ ଓ ୩୯୫ ଭଳି ସଙ୍ଗୀନ ଦଫାରେ ଅଭିଯୁକ୍ତ ସାରଦା ପ୍ରଧାନ ଓରଫ ବୁଲୁଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ଦାବି କରିଥିଲେ । ବିଜେଡ଼ି ମୁଖପାତ୍ର ଶ୍ରୀ ଲେନିନ୍ ମହାନ୍ତି କହିଛନ୍ତି ଯେ, ଯେଉଁ ବ୍ୟକ୍ତି ୧୯୯୭ ମସିହାରେ ବିପିଏଲ୍ ତାଲିକାଭୁକ୍ତ ଥିଲେ ଏବେ ସେ କୋଟି କୋଟି ଟଙ୍କା ସମ୍ପତିର ଅଧିକାରୀ । ତାଙ୍କ ନିର୍ବାଚନୀ ସତ୍ୟପାଠରେ ସେ ଏହାକୁ ଉଲ୍ଲେଖ କରିଛନ୍ତି । ଏହି ଧନ କେଉଁ ଉତ୍ସରୁ ଅର୍ଜନ କରିଛନ୍ତି ତାହା ତଦନ୍ତ ସାପେକ୍ଷ । ସାରଦା ପ୍ରଧାନଙ୍କ ନାମରେ ୨୦୦୨ରୁ ୨୦୨୦ ମଧ୍ୟରେ ଅନେକ ଫୌଜଦାରୀ ମାମଲା ମଧ୍ୟ ରୁଜୁ ହୋଇଛି । ଧନୀ ଓ ଅପରାଧରେ ଜଡ଼ିତ ଲୋକଙ୍କ ପାଖରେ ମୂଲ୍ୟବାନ ସାମଗ୍ରୀ ପହଂଚାଇବା, ଓଆରଏଚଡିସିରେ ଅନିୟମିତତା କରିବା, ଋଣ ଆଣି ଫେରସ୍ତ ନ କରିବା, ଦଳିତ ଲୋକଙ୍କ ଘରେ ପଶି ଆକ୍ରମଣ କରିବା ଭଳି ଅପରାଧରେ ସେ ଜଡ଼ିତ ଅଛନ୍ତି । ଭାରତୀୟ ଜନତା ପାର୍ଟିର ସମର୍ଥନ ପାଇ ସାରଦା ପ୍ରଧାନ ଓରଫ ବୁଲୁଙ୍କର ଔଦ୍ଧତ୍ୟାମୀ ଦିନକୁ ଦିନ ଆହୁରି ବଢ଼ିଚାଲିଛି । ଭାରତୀୟ ଜନତା ପାର୍ଟି ଏକ ରାଷ୍ଟ୍ରୀୟ ଦଳ ହିସାବରେ ସମାଜକୁ କଳଙ୍କିତ କରୁଥିବା ଏକ ଘୃଣ୍ୟ ବ୍ୟକ୍ତିତ୍ୱକୁ ପ୍ରୋତ୍ସାହନ ନ ଦିଅନ୍ତୁ ବୋଲି ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି ।

ବାଲେଶ୍ୱର, ରବିବାର, ୨୧ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି



# ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟକ ସାମ୍ମୁଖ୍ୟର ଜିଲ୍ଲା ସ୍ତରୀୟ ବୈଠକ

ଜଳେଶ୍ୱର, ୨୦/୩ (ନିପ୍ର) : ସାମ୍ପ୍ରତିକ ସ୍ଥିତିରେ ଅଙ୍ଗନୱାଡି କର୍ମୀଙ୍କୁ ସୁବିଧାସୁଯୋଗ ଦେବାଲାଗି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକେ ଅନ୍ୟକୁ ଦୋଷ ଦେଉଥିବା ବେଳେ ୧୯୭୫ ମସିହାରେ କାର୍ଯ୍ୟ ଆରମ୍ଭ କରିଥିବା ଅଙ୍ଗନୱାଡି କର୍ମୀ ଯୋଜନା ଲାଗି ଗଠିତ ହୋଇଥିବା ସଂଘ ଏବେ ପଥଭ୍ରଷ୍ଟ ହୋଇଛି। ତେଣୁ ଓଡିଶାରେ ବିଜୁ ଶ୍ରମିକ ସାମୁଖ୍ୟ ସହିତ ଅନୁବନ୍ଧିତ ହୋଇ ରାଜ୍ୟରେ ଏକ ବଡ ସଂଗଠନ କାର୍ଯ୍ୟ କରୁଛି ବୋଲି ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଛନ୍ତି। ୮ ଦଫା ଦାବି ମଧ୍ୟରେ ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ୧୮ହଜାର ଟଙ୍କା ଦରମା ପ୍ରଦାନ, ରାଷ୍ଟ୍ରିୟ ଶିକ୍ଷାନିତୀ ଅନୁଯାୟୀ ଶିକ୍ଷର ମାନ୍ୟତା, ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଇପିଏଫ ଲାଗୁ କରିବା, ମିନି ଅଙ୍ଗନୱାଡି କର୍ମୀ ମାନଙ୍କୁ କର୍ମୀର ମାନ୍ୟତା ଦେବା, ମିନି ଅଂଗନୱାଡି କେନ୍ଦ୍ରରେ ସହାୟିକା ନିଯୁକ୍ତି ଇତ୍ୟାଦି ଦାବି ସଂପର୍କରେ ଶ୍ରୀମତି ପଣ୍ଡା ଆଲୋଚନା କରିବା ସହ ରାଜ୍ୟରେ ଏକ କର୍ପୋସଫଣ୍ଡ ସୃଷ୍ଟି କରାଯାଇଥିବା ସଂପର୍କରେ କହିଥିଲେ। ଗ୍ରୀଷ୍ମକାଳୀନ ଛୁଟିର ଇନ୍‌ସେଣ୍ଟିଭ୍ ଭତ୍ତି ପ୍ରଦାନ ଇତ୍ୟାଦି ସଂପର୍କରେ ରାଜ୍ୟ ସରକାର କୋହଳ ମନୋଭାବ ପ୍ରଦର୍ଶନ କରିଥିବା ବେଳେ ପ୍ରତି ପିଲାଙ୍କ ଲାଗି ଆସୁଥିବା ୮ଟଙ୍କାର ପୁଷ୍ଟିକର ଖାଦ୍ୟ ୧୨ଟଙ୍କାକୁ ବୃଦ୍ଧି ଓ ଅବସରକାଳୀନ ଭତ୍ତା ଦିଆଯିବା ସଂପର୍କରେ କହିଥିଲେ। ସମ୍ମାନୀତ ଅତିଥିଭାବେ ସାମୁଖ୍ୟର ଉପଦେଷ୍ଟା ତଥା ଆଟ୍ ଅଫ ଗିଭିଙ୍ଗର ଜିଲା ସଂଯୋଜକ ଆଇନ୍‌ଜିବୀ ଅନୀଲ କୁମାର ପରିଡା ଅଙ୍ଗନୱାଡି କର୍ମୀ ଏକ ପରିବାରର ଅଗଣାବୋଲି ପ୍ରକାଶ କରି ନାରୀଜାତିର ଉନ୍ନତି ବିନା ଜାତୀର ବିକାଶ ଅସମ୍ଭବ ଏବଂ ସେମାନଙ୍କ ଦକ୍ଷତା, କର୍ତ୍ତବ୍ୟପରାୟଣତା ଓ ସାଂଗଠନୀକତା ପ୍ରଣିଧାନଯୋଗ୍ୟ ବୋଲି କହିଥିଲେ। ଜଳେଶ୍ୱର ବ୍ଲକ ସଭାନେତ୍ରୀ ବନଜା ଦାସ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ ଦାବି ଓ ସଂଘୀୟ ବ୍ୟବସ୍ଥା ସାମୁଖ୍ୟକୁ କିପରି ଶକ୍ତି ଦେଇପାରି ସେ ସଂପର୍କରେ କହିଥିଲେ।

## ଓଡିଶା ନୌସେନା ଅଧିକାରୀଙ୍କୁ ରାଜ୍ୟପାଳଙ୍କ ଡାକରା



ପାରାଦ୍ୱୀପ ତା୨୦/୦୩ ଓଡିଶା ନୌସେନା ଅଧିକାରୀ ତଥା ଆଇଏନ୍‌ଏସ୍ ଚିଲିକାର କମାଣ୍ଡର ଏନ୍.ପି.ପ୍ରଦୀପ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଡାକରା ପାଇ ମାର୍ଚ୍ଚ ୧୮ ତାରିଖରେ ଭୁବନେଶ୍ୱର ରାଜଭବନରେ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ପରିପ୍ରେକ୍ଷୀରେ ରାଜ୍ୟପାଳ ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବୁଝିଥିଲେ । ମଧ ଉପକୂଳ ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ନିରାପତ୍ତା, ଉପକୂଳ ଓଡିଶାର ନୌସେନାର ପ୍ରସ୍ତୁତି ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟପାଳ କମାଣ୍ଡର ପ୍ରଦୀପଙ୍କ ସହ ଆଲୋଚନା କରିଥିଲେ । ଏହି ସୂଚନା ଆଇଏନ୍‌ଏସ୍ ଚିଲିକାର ଲୋକସମ୍ପର୍କ ଅଧିକାରୀ ବିନୋଦ କୁମାର ମିଶ୍ରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରୁ ପ୍ରକାଶ ।

# ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର,୨୦/୦୩ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର୧୫ତଅମ ବାର୍ଷିକ ଜିଲା ସାଂଗଠନିକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାଗୃହରେ ଆୟୋଜିତ ସମ୍ମିଳନୀରେ ପ୍ରଫେସର ଅନନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ସାଧାରଣ ସଂପାଦକ ନିରଞ୍ଜନ ପରିଡ଼ା ଗତବର୍ଷର ବିବରଣୀ ଓ କୋଷାଧକ୍ଷ ଇଂ. ବନମାଳୀ ନାୟକ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିମାନେ ୨୦୨୦ ମସିହାର ମୁଖପତ୍ରକୁ ଉନ୍ମୋଚିତ କରିଥିଲେ ଓ ନିରଞ୍ଜନ ରାଉତ ସଂପାଦକୀୟ ବିବରଣୀ ପାଠ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ କର୍ମକର୍ତ୍ତା ଭଗବାନ ଚନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଫକୀରମୋହନ ମେଡିକାଲ୍ କଲେଜ୍ ସରକାରୀ ସ୍ୱାସ୍ଥ୍ୟ ସେବା କମିଟିର ସଦସ୍ୟ ତଥା ରୋଟାରିୟାନ୍ ସୁବ୍ରତ କର ଓ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଧିରେନ୍ଦ୍ର ନାରାୟଣ ଦାସ ପ୍ରମୁଖଙ୍କୁ ସେମାନଙ୍କ ଅବଦାନ ପାଇଁ କମିଟି ତରଫରୁ ମମତା ମହାପାତ୍ର ଓ ପ୍ରଫୁଲ୍ଲ ଦାସ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଂବର୍ଦ୍ଧିତ କରିଥିଲେ। ୨୦୨୦ରେ କମିଟିର ପୃଷ୍ଠପୋଷକ ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ବ୍ଲକ ଓ ଜିଲ୍ଲା କମିଟିରୁ ଦିଲ୍ଲୀପ ଗିରି, ମାୟାଧର ନାୟକ, ଚିତ୍ତରଂଜନ ଦାଶ, ଶଙ୍କର କର, ଦୁଷ୍ମନ୍ତ ଦାସ, ସନ୍ନ୍ୟାସୀ ବେହେରା, କୁମୁଦ ରଂଜନ ଗିରି, ଯଶୋଦାନନ୍ଦନ ଆସ, ବନ୍ଦନା ପାଲ୍, ମମତା କୁଣ୍ଡୁ, ପ୍ରଦୀପ ଦାସ, କାଞ୍ଚନ ବାଳା ପାତ୍ର, ମିନତୀ ରାୟ, ସେକ୍ କରିମୁଦ୍ଦିନ୍, ଭୃଗୁରାମ କର, ଜାମସେଦ୍ ଅଲ୍ଲୀ ଖାଁ, ମହେନ୍ଦ୍ର ପ୍ରସାଦ ନାୟକ, ବିଧାନ ଚନ୍ଦ୍ର ରାୟ, ଦାମୋଦର ଦାଶମହାପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ମେଡିକାଲ କଲେଜ ସମେତ ସ୍ଥାନୀୟ ଅଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ସେମାନଙ୍କ ବକ୍ତବ୍ୟରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ମେଡିକାଲ୍ କଲେଜ୍ ସଂଲଗ୍ନ ୬୫୦ ଶଯ୍ୟା ବିଶିଷ୍ଟ ହସପିଟାଲ୍‌ର ନିର୍ମାଣ କାର୍ଯ୍ୟ ଓ ଉଭୟ ଦିଗରୁ ପ୍ରସ୍ତାବିତ ରାସ୍ତାନିର୍ମାଣ, କଲେଜ୍ ପ୍ରବେଶ ପଥରେ ସୁଦୃଶ ଫାଟକ ନିର୍ମାଣ, ଏମ୍‌ସ ସେଟ୍‌ଲାଇଟ୍ ସେଣ୍ଟରର ୩୫୦ ଶଯ୍ୟା ବିଶିଷ୍ଟ ହସପିଟାଲ୍ ପାଇଁ ଅର୍ଥ ମଂଜୁର ଓ ବହିଃ ବିଭାଗର ନିର୍ମାଣ କାର୍ଯ୍ୟ ଶେଷ କରିବା, ଆୟୁଷ ହସ୍‌ପିଟାଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ନର୍ସିଂ ଓ ଫାର୍ମାସିଷ୍ଟ୍ କଲେଜ୍ ପ୍ରତିଷ୍ଠା କରିବା, ମାନସିକ ରୋଗ, ହୃଦରୋଗ ଓ କିଡ୍‌ନି ଜନିତ ରୋଗର ଚିକିତ୍ସାପାଇଁ ବିଶେଷଜ୍ଞ ଡାକ୍ତର ଓ ଜିଲ୍ଲାରେ ଖାଲି ପଡ଼ିଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଦେବା ଓ ସ୍ୱତନ୍ତ୍ର ଜରା ରୋଗୀ ୱାର୍ଡ଼ ପ୍ରତିଷ୍ଠା କରିବା ପ୍ରଭୃତି ଦାବି ପ୍ରସ୍ତାବ ଏହି ସମ୍ମିଳନୀରେ ଗୃହୀତ ହୋଇଛି। ଆସନ୍ତା ଦୁଇବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଦୀନବନ୍ଧୁ ଲେଙ୍କା ପାଠ କରିଥିଲେ ଓ ଡଃ କେଶବ ପଣ୍ଡା କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

## ସହାୟତାର ହାତ ବଢାଇଲେ ପର୍ଯ୍ୟଟନ ମନ୍ତ୍ରୀ



ଖଇରା,୨୦/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମଛଦା ଗ୍ରାମରେ ଅନ୍ଧାର କୋଠରୀରେ ଜୀବନ ବିତାଉଥିବା ମାନସିକ ବିକାରଗ୍ରସ୍ତ ମଣିଷ ଉପେନ୍ଦ୍ର ଶିଅଳଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ଶନିବାର ଉକ୍ତ ଖବର ଧରିତ୍ରୀରେ ପ୍ରକାଶ ପରେ ମନ୍ତ୍ରୀ ପାଣିଗ୍ରହୀ ଙ୍କ ପ୍ରତିନିଧି ଭାବେ ପୂର୍ବତନ ସରପଞ୍ଚ କରୁଣାକର ଜେନା ଶିଅଳଙ୍କ ପରିବାରକୁ ଭେଟି ଉପେନ୍ଦ୍ରଙ୍କ ଚିକିତ୍ସା ପାଇଁ ବାପା ବାଉ ମଳିକଙ୍କ ହାତରେ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଉପେନ୍ଦ୍ରଙ୍କ ପାଇଁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ର ଯଥାଶୀଘ୍ର ବନ୍ଦୋବସ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଫଟୋ-ଉପେନ୍ଦ୍ରଙ୍କ ବାପା ବାଉ ମଳିକଙ୍କୁ ସହାୟତା ପ୍ରଦାନ କରାଯାଉଛି ।

## ଓସିଏ 'ଭିଜନ-୨୦୨୪' ଆନ୍ତଃ ଜିଲ୍ଲା କ୍ଲବ ସିନିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

# ଉତ୍କଳିକା କ୍ଲବ ଓ ଜଗନ୍ନାଥପୁର କ୍ରିକେଟ କ୍ଲବ ବିଜୟୀ

ଭଦ୍ରକ,୨୦/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡ ଓ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ ଦୁଇଟି ସ୍ଥାନରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିସିଏସନ ଦ୍ୱାରା ଆୟୋଜିତ ହୋଇ ଚାଲୁଥିବା ଆନ୍ତଃ ଜିଲ୍ଲା ସିନିୟର କ୍ଲବ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୯.୧ ଓଭରରେ ୨୧୬ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଯାଇଥିଲେ। ଶାଶ୍ୱତ ଚନ୍ଦ୍ର ଦାସ ୭୦, ନିର୍ମଳ ବିଶ୍ୱାଳ ୫୭, ବିଶ୍ୱରଂଜନ ରାୟ ୨୬ ରନ କରିଥିଲେ। ଉତ୍କଳିକା କ୍ଲବ ପକ୍ଷରୁ ଦେବାଶିଷ ଗିରି ୫ଟି, ଚନ୍ଦ୍ରଶେଖର ବେହେରା ୩ଟି, ସତ୍ୟ ସୁନ୍ଦର ମହାକୁଡ଼ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧ ବ୍ୟାଟିଂରେ ଉତ୍କଳିକା କ୍ଲବ ରଶ୍ମି ରଂଜନ ମହାକୁଡ଼ ଶତକୀୟ ଇନିଙ୍ଗ୍‌ସ ବଳରେ ୨୫.୨ ଓଭରରେ ମାତ୍ର ୨ଟି ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ରଶ୍ମି ରଂଜନ ୧୦୦, ସତ୍ୟ ରଂଜନ ଦାସ ୬୭, ଦିବ୍ୟଜ୍ୟୋତି ପଣ୍ଡା ୨୨ ରନ କରିଥିଲେ। ଚାନ୍ଦବାଲି ସ୍ପୋର୍ଟସ୍ ଆସୋସିଏସନ ପକ୍ଷରୁ ଆଶୁତୋଷ ବେହେରା ଦୁଇଟି ଯାକ ଉଇକେଟ ନେଇଥିଲେ। ଉତ୍କଳିକା କ୍ଲବ ୮ ୱିକେଟରେ ମ୍ୟାଚ ଜିତିଥିଲା। ଉତ୍କଳିକା ଦଳର ୫ ଉଇକେଟ ନେଇଥିବା ଦେବାଶିଷ ଗିରିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଏହି ମ୍ୟାଚଟି ଗାନ୍ଧୀ କ୍ଲବ ଓ ଜଗନ୍ନାଥପୁର କ୍ରିକେଟ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଗାନ୍ଧୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୨.୪ ଓଭରରେ ୧୮୫ ରନ କରି ଅଲ୍ ଆଉଟ ହୋଇଯାଇଥିଲେ। ଦଳ ପକ୍ଷରୁ ସୁରଜିତ ସାହୁ ୩୧, ଦିବ୍ୟଜ୍ୟୋତି ସାହୁ ୨୨, ସନ୍ଦିପ ମହାକୁଡ଼ ୨୧ ଓ ଅନନ୍ତ ନାୟକ ୨୧ ରନ କରିଥିଲେ। ଜଗନ୍ନାଥପୁର କ୍ରିକେଟ କ୍ଲବ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ୪ଟି, ବିଶ୍ୱନାଥ ନାୟକ ୨ଟି ଓ କ୍ଷମାସାଗର ବଳ ୨ଟି ଉଇକେଟ ନେଇଥିଲେ।

# ଉଠାଦୋକାନୀଙ୍କ ଥଇଥାନ ଲାଗି ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୯/୩ (ନିପ୍ର) : ଜଳେଶ୍ୱର ବଡବଜାର ତଥା ୧୧ ନଂ ୱାର୍ଡରେ ୩ଏକର୨୬ ଡିସିମିଲ ପରିମିତ ଡିଷ୍ଟ୍ରିକ୍ଟବୋର୍ଡ ପୋଖରୀ ହୁଡାର ୩ ପଟେ କଂକ୍ରିଟରୋଡ ନିର୍ମାଣ କରାଯାଇଛି। ୪୫ନଂ ରେଳ ଓଭରବ୍ରିଜ୍ ନିର୍ମାଣ ଯୋଗୁଁ ଉଚ୍ଛେଦ ହୋଇଥିବା କେତେକ ଉଠା ଦୋକାନୀଙ୍କୁ ସାମୟିକଭାବେ ବସା ଯାଇଥିଲା। ହେଲେ ଜନୈକ ବ୍ୟକ୍ତି ଅସ୍ଥାୟୀ ଗୁମୁଟି ମଧ୍ୟରେ ଏକ ସ୍ଥାୟୀ ଗୃହ ନିର୍ମାଣ କରୁଥିବାରୁ ଗତ ଶୁକ୍ରବାର ଅପରାହ୍ନରେ ଅଭିଯୋଗ କରାଯାଇଥିଲା। ଆଜି ସେଠାରେ ଉଠା ଦୋକାନ କରିବାଲାଗି କେତେକ ବ୍ୟକ୍ତି ପୌରକାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନ କରିଥିବା ସଂପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପୌର କାର୍ଯ୍ୟଳୟ ପକ୍ଷରୁ ସେଠାରେ ସ୍ଥାୟୀ ଦୋକାନ ଗୃହ ଯୋଗାଇ ଦେବାକୁ ଦାବି କରିଛନ୍ତି।



## ହଷ୍ଟେଲରେ କରୋନା ବ୍ୟାପିବା ଘଟଣାରେ ଜିଲ୍ଲା ପ୍ରଶାସନକୁ ପଦକ୍ଷେପ ନେବାକୁ କୁହାଯାଇଛି : ମନ୍ତ୍ରୀ

ଭୁବନେଶ୍ୱର,୨୦/୦୩(ନି.ପ୍ର): ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୋରନା ପାଇଁ ସ୍ୱତନ୍ତ୍ର ଗାଇଡ୍ ଲାଇନ ଉଭୟ ଘରୋଇ ଓ ସରକାରୀ ହଷ୍ଟେଲ ପାଇଁ ଲାଗୁ ହେଉଛି । ସରକାରୀ ହଷ୍ଟେଲ ସ୍କୁଲ ଓ କଲେଜର ହଷ୍ଟେଲରେ କୋରନା ସଂକ୍ରମଣ ସାମ୍ନାକୁ ଆସିନାହିଁ ବୋଲି କଟକର ଏକ ଘରୋଇ କଲେଜ ହଷ୍ଟେଲରେ ବହୁ ସଂଖ୍ୟାରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେ କହିଛନ୍ତି ଯେ ଗାଇଡ୍ ଲାଇନକୁ କଡାକଡି କାର୍ଯ୍ୟକାରୀ କରିବା ପାଇଁ ଆମେ ନିର୍ଦ୍ଦେଶ ଦେଇଛୁ । ଘରୋଇ ହଷ୍ଟେଲ ମାନଙ୍କରେ କିଛି ସ୍ଥାନରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ତାକୁ ବନ୍ଦ କରାଯାଇଛି । ଯେଉଁ ଘରୋଇ ହଷ୍ଟେଲରେ ସଂକ୍ରମଣ ଦେଖାଯାଉଛି ସେଠି ଜିଲ୍ଲା ପ୍ରଶାସନକୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସଦର ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ବାଲେଶ୍ୱର,୨୦/୦୩ (ନି.ପ୍ର): ସଦର ବିଧାୟକ ସ୍ୱରୂପ ଦାସ ବାଲେଶ୍ୱର ସହରରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କିଛନ୍ତି। ଶନିବାର ସକାଳେ ପ୍ରଥମେ ଭାସ୍କରଗଞ୍ଜ ସ୍ଥିତ ବାପଟିଷ୍ଟ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନଙ୍କ ଶ୍ମଶାନର ଉନ୍ନତି ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ଶ୍ରୀ ଦାସ ଯୋଗଦେଇ ଏହି ପ୍ରକଳ୍ପର ଶୁଭ ଦେଇଥିଲେ । ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପାଇଁ ଦେଇଥିବା ପ୍ରତିଶ୍ରୁତି ରଖିଥିବାରୁ ବିଧାୟକ ଶ୍ରୀ ଦାସ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ବାପଟିଷ୍ଟ ବର୍ଗର ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନଙ୍କ ଶ୍ମଶାନରେ ଏକ ରେଷ୍ଟ ସେଡ, ପାନୀୟ ଜଳ ପାଇଁ ଟ୍ୟୁବୱେଲ ଓ ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣ ପାଇଁ ୨୨ ଲକ୍ଷ ୪୧ ହଜାର ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ବାଲେଶ୍ୱର ପୌରପାଳିକା ପକ୍ଷରୁ ଅବିଳମ୍ବେ ଆରମ୍ଭ କରାଯିବ ବୋଲି ଶ୍ରୀ ଦାସ କହିଥିଲେ । ଏହା ସହିତ କ୍ୟାଥୋଲିକ ସମ୍ପ୍ରଦାୟର ଶ୍ମଶାନର ଉନ୍ନତି ପାଇଁ ମଧ ପ୍ରକଳ୍ପର ଶୁଭାରମ୍ଭ କରାଯିବ ବୋଲି ସେ କହିଥିଲେ । ଏହି ପ୍ରକଳ୍ପର ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ସଦର ବିଧାୟକଙ୍କୁ ସ୍ଥାନୀୟ ବାସିନ୍ଦା କୃତଜ୍ଞତା ଜଣାଇଥିଲେ । ପୂର୍ବ ପ୍ରତିଶ୍ରୁତି ଅନୁସାରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନଙ୍କ ଆବଶ୍ୟକତା ପୂରଣ ପାଇଁ ବିଧାୟକ ପଦକ୍ଷେପ ନେବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ । ପରେ ବିଧାୟକ ଶ୍ରୀ ଦାସ ସ୍ଥାନୀୟ ଦରଘା ମଇଦାନ ନିକଟରେ ୨୭ ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳରେ କବରସ୍ଥାନ ନିର୍ମାଣ ପାଇଁ ନୂତନ ପ୍ରକଳ୍ପର ଶୁଭଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ସହିତ ସ୍ଥାନୀୟ ପରମିଟ ପଡିଆରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖୋଲା ଜିମ୍‌କୁ ସଦର ବିଧାୟକ ଶ୍ରୀ ଦାସ ଉଦଘାଟନ କରିଥିଲେ । ପୂର୍ବତନ ପୌରଉପାଧକ୍ଷ ମନୋଜ ରାଉତ, ଟାଉନ ବିଜେଡି ସଭାପତି ସନତ ଦାସ, ବିଜେଡି ଯୁବ ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଭାଗବତ ସାହୁ, ସୁବୋଧ ମହାନ୍ତି, ଜୟପ୍ରକାଶ ଦାଶ, ସଞ୍ଜିବ ଦାସ, ଇନ୍ତେଖ୍ୱାବ ଅଲ୍ଲୀ ଖାନ, ପୂର୍ଣ୍ଣଚନ୍ଦ୍ର ନାୟକ, ଚିତରଞ୍ଜନ ସାହୁ, କୈଳାସ ସେଠୀ, କୈଳାଶ ଦାଶ, ସାକିର ଖାଁ, ଉମାଶଙ୍କର ତିଆଡି ପ୍ରମୁଖଙ୍କ ସମେତ ବାଲେଶ୍ୱର ପୌରପାଳିକାର କର୍ମଚାରୀମାନେ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



# ଜିପି ପେଟ୍ରୋଲିୟମ ଲିମିଟେଡ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୦।୩(): ଦେଶର ଅଗ୍ରଣୀ ଲୁବ୍ରିକେଣ୍ଟଓ ପେଟ୍ରୋଲିୟମ ସାମଗ୍ରୀ ଉତ୍ପାଦନକାରୀ କମ୍ପାନି 'ଜିପି ପେଟ୍ରୋଲିୟମ ଲିମିଟେଡ' ପକ୍ଷରୁ ବାଲେଶ୍ୱର ସହରର ମେକାନିକ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ପବ୍ଲିକ ହାଇସ୍କୁଲ ପରିସରରେ ଅୟୋଜିତ ଏହି ଶିବିରକୁ କମ୍ପାନିର ଓଡିଶା ମୁଖ୍ୟ ସନ୍ଦୀପ ନାୟକ ଉଦଘାଟନ କରିଥିଲେ। ଦୁଇ ଚକିଆ ଓ ଚାରି ଚକିଆ ଯାନରେ ଜିପି ପେଟ୍ରୋଲିୟମର ଉତ୍ପାଦ ରେପସୋଲ ଓ ଆଇପୋଲ ଲୁବ୍ରିକେଂଟ ବ୍ୟବହାର କରୁଥିବା ମେକାନିକମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ନାୟକ କହିଥିଲେ। ଡାକ୍ତରମାନଙ୍କ ଦ୍ୱାରା ମେକାନିକ ଓ ସେମାନଙ୍କ ପରିବାରବର୍ଗଙ୍କ ନିରୋଗ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ନିୟମିତ ବ୍ୟବଧାନରେ ଏଭଳି ଶିବିର ଆୟୋଜନ କରାଯାଇଥାଏ ବୋଲି ସେ ସୂଚନା ଦେଇଥିଲେ। କମ୍ପାନିର ମାର୍କେଟିଂ ମ୍ୟାନେଜର ରାକେଶ ରୋଶନ ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିପି ପେଟ୍ରୋଲିୟମର ବାଲେଶ୍ୱର ଡିଷ୍ଟ୍ରିବ୍ୟୁଟର ସିଏମ ଅଟୋମୋବାଇଲ୍‌ସ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ମୁଖ୍ୟ ହେମନ୍ତ କୁମାର ମଲ୍ଲିକ ପୌରହିତ୍ୱ କରିଥିଲେ । କେବଳ କମ୍ପାନିର ଉତ୍ପାଦ ବିକ୍ରି ନିହେଁ ବରଂ ବାଲେଶ୍ୱର ସହରର ମେକାନିକମାନଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଏହି ଭଳି ଶିବିର ଆୟୋଜିତ ହୋଇଥିବା ସେ କହିଥିଲେ। ପ୍ରତ୍ୟେକ ତିନି ମାସରେ ଥରେ ଲେଖାଏଁ ଏହି ଶବିର ଆୟୋଜନ ହେବ ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ। ଏହି ଶିବିରରେ ଜିପି ପେଟ୍ରୋଲିୟମ ପକ୍ଷରୁ ଡାକ୍ତର ମାନସ ଦାସ, ଡାକ୍ତର ହେମନ୍ତ କୁମାର ଗିରି, ଡାକ୍ତର ଜ୍ୟୋତିପ୍ରକାଶ ମହାପାତ୍ର, ଡାକ୍ତର ହରପ୍ରିୟା ସାହୁ ପ୍ରମୁଖ ଚିକିତ୍ସକମାନେ ସମସ୍ତଙ୍କ ସାଧାରଣ ରୋଗ, ଚକ୍ଷୁ ଓ ରକ୍ତ ପରୀକ୍ଷା କରିଥିଲେ।



## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ବିୟୋଗ

ବାଲିଆପାଳ-୨୦.୩(ଆ.ପ୍ର) ବାଲିଆପାଳ ବ୍ଲକ ନୁଆଗାଁ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥଗିରିଙ୍କ ପତ୍ନୀ ତଥା ଅଙ୍ଗନବାଡିକର୍ମୀ ସୁରେଖା ଗିରିଙ୍କର ଆଜି ପରଲୋକ ହୋଇଯାଇଛି ।ସେ ଦୀର୍ଘଦିନଧରି କର୍କଟ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ଥିଲେ । ଆଜି ଅପରାହ୍ନରେ କଟ୍ରାମହହଲସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଖବର ପାଇ ରେବତୀ ପତ୍ରିକାର ସଂପାଦିକା ସୁବାସିନୀ ଜେନା,ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ସସାମ୍ବାଦଦିକକ ହାଡିବନ୍ଧୁ ରାଉତ, ବିଜେଡି ନେତା ବଳରାମ ସାହୁ, ଅମରେଶ ମିଶ୍ର, ପ୍ରଦୀପ ଜେନା, ବେଣୁଧଧର ଜେନା, ଅଜୟ ପାତ୍ର, ବିମଳ ସାହୁ, ସୂର୍ଯ୍ୟନାରରାୟଣ ପାତ୍ର, ଜୟନ୍ତ ଦଉତ, ନିଶାକର ସେଠୀ, ଶଶଧର ପ୍ରଧାନ, ଚକ୍ରଧର ଗିରି, ମିନତୀ ଜେନା, କମଳ କର ପ୍ରମୁଖ ବହୁମାନ୍ୟଗଣ୍ୟବ୍ୟକ୍ତି ଯୋଗଦାନ କରି ଶେଷଦର୍ଶନ କରିବା ସହ ଅମର ଅତ୍ମାର ସଦଗତି କାମନାକରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

## ସୁଫିୟାନା ଓ ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ ସମର୍ପଣ ଏକ ବର୍ଣ୍ଣାଢ୍ୟ ପରିବେଶରେ ରବିନ୍ଦ୍ର ମଣ୍ଡପରେ ଉଦଘାଟିତ

ଭୁବନେଶ୍ୱର,୨୦/୦୩(ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସୁଫିୟାନା ଓ ଆଧାତ୍ମିକ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ' ଏକ ବର୍ଣ୍ଣାଢ୍ୟ ପରିବେଶରେ ଆଜି ରବିନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଅଛି। ଭାରତୀୟ ଶୁଫିୟାନା ସଙ୍ଗୀତ ସହିତ ଅନ୍ୟାନ୍ୟ ଭକ୍ତି ରସାତ୍ମକ ଓ ଆଧାତ୍ମିକ ସଙ୍ଗୀତର ପ୍ରଚାର ଓ ପ୍ରସାର ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ। ଏହି ଉତ୍ସବ ୨୨ ତାରିଖ ପର୍ଯ୍ୟନ୍ତ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ସନ୍ଧ୍ୟାର ପ୍ରଥମ ପରିବେଷଣ ଥିଲା ବିଭୁ ବନ୍ଦନା ଯାହାକୁ ପରିବେଷଣ କରିଥିଲେ ଡ଼ ସଙ୍ଗୀତା ଗୋସାଇଁ। ସର୍ବବ୍ୟାପି ପରମାତ୍ମାଙ୍କ ମହାନତାର ସମ୍ବୋଧନ କବିତା ହେଉଛି ବିଭୁ ବନ୍ଦନା। ସେ ପ୍ରଥମେ ଜୀବନ ମୋର କର ଆହେ ନାଥ ପରେ ପରେ ଜୟ ଜଗଦିସ ଜୟ ସମ୍ପଦିଶ, ଦୟାମୟ ନାମ ବଲାଉଛ ତୁମେ ହୃଦୟରେ ଦୟା ନାହିଁ, ଶ୍ୟାମ ରଙ୍ଗେ ଆଖି ମୋ ଭରା ଆଦି ସୁମଧୁର ଭକ୍ତି ରସାତ୍ମକ ଓ ଆଧାତ୍ମିକ ସଙ୍ଗୀତ ପରିବେଷଣ କରିଥିଲେ ଯାହା ଦର୍ଶକ ପରମାତ୍ମାଙ୍କ ମହାନତାକୁ ହୃଦୟଙ୍ଗମ କରିଥିଲେ । ତାଙ୍କୁ ହାରମୋନିୟମରେ ଅଜୟ କୁମାର ଦାଶ, ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ବଂଶୀରେ ରୁଦ୍ର ପ୍ରସାଦ ପରିଡ଼ା ଏବଂ ମଞ୍ଜିରାରେ ବୃନ୍ଦନାଥ ସ୍ୱାଇଁ ସହଯୋଗ କରିଥିଲେ । ସନ୍ଧ୍ୟାର ଦ୍ୱିତୀୟ ତଥା ଅନ୍ତିମ ପରିବେଷଣ ଥିଲା ଅନାଦି ମିଶ୍ର ଓ ସାଥୀଙ୍କ ଦ୍ୱାରା ସୁଫି ସଙ୍ଗୀତ । ତାଙ୍କ ସୁଫି ସଙ୍ଗୀତ ପରିବେଷଣରେ ଥିଲା ପଞ୍ଜାବୀ ଲୋକ ସଙ୍ଗୀତର ଝଲକ।

# ପୁଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ଜରୁରୀ କାଳୀନ ସେବା ପାଇଁ ୧୧୨ ନମ୍ବର ଯୋଗାଯୋଗ ବ୍ୟବସ୍ଥାର ଶୁଭାରମ୍ଭ

ବାରିପଦା,୨୦/୦୩ (ନି.ପ୍ର): ଜରୁରୀ କାଳୀନ ଦ୍ରୁତ ସେବା ସହାୟତ ପାଇଁ ୧୧୨ ଫୋନ ନମ୍ବର ଯୋଗାଯୋଗ ବ୍ୟବସ୍ଥା ସମଗ୍ର ରାଜ୍ୟରେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ସୂଚନା ଯୋଗ୍ୟ ଯେ ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ଜରୁରୀ କାଳୀନ ସେବା ପାଇଁ ପୂର୍ବରୁ ଅଲଗା ଅଲଗା ଜରୁରୀ ଫୋନ ନମ୍ବର ଯୋଗାଯୋଗର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ଆସୁଥିବାବେଳେ ବର୍ତମାନ ଏହି ସେବା ନୂତନ ଜ୍ଞାନ କୌଶଳ ଉପଯୋଗ ଧାଧମରେ ରାଜ୍ୟ ସରକାର ଜନ ସାଧାରଣଙ୍କ ହୀତ ଦୃଷ୍ଟିରୁ କେବଳ ୧୧୨ ଫୋନ ନମ୍ବର ଜରିଆରେ ଯୋଗାଯୋଗ ପାଇଁ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ରାଜ୍ୟର ଜନସାଧାରଣଙ୍କ ବୃହତର ହୀତ ସାଧନ ନିମନ୍ତେ ତା୧୯.୦୩.୨୦୨୧ରିଖ ଅପରାହ୍ନ ୫ଘଟିକା ସମୟରେ ରାଜ୍ୟସ୍ତରରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ପୂର୍ବକ ଲୋକାର୍ପିତ ହୋଇଛି । ଏହି ପରିପେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ପୋଲିସ ବିଭାଗ ତତ୍ତ୍ୱାବଧାନରେ ଜିଲ୍ଲା ଆରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅପରାହ୍ନ ୫.୩୦ ଘଟିକା ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧକ୍ଷକ ସ୍ମିତ ପି.ପରମାର, ଭା.ପୁ.ସେ. ଯୋଗ ଦେଇ ଏହି ଜରୁରୀକାଳୀନ ଦ୍ରୁତ ସେବା ସହାୟତା ପାଇଁ ୧୧୨ ଫୋନ ନମ୍ବର ସେବା ଅନ୍ତର୍ଭୁକ୍ତ ଓଡିଶା ପୋଲିସ ଭ୍ୟାନ୍ ଓ ବାଇକ୍ ସେବା ଯାନକୁ ମଧ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲୀକ, ଡିଏସ୍‌ପି ପ୍ରଭାସ ପାଲ ଓ ସବିତା ମାଝୀ, ଏସ୍‌ଡିପିଓ ବାରିପଦା କେକେ ହରିପ୍ରସାଦ ପ୍ରମୁଖ ସମେତ ସଂପୃକ୍ତ ପୋଲିସ ବିଭାଗ ପଦାଧିକାରୀ / କର୍ମଚାରୀ ମାନେ ଯୋଗଦେଇଥିଲେ। ସଂରକ୍ଷୀତ ଆରକ୍ଷୀ ନିରୀକ୍ଷକ,ବାରିପଦା କୁଳମଣୀ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo